ମିଥ୍
ଓ
ଏହାର
କାବ୍ୟିକ ପ୍ରୟୋଗ

ଅଧ୍ୟାପିକା ଇନ୍ଦୁ ମିଶ୍ର

Digitized by srujanika@gmail.com

ମିଥ୍ ଓ ଏହାର କାବ୍ୟିକ ପ୍ରୟୋଗ

ଅଧ୍ୟାପିକା ଇନ୍ଦୁ ମିଶ୍ର

ଗ୍ରନ୍ଥ ମନ୍ଦିର

Digitized by srujanika@gmail.com

ପ୍ରକାଶକ : ଅଭିରାମ ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨
ଗ୍ରନ୍ଥମନ୍ଦିର, ମେନ୍‌ରୋଡ଼, ବ୍ରହ୍ମପୁର-୧

ମୁଦ୍ରକ : ଜୟରାମ ମହାପାତ୍ର
ଗ୍ରନ୍ଥପ୍ରକାଶିନୀ, ସୂତାହାଟ, କଟକ-୧

ପ୍ରଥମ ସଂସ୍କରଣ : ଡିସେମ୍ବର, ୧୯୮୪

ମୂଲ୍ୟ : ଟ ୧୩.୦୦
ସାଦାବନ୍ଧେଇ ଟ ୧୯.୦୦

Digitized by srujanika@gmail.com

ମୋର ପିତା ଶ୍ରୀଯୁକ୍ତ ହରେକୃଷ୍ଣ ମିଶ୍ରଙ୍କୁ
ଭକ୍ତି ଓ ସମ୍ମାନର ସହ ଗ୍ରନ୍ଥଟି
ଅର୍ପଣ କରୁଛି...

ଇନ୍ଦୁ

Digitized by srujanika@gmail.com

ଭୂମିକା

ମିଥ୍ ପୁରାଣ ପରଂପରା, ପ୍ରାଚୀନ ସଂସ୍କୃତି ତଥା ନୃତାତ୍ତ୍ୱିକ ଚେତନା ସହ ଜଡ଼ିତ । ସଭ୍ୟତା ଓ ସଂସ୍କୃତିର ବିକାଶ ଓ ବିବର୍ତ୍ତନଧାରାର ସଂକେତ ତହିଁରେ ସୁସ୍ପଷ୍ଟ । ନୃତାତ୍ତ୍ୱିକମାନଙ୍କ ମତରେ ପ୍ରାଥମିକ ପର୍ଯ୍ୟାୟରେ ଲୋକସ୍ତରରେ ପ୍ରଚଳିତ ମିଥ୍‌ଗୁଡ଼ିକ ପରବର୍ତ୍ତୀ କାଳରେ ପୁରାଣ ପରଂପରାରେ ସଂଗୃହୀତ ହୋଇଥାଏ । ପ୍ରାଚ୍ୟ ଭାରତୀୟ ପରଂପରାରେ 'ରାମାୟଣ' ଓ 'ମହାଭାରତ', ଯାହା ଯୁଗପତ୍ ଇତିହାସ ଓ ମହାକାବ୍ୟ ରୂପେ ପରିଗଣିତ ହେଉଥିଲା, ତହିଁରେ ଏଭଳି ବହୁ କାହାଣୀ ସଂଯୋଜିତ, ଯାହା ଲୋକସ୍ତରରେ ଚାରଣକବିମାନଙ୍କ ଦ୍ୱାରା ପ୍ରଚାରିତ ହେଉଥିଲା । ଗ୍ରୀକ୍ ପରଂପରାର 'ଓଡେସୀ' (Odyssey) ଓ 'ଇଲିୟାଡ୍' (Illiad)ରେ ଅନୁରୂପଭାବେ ଲୋକସ୍ତରରେ ପ୍ରଚଳିତ ମିଥ୍-ଗୁଡ଼ିକର ସଂକଳନ ଲକ୍ଷ୍ୟକରାଯାଏ । ସୁତରାଂ ବିଶେଷଜ୍ଞମାନଙ୍କ ମତରେ ମିଥ୍ ପୁରାଣରୁ ଉଦ୍‌ଭୂତ ନୁହେଁ, ପକ୍ଷାନ୍ତରେ ପୁରାଣ ମିଥ୍ ଉପରେ ଆଧାରିତ ଏକ ସ୍ୱୟଂସଂପୂର୍ଣ୍ଣ ଆଙ୍ଗିକ, ଯହିଁରେ ମିଥ୍‌ଗୁଡ଼ିକର ଅଧ୍ୟୟନ ବା ସାମଗ୍ରୀକରଣ ଘଟେ ।

ବସ୍ତୁତଃ, ଐତିହ୍ୟ ଓ ସଂସ୍କୃତି ପରଂପରାର ପୁନର୍ମୂଲ୍ୟାୟନ କ୍ଷେତ୍ରରେ ମିଥ୍‌ର ଏକ ବଳିଷ୍ଠ ଭୂମିକା ରହିଛି । ସାଂପ୍ରତିକ କାଳ ବିଜ୍ଞାନ ଓ ଟେକ୍‌ନୋଲଜିର ଯୁଗ । ପାରସ୍ପରିକ ବିଶ୍ୱାସବୋଧ ତହିଁରେ ଖଣ୍ଡିତ; ଆଧ୍ୟାତ୍ମିକ ଚେତନା ବିପର୍ଯ୍ୟସ୍ତ । ବିଶ୍ୱସାହିତ୍ୟ ପରଂପରାରେ ଅତିବାସ୍ତବବାଦ (Surrealism) ଓ ଅସ୍ତିତ୍ୱବାଦ (Existencialism) ସମେତ ପ୍ରାପ୍ତ ସମସ୍ତ ନୂତନ ବାଦ ଏହି ମାନବିକ ସମସ୍ୟାବଳୀର ସମାଧାନ ଦିଗରେ ବିଫଳ । କାରଣ ଏହିସବୁ ବାଦ, ପରଂପରା ଓ ସଂସ୍କୃତିଠାରୁ ବିଚ୍ଛିନ୍ନ ଓ ଆତ୍ମକୈନ୍ଦ୍ରିକ । ସୁତରାଂ ଏହାଦ୍ୱାରା ମାନବିକ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ । ଏହି ପରିପ୍ରେକ୍ଷୀରେ ବିଶ୍ୱସାହିତ୍ୟ ପରଂପରାରେ ମିଥ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ । କାରଣ ଛିନ୍ନମୂଳ ସାଂପ୍ରତିକ ସଭ୍ୟତାକୁ ଏହା ପ୍ରାଚୀନ ସଂସ୍କୃତି ଓ ପରଂପରା ସହ ନିବିଡ଼ ଯୋଗସୂତ୍ରରେ ଗ୍ରଥିତ କରି ପୁରୋଦୃଷ୍ଟିର ସଂକେତ ଦିଏ ।

Digitized by srujanika@gmail.com

ଇଂରାଜୀ ସାହିତ୍ୟ ପରଂପରାରେ ସ୍ପେନ୍‌ସର୍‌ଙ୍କ 'ଫେୟାରୀ କୁଇନ୍' (Faerie Queen)ଠାରୁ ଆରମ୍ଭକରି ମିଲ୍‌ଟନ୍‌ଙ୍କ 'ପାରାଡାଇଜ୍ ଲଷ୍ଟ' (Paradise Lost) ଓ ଏଲିୟଟ୍‌ଙ୍କର 'ଦି ଓ୍ୱେଷ୍ଟଲ୍ୟାଣ୍ଡ' (The Waste Land) ପର୍ଯ୍ୟନ୍ତ ଦୃଷ୍ଟି ସଂପ୍ରସାରିତ କଲେ ଏହି ମିଥ୍-ଚେତନାର ଏକ ସୁନିର୍ଦ୍ଦିଷ୍ଟ ବିବର୍ତ୍ତନଧାରା ଲକ୍ଷ୍ୟକରାଯାଏ । ଜୀବନବୋଧ ଓ ଯୁଗଚେତନା ପରିପ୍ରେକ୍ଷୀରେ ମିଥ୍‌ର ସ୍ୱରୂପ ରୂପାନ୍ତରିତ । ସେଥିପାଇଁ ପାରଂପରିକ ମିଥ୍-ଚେତନାରେ ରୂପାନ୍ତର ଓ ବ୍ୟତିକ୍ରମ ମଧ୍ୟ ସଂଘଟିତ । ରୋମାଣ୍ଟିକ୍ କବି ସେଲୀଙ୍କ 'ପ୍ରୋମିଥିଅସ୍ ଅନ୍‌ବାଉଣ୍ଡ' (Prometheus Unbound)ରେ, ଫରାସୀ ରାଷ୍ଟ୍ରବିପ୍ଳବ ସପକ୍ଷରେ ମିଥ୍ ଚେତନା ମାଧ୍ୟମରେ ଆହ୍ୱାନ ଦିଆଯାଇଛି । ଗ୍ରୀକ୍ ମିଥ୍‌ରେ ପ୍ରୋମିଥିଅସ୍ ମାନବସମାଜ ପାଇଁ ସ୍ୱର୍ଗରୁ ଅଗ୍ନି ଚୋରି ଅପରାଧରେ 'ମାଉଣ୍ଟ କକେସସ୍'ରେ ବନ୍ଦୀ ଓ ଅହରହ ଏକ ଶାଗୁଣାଦ୍ୱାରା ଆଘାତପ୍ରାପ୍ତ । କିନ୍ତୁ ସେଲୀ ବନ୍ଦୀ ପ୍ରୋମିଥିଅସ୍‌ଙ୍କୁ ମୁକ୍ତକରିଛନ୍ତି । ସେ ହୋଇଛନ୍ତି ବିପ୍ଳବୀ ମାନବାତ୍ମାର ପ୍ରତୀକ । କବି ଟି.ଏସ୍.ଏଲିୟଟ୍ ମଧ୍ୟ ଦ୍ୱିତୀୟ ବିଶ୍ୱଯୁଦ୍ଧୋତ୍ତର କାଳର ନିଃସଙ୍ଗତା ଓ ବେଦନାବୋଧକୁ ରୂପ ଦେଇଥିବାବେଳେ ପାରଂପରିକ ମିଥ୍-ଚେତନାକୁ ନୂତନ ଯୁଗଚେତନା ସହ ସଂପୃକ୍ତ କରି ପୁରୋଦୃଷ୍ଟିର ସଂକେତ ଦେଇଛନ୍ତି ।

ଆଧୁନିକ ଓଡ଼ିଆ କବିତାରେ ଏ ବିବର୍ତ୍ତନ ଧାରାର ସଂକେତ ରାଧାନାଥଙ୍କଠାରୁ ଆରମ୍ଭ କରି ସାଂପ୍ରତିକ କାଳର ମିଥ୍‌ଧର୍ମୀ କବିତାଗୁଚ୍ଛର ଅନୁଧ୍ୟାନ କାଳରେ ସ୍ପଷ୍ଟ ହୁଏ । ବସ୍ତୁତଃ, କବିତାରେ ମିଥ୍ ପ୍ରୟୋଗ କେବଳ ପୌରାଣିକ ନାମ ବା ସ୍ଥାନବିଶେଷର ଉଲ୍ଲେଖ ମାତ୍ର ନୁହେଁ । ପୌରାଣିକ ଆଖ୍ୟାନ ଓ ଚରିତ୍ର ସାଂପ୍ରତିକ କାଳର ଅନ୍ତର୍ନିହିତ ଚେତନା ସହ ଏକ ଯୋଗସୂତ୍ରରେ ଗ୍ରଥିତ ହୋଇ ନୂତନ ଯୁଗଚେତନା ପାଇଁ ବାର୍ତ୍ତା ଦେଲେ, ସାର୍ଥକ ମିଥ୍‌ଧର୍ମୀ କବିତାର ଉଦ୍‌ଭବ ଘଟେ । କବି-ସମାଲୋଚକ ଟି. ଏସ୍. ଏଲିୟଟ୍ କବିତାର ମିଥିକ୍ ଗଢ଼ଣ ସଂପର୍କରେ ଏଇ ପରିପ୍ରେକ୍ଷୀରେ କହନ୍ତି— Instead of narrative method, we may use now the mythical method, manipulating a continuous parallel, between the contemporaneity and antiquity."

Digitized by srujanika@gmail.com

ଅର୍ଥାତ୍ ବର୍ଣ୍ଣନାତ୍ମକ ପଦ୍ଧତି ପରିବର୍ତ୍ତେ ପ୍ରାଚୀନତା ଓ ଆଧୁନିକତାର ସମାନ୍ତରାଳ ପ୍ରବାହକୁ ଆମେ ନିପୁଣତାର ସହ ବର୍ତ୍ତମାନ ମିଥିକାଲ୍ ପଦ୍ଧତିରେ ପ୍ରୟୋଗ କରିପାରୁ ।

ଏଇ ପରିପ୍ରେକ୍ଷୀରେ ବିଶ୍ଳେଷଣ କଲାବେଳେ ରାଧାନାଥଙ୍କ 'ଦଶରଥ-ବିୟୋଗ', 'ସାବିତ୍ରୀ-ଚରିତ' ଅଥବା 'ବେଣୀସଂହାର' ଆଦି କବିତା ମିଥିକ୍ ନୁହେଁ; କାରଣ ପୌରାଣିକ ଚରିତ୍ର ଓ ଘଟଣା ସେଠାରେ କେବଳ ପୌରାଣିକତା ମଧ୍ୟରେ ସୀମାବଦ୍ଧ । କିନ୍ତୁ 'ମହାଯାତ୍ରା'ର ଏକ ସ୍ୱୟଂସଂପୂର୍ଣ୍ଣ ମିଥିକ୍ ଗଢ଼ଣ ରହିଛି । ପୁରାଣ ଏଠାରେ ଇତିହାସ ସହ ସମନ୍ୱିତ ହୋଇ ଜାତୀୟ ପୁନର୍ଜାଗରଣ ପାଇଁ ଉତ୍ସର୍ଗୀକୃତ ।

ଗବେଷିତ ଗ୍ରନ୍ଥଟିକୁ ଚାରିଟି ପରିଚ୍ଛେଦରେ ବିଭକ୍ତ କରାଯାଇଛି । ପ୍ରଥମ ପରିଚ୍ଛେଦରେ ମିଥ୍‌ର ସଂଜ୍ଞା, ପରିସର ଓ ପ୍ରାୟୋଗିକ ଭୂମିକା ସଂପର୍କରେ ସଂକେତ ଦିଆଯାଇଛି । ଏହି ପର୍ଯ୍ୟାୟରେ ମିଥ୍ ସହ ଧର୍ମୀୟ କର୍ମାନୁଷ୍ଠାନ (Rituals), ଲୋକକଥା, କିଂବଦନ୍ତୀ, ପ୍ରତୀକ ତଥା ମନସ୍ତାତ୍ତ୍ୱିକ ଚେତନାର ସଂପର୍କ ନିରୂପଣ କରାଯାଇଛି । ଦ୍ୱିତୀୟ ପରିଚ୍ଛେଦରେ ଇଂରାଜୀ ସାହିତ୍ୟ ପରଂପରାରେ ମିଥ୍‌ର ବିବର୍ତ୍ତନ ଧାରାର ସୂଚନା ଦିଆଯାଇଛି । ଏହି ପରିଚ୍ଛେଦରେ ସ୍ପେନ୍‌ସର୍, ମିଲ୍‌ଟନ୍, ସେଲି, କୀଟ୍‌ସ୍, ଟେନିସନ୍, ୟେଟ୍‌ସ୍ ଓ ଟି. ଏସ୍. ଏଲିୟଟ୍‌ଙ୍କର କେତେକ ମିଥିକ୍ କବିତା ସଂପର୍କରେ ଆଲୋକପାତ କରାଯାଇଛି । ତୃତୀୟ ପରିଚ୍ଛେଦରେ ରାଧାନାଥଙ୍କଠାରୁ ଆରମ୍ଭ କରି ସତ୍ୟବାଦୀର ସାଧକ ନୀଳକଣ୍ଠ, ସବୁଜସ୍ରଷ୍ଟା ବୈକୁଣ୍ଠନାଥ, କବି ରାଉତରାୟ, ରାଧାମୋହନ ଗଡ଼ନାୟକ, ଅନନ୍ତ ପଟ୍ଟନାୟକ, ଗୁରୁପ୍ରସାଦ ମହାନ୍ତି, ବେଣୁଧର ରାଉତ, ରମାକାନ୍ତ ରଥ, ସୌଭାଗ୍ୟକୁମାର ମିଶ୍ର, ଦୀପକ ମିଶ୍ର, ସୌରୀନ୍ଦ୍ର ବାରିକ, ରାଜେନ୍ଦ୍ର କିଶୋର ପଣ୍ଡା ଓ ପ୍ରତିଭା ଶତପଥୀ ପ୍ରମୁଖଙ୍କ କବିତାର ମିଥିକ୍ ଗଢ଼ଣ ସଂପର୍କରେ ଆଲୋଚନା କରାଯାଇଛି । ଚତୁର୍ଥ ପରିଚ୍ଛେଦରେ କବି ଡକ୍ଟର ସୀତାକାନ୍ତ ମହାପାତ୍ରଙ୍କ କବିତାରେ ମିଥ୍‌ର ପ୍ରୟୋଗ ସଂପର୍କରେ ସୂଚନା ଦିଆଯାଇଛି । ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଦୃଷ୍ଟିରୁ ଓଡ଼ିଆ ମିଥିକ୍ କବିତା ପରଂପରାକୁ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ମିଥିକ୍ ଗଢ଼ଣ ଓ ଚେତନା ମାଧ୍ୟମରେ ଆଧୁନିକ ଓଡ଼ିଆ କବିତାକୁ ସେ ଐତିହ୍ୟ ଓ ସଂସ୍କୃତି ସହ ସଂପୃକ୍ତ କରିଛନ୍ତି । ସୁତରାଂ 'କବି

Digitized by srujanika@gmail.com

ଡକ୍ଟର ମହାପାତ୍ରଙ୍କ କବିତାରେ ମିଥ୍ ପ୍ରୟୋଗର ବୈଶିଷ୍ଟ୍ୟ ସଂପର୍କରେ ଏକ ସ୍ୱତନ୍ତ୍ର ପରିଚ୍ଛେଦରେ ସମୀକ୍ଷା କରାଯାଇଛି ଓ କବିଙ୍କ ସହ ଏକ ସାକ୍ଷାତ୍କାର ପରିଶିଷ୍ଟରେ ସଂଯୋଜିତ ହୋଇଛି ।

ଆଲୋଚିତ ଗ୍ରନ୍ଥରେ 'ମିଥ୍'ର କୌଣସି ଓଡ଼ିଆ ଭାଷାନ୍ତର କରାଯାଇନାହିଁ । ଅବଶ୍ୟ 'ମିଥ୍'ର ଓଡ଼ିଆ ପ୍ରତିଶବ୍ଦ ରୂପେ କେତେକ ସମାଲୋଚକ 'ପୁରାଣ-ଚେତନା' ବା 'ପୁରାବୃତ୍ତ' ଆଦିକୁ ଉଲ୍ଲେଖ କରିଛନ୍ତି । କିନ୍ତୁ ମିଥ୍ କେବଳ ପୁରାଣଚେତନା ନୁହେଁ; ଏହାର ପରିସର, ଲୋକକଥା, କିମ୍ବଦନ୍ତୀ ସମେତ ନୃତତ୍ତ୍ୱ ଓ ମନସ୍ତାତ୍ତ୍ୱିକ ଚେତନା ପର୍ଯ୍ୟନ୍ତ ସଂପ୍ରସାରିତ । ଏହି ପରିପ୍ରେକ୍ଷୀରେ ମିଥ୍‌କୁ ହୁଏତ 'ପୁରାବୃତ୍ତ' ରୂପେ ଅଭିହିତ କରାଯାଇପାରନ୍ତା । କିନ୍ତୁ ସମସ୍ତ ପ୍ରାଚୀନ ବୃତ୍ତାନ୍ତ ମିଥ୍ ନୁହେଁ—ଏହା ଲୋକକଥା ହୋଇପାରେ, କିମ୍ବଦନ୍ତୀ ହୋଇପାରେ । ମିଥ୍ ଅବଶ୍ୟ ଲୋକକଥା ଓ କିମ୍ବଦନ୍ତୀ ସହ ସଂପୃକ୍ତ । କିନ୍ତୁ ସମସ୍ତ ଲୋକକଥା ଓ କିମ୍ବଦନ୍ତୀ ମିଥିକ୍ ନୁହେଁ । ସୁତରାଂ 'ମିଥ୍'ର କୌଣସି ଓଡ଼ିଆ ଭାଷାନ୍ତର ପାଇଁ ମୁଁ ଏଠାରେ ପ୍ରୟାସ କରିନାହିଁ ।

ଆଲୋଚିତ ଗ୍ରନ୍ଥଟି ମୋର ଏମ୍. ଫିଲ୍. ଉପାଧି ନିମିତ୍ତ ପ୍ରସ୍ତୁତ ହୋଇଥିବା ନିବନ୍ଧର ରୂପାନ୍ତର । ନିବନ୍ଧର ପ୍ରସ୍ତୁତି ପାଇଁ ନିର୍ଦ୍ଦେଶନା ଦେଇଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାଧ୍ୟାପକ ଡକ୍ଟର କୃଷ୍ଣଚରଣ ସାହୁ । ନିବନ୍ଧଟି ଗ୍ରନ୍ଥ ରୂପେ ପ୍ରକାଶ ପାଇବା ବେଳେ କେତେକ ପରିବର୍ତ୍ତନ କରାଯାଇଛି । ସେଥିପାଇଁ ଆବଶ୍ୟକୀୟ ପ୍ରସ୍ତାବନା ଦେଇଛନ୍ତି କବିରାଜ ଶ୍ରୀଯୁକ୍ତ ବନମାଳୀ ଦାସ ଓ ମୋର ଅଗ୍ରଜା ଖ୍ରୀଷ୍ଟ କଲେଜର ଇଂରାଜୀ ଅଧ୍ୟାପିକା ଶ୍ରୀମତୀ ସ୍ନିଗ୍ଧା ମିଶ୍ର । ଏହାର ପ୍ରକାଶନ ଦାୟିତ୍ୱ ନେଇଛନ୍ତି ଗ୍ରନ୍ଥମନ୍ଦିର । ତାଙ୍କୁ ମୋର ବିନମ୍ର କୃତଜ୍ଞତା ।

ଇନ୍ଦୁ ମିଶ୍ର

Digitized by srujanika@gmail.com

ସୂଚୀ

ପରିଚ୍ଛେଦ	ବିଷୟ	ପୃଷ୍ଠା
୧ ।	ମିଥ୍‌ର ସଂଜ୍ଞା : ପରିସର ଓ ପ୍ରାୟୋଗିକ ଭୂମିକା	୧
୨ ।	ମିଥ୍‌ର ବିବର୍ତ୍ତନଧାରା : ଇଂରାଜୀ କାବ୍ୟ ପରଂପରାରେ	୨୨
୩ ।	ମିଥ୍‌ର ଭୂମିକା : ଆଧୁନିକ ଓଡ଼ିଆ କବିତା ପରଂପରାରେ	୩୪
୪ ।	ସୀତାକାନ୍ତ ମହାପାତ୍ରଙ୍କ କବିତାରେ ମିଥ୍ ପ୍ରୟୋଗର ବୈଶିଷ୍ଟ୍ୟ	୫୯
	ପରିଶିଷ୍ଟ : କବି ସୀତାକାନ୍ତ ମହାପାତ୍ରଙ୍କ ସହିତ ଏକ ସାକ୍ଷାତ୍କାର	୯୧
	ସହାୟକ ଗ୍ରନ୍ଥସୂଚୀ	୯୭

Digitized by srujanika@gmail.com

ପ୍ରଥମ ପରିଚ୍ଛେଦ

ମିଥ୍‌ର ସଂଜ୍ଞା : ପରିସର ଓ ପ୍ରାୟୋଗିକ ଭୂମିକା

ମିଥ୍ କେବଳ ପୁରାଣପରଂପରାର ବାହକ ଅଥବା ପରିପୋଷକ ନୁହେଁ; ନୃତତ୍ତ୍ୱ ଓ ଲୋକପରଂପରାଠାରୁ ଆରମ୍ଭକରି ଧର୍ମୀୟ କର୍ମାନୁଷ୍ଠାନ (Rituals) ସମେତ, ମନସ୍ତାତ୍ତ୍ୱିକ ଚେତନା ପର୍ଯ୍ୟନ୍ତ ସଭ୍ୟତା ଓ ସଂସ୍କୃତିର ବହୁପାର୍ଶ୍ୱିକ (multi-dimensional) ବିଭବ ସହ ଏହା ସଂପୃକ୍ତ ତଥା ମାନବ ସଭ୍ୟତା ଓ ସଂସ୍କୃତିର ବିକାଶ ଓ ବିବର୍ତ୍ତନ ସହ ଅନ୍ୱିତ ।

ବସ୍ତୁତଃ, "ପ୍ରତ୍ୟେକ ସମାଜ ମିଥ୍ ଉପରେ ନିର୍ଭରଶୀଳ । ଏକ ନିର୍ଦ୍ଦିଷ୍ଟ ସମାଜର ସୁନିର୍ଦ୍ଦିଷ୍ଟ ଦୃଷ୍ଟିକୋଣକୁ ପ୍ରତିପାଦିତ କରିବାବେଳେ ତା'ର ମୌଳିକ ମିଥ୍ ଓ ସାଂପ୍ରତିକ କାଳ ଉପରେ ତା'ର ପ୍ରତିଫଳନକୁ ଲକ୍ଷ୍ୟ କରିବାକୁ ପଡ଼େ ।" (୧)

ଏଇ ପରିପ୍ରେକ୍ଷୀରେ ସମୀକ୍ଷକ ହର୍ବର୍ଟ୍ ରିଡ୍‌ଙ୍କୁ ଏଠାରେ ପ୍ରସଙ୍ଗକ୍ରମେ ସ୍ମରଣ କରାଯାଇପାରେ—ଆମର ଜଣାଶୁଣା ମିଥ୍‌ଗୁଡ଼ିକ ଆମର ସଂସ୍କୃତି ସହିତ ଓତପ୍ରୋତ ଭାବେ ଜଡ଼ିତ । (୨) କିନ୍ତୁ ଗ୍ରୀକ୍-ପରଂପରାର 'Muthos' କେବଳ କାହାଣୀକୁ ହିଁ ବୁଝାଏ । ପ୍ଲେଟୋଙ୍କ 'Muthologia' ମଧ୍ୟ ସେହି କାହାଣୀ କଥନକୁ ଅଭିବ୍ୟକ୍ତ କରେ ।

---

୧ । "All societies rest on myths. To justify a particular view of a particular society one needs to identify its basic myths and reflect upon their impact on the current generation." —William Righter—Myths & Literature, P. 9

୨ । "Myths that are nearer to us are embodied in our culture. Herbert Read—Myth, Dream and Poetry"—Collected Essays on Literary Criticism, p. 101.

Digitized by srujanika@gmail.com

Encyclopaedia of Poetry & Poetics ମତରେ—"ମିଥ୍‌କୁ ଏକ କାହାଣୀ ଅଥବା ଜଟିଳ କାହାଣୀଗୁଚ୍ଛର ମୌଳିକ ଉପାଦାନ ରୂପେ ସଜ୍ଞାପିତ କରିଯାଇପାରେ । ନିଃସନ୍ଦିଗ୍ଧ ଭାବେ ମାନବ, ମାନବୋତ୍ତର ତଥା ମାନବେତର ଜୀବନର ଗଭୀରତମ ସତ୍ତାକୁ ଏହା ପ୍ରତୀକାତ୍ମକ ଭାବରେ ପ୍ରକାଶ କରେ ।" (୩)

ଗ୍ରୀକ୍‌ ମିଥ୍‌ରେ ୟୁଲିସିସ୍‌ ଓଡ଼ିପାସ୍‌ ଆଦି ବହୁ ମାନବ ତଥା ଏଥେନା, ଫ୍ଲୋରା ଆଦି ମାନବୋତ୍ତର ଚରିତ୍ର ସମେତ, ସେହିଭଳି ମାନବେତର ଚରିତ୍ର ଦେଖିବାକୁ ମିଳେ । ଭାରତୀୟ ମିଥ୍‌-ପରଂପରାରେ ମାନବୋତ୍ତର ଦେବ-ଦେବୀଙ୍କ ସ୍ଥାନର ଅଧିକ, ଯଦିଓ ସେମାନେ ମାନବୀୟ ଭାବାବେଗ, ଦୋଷ-ଦୁର୍ବଳତା ତଥା ସମ୍ବେଦନା ସହ ସଂପୃକ୍ତ ।

ଇ. ଡବ୍ଲ୍ୟୁ. କାଉଣ୍ଟଙ୍କ ଭାଷାରେ, "ମିଥ୍‌ ସାହିତ୍ୟ-ଚେତନାର ଏକ ସ୍ୱତନ୍ତ୍ର ଆଙ୍ଗିକ, ଯାହା ଦେବତା ଓ ଉପଦେବତା ସଂପର୍କିତ ।" (୪) ନର୍‌ଥ୍ରୋପ ଫ୍ରାୟ କହନ୍ତି—

"ମିଥ୍‌ ଏକ କାହାଣୀ, ଯେଉଁଥିରେ କେତେକ ମୁଖ୍ୟ ଚରିତ୍ର ହେଉଚନ୍ତି ଦେବତା ।" (୫)

"ମିଥ୍‌ ବସ୍ତୁତଃ ଏକ ସାର୍ବଜନୀନ ସାଂସ୍କୃତିକ ପରିପ୍ରକାଶ, ଯାହା ଏକାଧିକ

---

୩ । "Myth may be defined as a story or a complex of story elements × × implicitly symbolising certain deep lying aspect of human and trans-human existence."
Encyclopaedia of Poetry and Poetics : Edtd. by Allex Preminger—Griechen—Vienna and Leipzig, 1939', P.43.

୪ । "Myth is form of literature about gods, and demi-gods."
E. W. Count, Culture in History, Edtd. by S. Diamond.
(New York, 1966, P.595)

୫ । "Myth is a story in which some of the chief characters are gods." Northrop Fry—Fables of Identy.(New York,1963,P.30)

Digitized by srujanika@gmail.com

(plural) ଅଭିପ୍ରାୟ (motive)ରୁ ଉଦ୍‌ଭୂତ ଓ ସମସ୍ତ ମାନସିକ ଶକ୍ତିସହ ସମ୍ପୃକ୍ତ । (୬)

ମିଥ୍ ସୁନିର୍ଦ୍ଦିଷ୍ଟ ବ୍ୟକ୍ତି ଅଥବା ଗୋଷ୍ଠୀକେନ୍ଦ୍ରିକ ନୁହେଁ, ତେବେ ଏହା ବ୍ୟକ୍ତି ଅନୁଭବର ପରିପନ୍ଥୀ ମଧ୍ୟ ନୁହେଁ । କବିତାରେ ମିଥ୍ ଚରିତ ବ୍ୟକ୍ତିର ଏକକ ଅନୁଭୂତିକୁ କାବ୍ୟାୟିତ କରେ ସତ; ମାତ୍ର ତାହା ବ୍ୟକ୍ତିକେନ୍ଦ୍ରିକତାରୁ ଉଦ୍‌ଭୂତ ନୁହେଁ । ମନସ୍ତାତ୍ତ୍ୱିକ ଜଙ୍ଗଙ୍କ ସାମୂହିକ ଅବଚେତନ (collective unconscious) ତଥ୍ୟ ସ୍ପଷ୍ଟରୂପେ ଉପସ୍ଥାପିତ କରେ ଯେ ଏହା ଏକ ବହୁପାର୍ଶ୍ୱିକ ଭାବଚେତନା ଓ ଅନୁଭବର ପ୍ରକାଶ ମାଧ୍ୟମ ।

"ମିଥ୍‌କୁ ଏକ ଜଟିଳ କାହାଣୀଗୁଚ୍ଛ(complex of stories) ରୂପେ ସଂଜ୍ଞାୟିତ କରାଯାଇପାରେ । ତନ୍ମଧ୍ୟରୁ କେତେକ ସତ୍ୟ (facts) ଓ କେତେକ କାଳ୍ପନିକତା (fantacy) ଉପରେ ଆଧାରିତ । ମାନବ-ସଭ୍ୟତା ଏହାକୁ ମାନବଜୀବନ ଓ ବିଶ୍ୱର ଅନ୍ତର୍ନିହିତ ଅର୍ଥାବବୋଧର ପଥପ୍ରଦର୍ଶକ ରୂପେ ସମ୍ମାନ ପ୍ରଦର୍ଶନ କରେ । (୭)

ସମାଲୋଚକ ରିଚାର୍ଡ଼ ଚେଜ୍ ମଧ୍ୟ ମିଥ୍‌କୁ ମାନବୀୟ କଳ୍ପନାର ଏକ ସୌନ୍ଦର୍ଯ୍ୟସ୍ନାତ ଅଭିବ୍ୟକ୍ତିରୂପେ ସ୍ୱୀକୃତି ଦେଇଛନ୍ତି । (୮)

କାଣ୍ଟ୍‌ଙ୍କ ମତରେ ପ୍ରଜ୍ଞାର ପ୍ରାଥମିକ ଆହରଣ ମିଥ୍ ଉପରେ ପର୍ଯ୍ୟବସିତ ।

ସୁତରାଂ ମିଥ୍ ମାଧ୍ୟମରେ ମାନବର ପ୍ରାଥମିକ ଇତିହାସ ସଞ୍ଚିତ ହୋଇଥାଏ । "ସ୍ୱକୀୟ ଗଢ଼ଣ, କାର୍ଯ୍ୟ ଓ ଅଭିବ୍ୟକ୍ତିସଂପନ୍ନ ଏହି ମିଥ୍, ମାନବ ଚେତନାର

---

୬ । "Myth is a universal, cultural phenomenon originating in a plurality of motives and involving all mental faculties." —David Bidney.

୭ । "Myth is to be defined as a complex of stories—some no doubt facts and some fantacy, which for various reasons human beings regard as demonstrations of the inner meaning of the universe of human life."
Allan Watts : Patterns of Myth (Boston & New York, P.34)

୮ । "Myth is literature and must be considered as an aesthetic creation of human imagination."—Richard Chase.

Digitized by srujanika@gmail.com

ଏକ ସ୍ୱୟଂଶୃଙ୍ଖଳିତ ଆଙ୍ଗିକ, ଯହିଁରେ ଚିନ୍ତା, ଆବେଗ ଓ ଅନୁଭବର ଏକୀକରଣ ଘଟିଥାଏ ।" (୯)

ମନସ୍ତତ୍ତ୍ୱ, ଲୋକକଥା, ଧର୍ମୀୟ କର୍ମକାଣ୍ଡ ଓ କର୍ମାନୁଷ୍ଠାନ (Rituals) ଅଥବା ନୃତତ୍ତ୍ୱରୁ ଉପାଦାନ ଆହରଣ କରି ଏହା ଏକ ସ୍ୱୟଂସଂପୂର୍ଣ୍ଣ ସ୍ୱତନ୍ତ୍ର ରୂପ ଧାରଣ କରେ, ଯହିଁରେ ମାନବୀୟ ଚିନ୍ତାଚେତନାର ସାମଗ୍ରିକ ପରିପ୍ରକାଶ ଘଟେ ।

ମିଥ୍ ଓ ପୁରାଣ :

ମିଥ୍ ଓ ପୁରାଣ ଦୁଇଟି ସମଧର୍ମୀ ଆଙ୍ଗିକ ନୁହେଁ । ପକ୍ଷାନ୍ତରେ ଭାରତର ଅଷ୍ଟାଦଶ ପୁରାଣ ଓ ଗ୍ରୀସ୍‌ର ଓଡ଼େଶୀ (Oddyessy) ଓ ଇଲିୟାଡ୍ (Illiad) ଆଦି ପୁରାଣରେ ମିଥ୍‌ର ଅନୁଶୀଳନ ବା ମିଥ୍‌ଗୁଚ୍ଛର ସମାବେଶ ଘଟିଛି । ଜି. ଏସ୍. କର୍କଙ୍କ ଭାଷାରେ—"ପୁରାଣରେ ମିଥ୍‌ର ଅନୁଶୀଳନ ବା ମିଥ୍‌ଗୁଚ୍ଛର ସମାବେଶ ଘଟିଥାଏ ।" (୧୦) ଏନ୍‌ସାଇକ୍ଲୋପେଡ଼ିଆ ବ୍ରିଟାନିକା ମତରେ—"ପୁରାଣ ହେଉଛି ସେହି ବିଜ୍ଞାନ, ଯାହା ସୃଷ୍ଟିତତ୍ତ୍ୱ, ଦେବତା ଓ ବୀରମାନଙ୍କ ସମ୍ପର୍କିତ ମିଥ୍ ଓ କିଂବଦନ୍ତୀର ସମୀକ୍ଷା କରେ ।" (୧୧)

ଏହି ପରିପ୍ରେକ୍ଷୀରେ ବିଶ୍ଳେଷଣ କଲାବେଳେ ମନେହୁଏ ମିଥ୍ ପୁରାଣ ରଚନାର ବହୁ ପୂର୍ବରୁ ଜନଚେତନାରେ ସଂଜାବିତ ଥିଲା । ପରବର୍ତ୍ତୀ କାଳରେ ପୁରାଣ-କାରମାନେ ଏହି ମିଥ୍ ସାହାଯ୍ୟରେ ପୁରାଣ ରଚନା କରିଛନ୍ତି ବୋଲି ଗବେଷକଗଣଙ୍କର ମତ ।

---

୯ । "× × an outonomous form of the human character with its own structure, function, expression with unity of feeling."
—Cassirer : Essay, P. 86

୧୦ । "Mythology is the study of myths or their contents or a particular set of myths.—G. S. Kirk, Myths : Its Meaning & Function in Ancient & other Cultures."
University of California Press, Berkeley & Los Angeles, p. 9.

୧୧ । "Mythology is the science which examines myths or legends of cosmogony and of gods and heroes."
Encyclopaedia of Britanica, Vol. 16.

Digitized by srujanika@gmail.com

ମିଥ୍ ଓ ଧର୍ମୀୟ କର୍ମାନୁଷ୍ଠାନ (Rituals) :

"Myth implies rituals, rituals implies myth. They are one and same." (୧୨) ଅର୍ଥାତ୍—ମିଥ୍ ଧର୍ମୀୟସମ୍ପର୍କିତ କର୍ମାନୁଷ୍ଠାନ (Rituals)କୁ ସୂଚିତ କରେ । ଧର୍ମୀୟସଂପର୍କିତ କର୍ମାନୁଷ୍ଠାନରୁ ମିଥ୍‌ର ଆଭାସ ସୁସ୍ପଷ୍ଟ ହୁଏ । ବସ୍ତୁତଃ ସେମାନେ ଏକ ଓ ଅଭିନ୍ନ ।

ପ୍ରାଚ୍ୟ ଭୂଖଣ୍ଡର ମିଥ୍‌ଗୁଚ୍ଛ ଅନେକାଂଶରେ ଏହି ଧାର୍ମିକ-କର୍ମାନୁଷ୍ଠାନ ସହ ଜଡ଼ିତ । ଭାରତରେ ତନ୍ତ୍ରର ବିକାଶ ବେଳକୁ କର୍ମକାଣ୍ଡସଂପର୍କିତ କର୍ମାନୁଷ୍ଠାନର ପ୍ରାଧାନ୍ୟ ଅନୁଭୂତ ହୁଏ । କୁଳାର୍ଣ୍ଣବ ତନ୍ତ୍ରର ପଞ୍ଚମକାର ଉପାସନା, କେଶବତରୁଣୀ ମାଲୁଣୀ ଇତ୍ୟାଦିଙ୍କର ତନ୍ତ୍ରସାଧନା ସଂପର୍କିତ କାହାଣୀ କାଳକ୍ରମେ ଲୋକ-ମିଥ୍‌ରେ ରୂପାନ୍ତରିତ ହୋଇଥିବାର ଲକ୍ଷ୍ୟ କରାଯାଏ । ଏହି ଲୋକମିଥ୍ ମଧ୍ୟରେ ମାଲୁଣୀର ଚମ୍ପାଫୁଲ ଏକ ବିଶିଷ୍ଟ ଭୂମିକା ଗ୍ରହଣ କରିଛି । ବସ୍ତୁତଃ, ଚମ୍ପା ଫୁଲର ତୀବ୍ରଗନ୍ଧ ଉଦଗ୍ର ଯୌନକାମନାକୁ ପ୍ରତୀକାୟିତ କରେ । ପଞ୍ଚମକାର ସାଧନା ପଦ୍ଧତିରେ ଫୁଲକୁ କୁମାରୀ ଯୋନିର ପ୍ରତୀକରୂପେ ଗ୍ରହଣ କରାଯାଏ । କବି ଗୁରୁପ୍ରସାଦ ମହାନ୍ତିଙ୍କ ଚମ୍ପାଫୁଲ ସନେଟ୍ ଏହାର ଏକ ସଫଳ କାବ୍ୟିକ ଦୃଷ୍ଟାନ୍ତ—

"ଚମ୍ପାଫୁଲ ମହକରେ ବାଟ ଭୁଲି ସମୁଦ୍ରର ଢେଉ/ଆସିଥିଲା କୂଳ ଡେଇଁ, ଶୁଖିଥିଲା ଭରା ନଈ ସ୍ରୋତ / ପଥର ତରଳି ଥିଲା, ମଶାଣିର ଭୂତ ପ୍ରେତ ଗୁଣ୍ଡ/ ରଜୋବତୀ କନ୍ୟା ଲାଗି ଯୋଗୀ ଥିଲା ମଦନରେ ମାତି । (୧୩)

ସମୁଦ୍ର କୂଳ ଲଙ୍ଘେ ନାହିଁ—ଏହା ଏକ ଭୌଗୋଳିକ ସତ୍ୟ । କିନ୍ତୁ କେଉଁ ଏକ ପ୍ରଣୟମେଦୁର ଲଗ୍ନରେ ବ୍ୟକ୍ତିର ଚେତନା-ସମୁଦ୍ରକୂଳ ଲଙ୍ଘିଯାଏ । ଚମ୍ପାଫୁଲର ତୀବ୍ର ମହକ, ପକ୍ଷାନ୍ତରେ ନାରୀର ଯୌନ ଆବେଦନ ତାକୁ ଉଦ୍‌ବେଳ କରେ, ପଥରର ପାଷାଣ ପ୍ରାଣ ତରଳିଯାଏ । ତାନ୍ତ୍ରିକ ସାଧନା ପଦ୍ଧତିରେ ଚଂପାଫୁଲ ଅଘଟନ-ଘଟନ-ପଟିୟସୀ । ଭେଣ୍ଡାକୁ ମେଣ୍ଢା ପୁଣି ମେଣ୍ଢାକୁ ଭେଣ୍ଡାରେ ପରି-

---

୧୨ । G. S. Kirk : Myth : Its Meaning & Function in Ancient & other Cultures. (University of California Press, Berkeley and Los Angeles) p. 9.

୧୩ । ଶ୍ରୀ ଗୁରୁପ୍ରସାଦ ମହାନ୍ତି : ଚଂପାଫୁଲ, ସମୁଦ୍ରସ୍ନାନ, ପୃ. ୧

Digitized by srujanika@gmail.com

ଣିତ କରିବାର ଅଦ୍ଭୁତ କ୍ଷମତା ତା'ର ରହିଛି । ନିଧିପ୍ରାଣ, ନିଥର, ଯୌନିକଜଡ଼ ପ୍ରସ୍ତର ପ୍ରତିମାରେ ସେ କିଭଳି ପ୍ରାଣ ସଞ୍ଚାର କରିପାରେ, ତାହା ଗୁରୁପ୍ରସାଦଙ୍କ ଚଂପାଫୁଲ ସନେଟ୍‌ରେ ସୂଚିତ ।

ଭାରତର ପୂର୍ବାଞ୍ଚଳୀୟ ପରଂପରାର ଏହି ମାଲୁଣୀ, ପାଶ୍ଚାତ୍ୟ ପରଂପରାରେ ଓ୍ୱିଚ୍ (witch)ରେ ରୂପାନ୍ତରିତ । ଗବେଷକ ମାଲିନୋସ୍କି (Malinouski) ଟ୍ରୋବ୍ରି ଆଣ୍ଡ ଆଇଲଣ୍ଡ (Trobri and Island)ର ମିଥ୍ ସମ୍ପର୍କରେ ଆଲୋଚନା କଲାବେଳେ, ଏ ସମ୍ପର୍କରେ ବିଶେଷଭାବେ ଆଲୋକପାତ କରିଛନ୍ତି ।

ବସ୍ତୁତଃ, ମିଥ୍ ସହ ଉତ୍ପାଦିକା ଶକ୍ତି ସମ୍ପର୍କିତ କର୍ମାନୁଷ୍ଠାନର (Fertility Ritual) ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି ବୋଲି ଗବେଷକଗଣଙ୍କ ମତ । ଆଦିବାସୀ-ସମ୍ପ୍ରଦାୟ ମଧ୍ୟରେ ପ୍ରଚଳିତ 'ମେରିଆବଳି' ତନ୍ମଧ୍ୟରୁ ଅନ୍ୟତମ । ଭୂମିରେ ଫସଲର ପ୍ରାଚୁର୍ଯ୍ୟ ସୃଷ୍ଟି ପାଇଁ ଆଦିବାସୀମାନେ ଧର୍ତ୍ତିମା ମା'ଙ୍କୁ ମନୁଷ୍ୟ ବଳି ଦେଇଥାନ୍ତି । ବଳି ପାଇଁ ଉଦ୍ଦିଷ୍ଟ ବାଳକଟି 'ମେରିଆ' ରୂପେ କଥିତ । କବି ଶ୍ରୀ ସୀତାକାନ୍ତ ମହାପାତ୍ରଙ୍କ 'ମାଟି ଓ ମଣିଷ'ରେ ଏହି ଉତ୍ପାଦିକା ଶକ୍ତି ସମ୍ପର୍କିତ କର୍ମାନୁଷ୍ଠାନ (Fertility ritual) ଭିତ୍ତିକ ମିଥ୍ ପ୍ରୟୋଗର ସୂଚନା ରହିଛି ।

ମାଟି ଓ ମଣିଷର ସମ୍ପର୍କର ବିବର୍ତ୍ତନ ମଧ୍ୟରେ ମାନବାତ୍ମାର ଦୁଃଖ, ବେଦନା ଓ ହାହାକାରର ସ୍ୱର ସୁସ୍ପଷ୍ଟ । ତା' ପାଇଁ ଏ ପୃଥିବୀ ଏକ ବନ୍ଧ୍ୟାଭୂମି । ଏ ବନ୍ଧ୍ୟାଭୂମିକୁ ସେ ଶସ୍ୟଶ୍ୟାମଳ କରିବାପାଇଁ ସ୍ୱପ୍ନ ଦେଖେ । ସେଥିପାଇଁ ମେରିଆ ବଳି ହିଏ—

> ଦଶଦିନ ଆଗରୁ ମୁଁ ନଣ୍ଡା କଲି କେଶ କାଟି
> ମେରିଆର ମୁଣ୍ଡ / ନୂଆ ଲୁଗା ପିନ୍ଧାଇଲି
> ଦେହରେ ତା ତେଲ ଘିଅ ହଳଦୀ ବୋଳିଲି
> ସଜାଇଲି ହଉ ପରି ନାନା ଜାତି ଜଙ୍ଗଲି ଫୁଲରେ
> ତା'ପରେ ଡେଇଁଲେ ଆମେ ନାଚିଲେ କୁଦିଲେ
> X X X
> ଫସଲ ଓ ଭଲ ପାଗ ହିତସୁଖ ବର ମାଗି
> ଦର୍ମୁ ଓ ଧର୍ତ୍ତିମାଠାରୁ ।" (୧୪)

(୧୪) ଶ୍ରୀ ସୀତାକାନ୍ତ ମହାପାତ୍ର : ଅଷ୍ଟପଦୀ—'ମାଟି ଓ ମଣିଷ' ପୃ. ୩୧-୩୨

Digitized by srujanika@gmail.com

ଫସଲ ଉତ୍ପାଦନର ପ୍ରାଚୁର୍ଯ୍ୟ ପାଇଁ ମେଣ୍ଢିଆ ବଳି ଦେବା ସତ୍ତ୍ୱେ କଆଁର ଖାଲିପଡ଼େ—"ହଳଦୀ କଆଁରରେ ହଳଦୀ ପତର ବାସ୍ନା ମରିଗଲା / ଶସ୍ୟ କାହିଁ / ବୀଜ କାହିଁ / ସ୍ୱପ୍ନ କାହିଁ / ହସ କାହିଁ / ତଥାପି ତ ଶୂନ୍ୟ ଏ କଆଁର ।" (୧୫)

ଏହି ଉତ୍ପାଦିକାଶକ୍ତି ସଂପର୍କିତ କର୍ମାନୁଷ୍ଠାନ ବିଶ୍ୱର ବହୁ ସଭ୍ୟତା ଓ ସଂସ୍କୃତିର ଉତ୍ସ ତଥା ମିଥ୍ ଚେତନାର ଜନୟିତ୍ରୀ ।

Fontenrosesଙ୍କ ଭାଷାରେ—

"ଏଣୁ ଏହା ସହଜରେ ଅନୁମାନ କରାଯାଇପାରେ, ଅନେକ ସ୍ଥଳରେ ଆଦିମ ଚିନ୍ତାଦର୍ଶର କର୍ମାନୁଷ୍ଠାନଗୁଡ଼ିକ ଜଣାଶୁଣା କାହାଣୀରୂପେ ପ୍ରଚଳିତ ହୋଇଥିଲା । ସେହି କର୍ମାନୁଷ୍ଠାନଗୁଡ଼ିକରୁ ସ୍ୱତଃସ୍ଫୂର୍ତ୍ତଭାବେ ସମଶୈଳିକ ମିଥ୍‌ର ଉଦ୍‌ଭବ ହୋଇଥିଲା । (୧୬)

ହେନେରିକ୍ ଜିମାର୍‌ଙ୍କ ଭାଷାରେ—ଧର୍ମୀୟ କର୍ମାନୁଷ୍ଠାନ ମିଥ୍‌ର ପ୍ରତୀକାତ୍ମକ ଭାଷା ମାଧ୍ୟମରେ ସୂଚିତ । ୧୭ ।

ଗବେଷକ Clyde Kluckhon ପ୍ରଥମେ ମିଥ୍ ଧର୍ମୀୟ କର୍ମାନୁଷ୍ଠାନରୁ ଉଦ୍‌ଭୂତ ମତକୁ ପ୍ରତ୍ୟାଖ୍ୟାନ କରୁଥିଲେ ମଧ୍ୟ ପରବର୍ତ୍ତୀ କାଳରେ ଉଭୟ ଘନିଷ୍ଠଭାବେ ଜଡ଼ିତ ବୋଲି ମତ ଦେଇଛନ୍ତି ।

"ମିଥ୍ ଓ ଧର୍ମୀୟ କର୍ମାନୁଷ୍ଠାନ ଘନିଷ୍ଠଭାବେ ସଂପୃକ୍ତ, ଯଦିଓ ସେମାନେ ପ୍ରତ୍ୟେକେ ପ୍ରତ୍ୟେକଠାରୁ ସ୍ୱତନ୍ତ୍ରଭାବେ ପ୍ରକଟିତ ହୋଇପାରନ୍ତି ।" (୧୮)

---

୧୫ । ଶ୍ରୀ ସୀତାକାନ୍ତ ମହାପାତ୍ର : ଅଷ୍ଟପଦୀ—ମାଟି ଓ ମଣିଷ, ପୃ. ୩୧-୩୨

୧୬ । "It is simpler to suppose that a well-known type of story was introduced in places to serve as the primeval precedent of the rituals and from the rituals spontaneously generated a uniform pattern of myth." Python, P. 461.

୧୭ । "Ritual speaks through the symbolic language of myth."
Heinrich Zimmer

୧୮ । "Two are closely associated, even if each can appear independently of other."
Clyde Kluckhon : Myth and Ritual : A General Theory. P. 45.

Digitized by srujanika@gmail.com

Ernest Cassirer ମିଥ୍ ଓ ଧର୍ମୀୟ କର୍ମାନୁଷ୍ଠାନର ପାରସ୍ପରିକ ସଂପୃକ୍ତି ସଂପର୍କରେ ସର୍ବାପେକ୍ଷା ଶକ୍ତିଶାଳୀ ମତ ପ୍ରକାଶ କରନ୍ତି—

"ମାନବ ସଭ୍ୟତା ଓ ସଂସ୍କୃତିର ବିକାଶପର୍ବରେ କେଉଁଠାରେ ମିଥ୍‌ର ଶେଷ ଓ ଧର୍ମୀୟ କର୍ମାନୁଷ୍ଠାନର ଆରମ୍ଭ, ସେ ସଂପର୍କରେ କୌଣସି ସୁସ୍ପଷ୍ଟ ବିଭାଜନ ରେଖା ଟାଣିହେବନାହିଁ । ଐତିହାସିକ ବିବର୍ତ୍ତନ ମାଧ୍ୟମରେ ଧର୍ମଧାରା, ମିଥ୍ ସହ ଘନିଷ୍ଠତା ସଙ୍ଗେ ସଙ୍ଗେ ମିଥ୍‌ର ମୌଳିକ ଉପାଦାନକୁ ଉଜ୍ଜୀବିତ କରିଅଛି । ମିଥ୍ ତାହାର ଆଦିମତମ ପ୍ରାଥମିକ ରୂପରେ ମଧ୍ୟ ଧର୍ମୀୟ ମୂଲ୍ୟବୋଧର ବାହକ । ଅନ୍ୟ କଥାରେ କହିଲେ, ପ୍ରଥମ ପର୍ଯ୍ୟାୟରୁ ହିଁ ମିଥ୍ ସ୍ୱୟଂ ଏକ ପ୍ରଚ୍ଛନ୍ନ ଧର୍ମଧାରା ।" (୧୯)

ଆଧ୍ୟାତ୍ମିକ ଚେତନା ମଧ୍ୟରୁ ବିଶ୍ୱର ବିଭିନ୍ନ ସଭ୍ୟତା, ବିଶେଷତଃ ପ୍ରାଚ୍ୟ ସଭ୍ୟତାର ଅଭ୍ୟୁଦୟ ଘଟିଛି । କାଳକ୍ରମେ ଏହି ଶୁଦ୍ଧ ଆଧ୍ୟାତ୍ମିକ ଚେତନା ମଧ୍ୟରେ ଜଟିଳ କର୍ମାନୁଷ୍ଠାନ (rituals)ର ଅନୁପ୍ରବେଶ ଲକ୍ଷ୍ୟ କରାଯାଇଛି । ଏହି କର୍ମାନୁଷ୍ଠାନ ମିଥ୍ ଚେତନାକୁ ବହୁଭାବରେ ପରିପୁଷ୍ଟ କରିଛି । ଏହି ମିଥ୍‌ଗୁଡ଼ିକ, ପ୍ରାଥମିକ ପର୍ଯ୍ୟାୟରେ ଲୋକପରମ୍ପରାରେ ସମ୍ପ୍ରସାରିତ ହୋଇ ପରବର୍ତ୍ତୀ କାଳରେ ବିଦଗ୍ଧ ସାହିତ୍ୟ ଚେତନାରେ କାବ୍ୟିକ ମର୍ଯ୍ୟାଦା ଓ ଆଭିଜାତ୍ୟ ଲାଭକରିଛି ।

ମିଥ୍, ଲୋକକଥା ଓ କିଂବଦନ୍ତୀ :

"ମିଥ୍‌କୁ ଲୋକକଥାର ଏକ ଶାଖାରୂପେ ଗ୍ରହଣ କରାଯାଇପାରେ । ଏହା ସାଂପ୍ରତିକ କାଳ ପୂର୍ବରୁ ପୃଥିବୀରେ ସଂଘଟିତ ହୋଇଥିବା ପ୍ରାଚୀନ ଯୁଗଚେତନା ସହ ସଂଶ୍ଲିଷ୍ଟ । ସୃଷ୍ଟିର ଉଦ୍‌ଭବ ଓ ଆଦିସତ୍ତା ସଂପର୍କରେ ଏହା ସୂଚନା ଦିଏ । ସୁତରାଂ ଏହାକୁ ସୃଷ୍ଟିର ଆଦିସତ୍ତା ତଥା ସୃଷ୍ଟିତତ୍ତ୍ୱସଂପର୍କିତ କିଂବଦନ୍ତୀ ସହ

୧୯ । "In the development of human culture and civilization we cannot fix a point where myth ends or ritual begins. In the whole course of its history religion connected and penetrated with mythical elements. On the other hand myth, even in its crudest and most rudimentary forms contains some motives that in a sense anticipate the higher and later religious ideals. Myth is from its very beginning potential religion"—Ernest Cassirer : Essay, P.87

Digitized by srujanika@gmail.com

ଏକାତ୍ମ କରାଯାଇପାରେ । ଯେତେବେଳେ ଦେବଗୋଷ୍ଠୀର ଦୁଃସାହସିକ କାର୍ଯ୍ୟ ସଂପର୍କରେ ମିଥ୍ ସୂଚନା ଦିଏ ସେତେବେଳେ ତହିଁରେ ପରୀ-କଥା (୨୦) ପ୍ରତିଭାତ ହୁଏ । ଗବେଷକ ତଥା ନୃତାତ୍ତ୍ୱିକମାନଙ୍କ ମତରେ ପ୍ରାଥମିକ ପର୍ଯ୍ୟାୟରେ ଲୋକସ୍ତରରେ ପ୍ରଚଳିତ କାହାଣୀଗୁଚ୍ଛ ପରବର୍ତ୍ତୀକାଳରେ ବିବର୍ତ୍ତନ ପ୍ରକ୍ରିୟାରେ ମିଥ୍‌ରେ ରୂପାନ୍ତରିତ ହୋଇଥାଏ । ପ୍ରାଚ୍ୟ ଭାରତୀୟ ପରଂପରାର 'ରାମାୟଣ' ଓ 'ମହାଭାରତ' ଏକାଧାରରେ ଇତିହାସ ଓ ମହାକାବ୍ୟ ରୂପେ ପରିଗଣିତ । ତହିଁରେ ଏଭଳି ବହୁ କାହାଣୀ ଗୁଂଫିତ ଯାହା ଲୋକସ୍ତରରେ ଚାରଣ-କବିମାନଙ୍କଦ୍ୱାରା ପ୍ରଚାରିତ ହୋଇଥିଲା । ଗ୍ରୀକ୍ ପରଂପରାରେ ଅନୁରୂପଭାବେ 'ଓଡେସୀ' (Oddyssey) ଓ 'ଇଲିୟାଡ୍' (Illiad)ରେ କିଂବଦନ୍ତୀ ତଥା ଲୋକକଥାର ସ୍ୱାକ୍ଷର ପ୍ରତିଫଳିତ । 'ଓଡେସୀ'ରେ ୟୁଲିସିସ୍‌ର ରୋମାଞ୍ଚକର ଅଭିଯାନ ମଧ୍ୟରେ ସଂଯୋଜିତ ହୋଇଥିବା ବହୁ ମିଥ୍ ଲୋକ ପରଂପରା ସହ ଜଡ଼ିତ ।

ଲୋକ ପରଂପରାରେ ପ୍ରଚଳିତ ମିଥ୍, ଭାରତୀୟ ପରଂପରାରେ 'କାଳିଶୀ' ଓ 'ଜ୍ଞାନଦେଈ ମାଲୁଣୀ'ଠାରୁ ଆରମ୍ଭ କରି, ପାଶ୍ଚାତ୍ୟ ପରଂପରାର ଡାହାଣୀ (witch) ଓ ପରୀ ଆଦି ଚରିତ୍ର ମାଧ୍ୟମରେ ସୂଚିତ । ଗବେଷକ ମାଲିନୋସ୍କି, ହୋବାର୍ଟ ଆଣ୍ଡ ହ୍ୱାଇଟର ମିଥ୍ ସଂପର୍କରେ ଆଲୋଚନା କଲାବେଳେ ବହୁ ଡାହାଣୀ (witch) ଚରିତ୍ରର ସୂଚନା ଦେଇଛନ୍ତି; ଯାହା ଲୋକ-ପରଂପରା ସହ ଘନିଷ୍ଠ ଭାବେ ସଂପୃକ୍ତ ।

ବସ୍ତୁତଃ, ଲୋକମିଥ୍‌ର ଏକ ବହୁପରିଚିତ କାବ୍ୟିକ ପ୍ରତୀକ ହେଉଛି 'ଫୁଲ' । ନୃତତ୍ତ୍ୱବିତ୍ ଶ୍ରୀ ଶରତ୍‌ଚନ୍ଦ୍ର ମିତ୍ର 'ରୟାଲ ଏସିଆଟିକ୍ ସୋସାଇଟି' ଦ୍ୱାରା ପ୍ରକାଶିତ ଏକ ପ୍ରବନ୍ଧରେ ଦର୍ଶାଇଛନ୍ତି ଯେ, ମୃତଶରୀର ଉପରେ ଫୁଲ ଫୁଟିବା

---

୨୦ । "× × it (myth) certainly can be one branch of the folktale. It concerns the world as it was in some past age before the present conditions were established. It treats creation and origins and therefore may be identical with creation and origin of legends. When it handles adventures of the Gods, it may be identical with fairy tale."
Standard Dictionary of Folklore—Mythology & Legend : Edtd. by Maria L. Each (New York, 1949-50)

Digitized by srujanika@gmail.com

ବା ଉଦ୍‌ଭିଦ ଜନ୍ମିବା ଏକ ସ୍ୱାଭାବିକ ସତ୍ୟ । ମଣିଷର ରକ୍ତରେ ଉଦ୍‌ଭିଦର ଆତ୍ମା ବିଦ୍ୟମାନ । ଓଡ଼ିଶାର 'କାଞ୍ଚନବଣି ଉପାଖ୍ୟାନ'ରେ କାଞ୍ଚନବଣିର କଞ୍ଚନେଇ ଗଛରେ କାଞ୍ଚନ ଫୁଲ ହୋଇ ଫୁଟିବା, 'ଚମାରୁଣୀ ଝିଅ' ଗଳ୍ପରେ ରାଜା ଝିଅର କଇଁଫୁଲ ହୋଇ ଫୁଟିବା, ପୁଣି ମା'କୁ ଦେଖି ସୁନାନାକି ଝିଅରେ ରୂପାନ୍ତରିତ ହେବାର ଦୃଷ୍ଟାନ୍ତ ରହିଛି । ଫ୍ରେରେଙ୍କ 'ଟେଲସ୍ ଫ୍ରମ୍ ଦି ୱେଷ୍ଟର୍ନ ଇଣ୍ଡିଆ' ('Tales from the Western India')ରେ ଉଲ୍ଲେଖ କରାଯାଇଛି ଯେ, କୌଣସି ଏକ ନାୟିକାକୁ ହତ୍ୟା କରିବା ପରେ ସେ ସୂର୍ଯ୍ୟମୁଖୀ ଫୁଲ ହୋଇ ଫୁଟିଛି ।

ଆଧୁନିକ ଓଡ଼ିଆ କବିତାରେ ମଣିଷର ଫୁଲ ପାଲଟିବାର ଦୃଷ୍ଟାନ୍ତ ମଧ୍ୟ ଲକ୍ଷ୍ୟ କରାଯାଏ । ଗୁରୁପ୍ରସାଦଙ୍କ 'ଚମ୍ପାଫୁଲ' ସନେଟ୍‌ରେ ଏହି ନୃତାତ୍ତ୍ୱିକ ସତ୍ୟ ଅନ୍ତର୍ନିହିତ । 'ଯାଦୁକରର କୁହୁକ ନର୍ଦ୍ଦେଶରେ ହାଡ଼ସବୁ ସେଠାରେ ମୁକ୍ତା ଫୁଲ ପାଲଟେ । ମାଂସ ଫୁଲ ହୋଇ ଫୁଟିବା ବେଳେ ମନ ରୋମାଞ୍ଚରେ ଶୋଇପଡ଼େ ।' ବସ୍ତୁତଃ, ହାଡ଼ ମୁକ୍ତାଫୁଲ ପାଲଟିବା ଓ ମାଂସ ଫୁଲ ହୋଇ ଫୁଟିବା ଅବଦମିତ ଯୌନ କାମନାର ଉଦ୍‌ଗମନକୁ ପ୍ରମୂର୍ତ୍ତ କରେ । ସମଗ୍ର କବିତାରେ ଫୁଲ ରୋମାଣ୍ଟିକ୍ ଚେତନା ତଥା ଯୌନଚେତନାର ପ୍ରତୀକ ।

ଲୋକ-ମିଥ୍‌ର ଅନ୍ୟତମ ବିଭାବ ହେଉଛି ମଣିଷର ପଥର ପାଲଟିଯିବା । ବେଦର ଇନ୍ଦ୍ର-ଉଷା-ସରମା-ପଣି ବୃତ୍ତାନ୍ତ ଲୋକ-ପରଂପରାରେ ଏକ ସ୍ୱୟଂ-ସମ୍ପୂର୍ଣ୍ଣ କାହାଣୀରେ ରୂପାନ୍ତରିତ । ଅଗ୍ନିଙ୍କର ତିନୋଟି ରୂପ ପରବର୍ତ୍ତୀ କାଳରେ ରାଜପୁତ୍ର ସମ୍ମୁଖୀନ ହୋଇଥିବା ତିନୋଟି ସଂକଟରେ ରୂପାନ୍ତରିତ । ମନ୍ତ୍ରୀପୁତ୍ର ରାଜପୁତ୍ରଙ୍କୁ ସମସ୍ତ ସଂକଟରୁ ଉଦ୍ଧାର କରିବା ପରେ ପଥର ପାଲଟି ଯାଇଛନ୍ତି । ଏହି ଗଳ୍ପ 'କଥାସରିତ୍‌ସାଗର' (The story of the merchant's son who saved his life)ରେ ପରିଣତ ହୋଇ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇଛି । ଜର୍ମାନୀର 'ଫେଥ୍‌ଫୁଲ ଜନ୍' (Faithful John)ରେ ଅନୁରୂପ ଗଳ୍ପାଂଶ ଓ ଚରିତ୍ରର ପ୍ରଲମ୍ବନ ଲକ୍ଷ୍ୟକରାଯାଏ ।

ଆଧୁନିକ ଓଡ଼ିଆ କବିତା ପରଂପରାରେ ଏଇ ପରିପ୍ରେକ୍ଷୀରେ ମଣିଷ କେବଳ ପଥର ପାଲଟିନି, ପଥରରୁ ପୁଣି ମଣିଷ ପାଲଟିଛି । ଏହାର ପୃଷ୍ଠପଟରେ ରହିଛି ସେଇ ଫୁଲ—ଚଂପାଫୁଲ—ଯିଏ ଭେଣ୍ଡାକୁ ମେଣ୍ଢା ପୁଣି ମେଣ୍ଢାକୁ ଭେଣ୍ଡାରେ ରୂପାନ୍ତରିତ କରିଦେଇପାରେ ।

Digitized by srujanika@gmail.com

"ଚଂପାଫୁଲ ହାତେ ଧରି ମନାସିଲି ଯାଦୁକର ଥରେ/ପଥର ପାଲଟି ହେଲି ରାଜାପୁଅ···

× × ×

ଚଂପାଫୁଲ ମହକରେ ଏତେ ଯେ ଯେ ଦାରୁଣ କୁହୁକ/ରକ୍ତେ ଯାଏ ନିଆଁ ଲାଗି ଛୁଟି ଆଉ ନିଃଶ୍ୱାସରେ ନିଆଁ ।" (୨୧)

ଚଂପାଫୁଲର ଏ ମହକ ଉଦଗ୍ର ଯୌନ କାମନାର ଉଦ୍ଦୀପନ ହିସାବ ବୋଲି ପୂର୍ବରୁ ସୂଚାଇ ଦିଆଯାଇଛି—ଯେ ରାଜାପୁଅର ମାନବିକ ସତ୍ତାକୁ ପ୍ରସ୍ତରୀଭୂତ ସତ୍ତାରେ ରୂପାନ୍ତରିତ କରିଦେଇପାରେ । ପୁଣି ପ୍ରସ୍ତରୀଭୂତ ସତ୍ତାକୁ ମାନବ ରୂପ ପ୍ରଦାନ କରିପାରେ । ବସ୍ତୁତଃ ଲୋକ-ମିଥ୍‌ରେ ଏହିଭଳି ବହୁ ଅଘଟନ-ଘଟନ-ପଟିୟସୀ ଶକ୍ତିର ସୂଚନା ରହିଛି, ଯହିଁରୁ ବ୍ୟକ୍ତିଗତ ତଥା ସାମୂହିକ ଜୀବନର ମନସ୍ତାତ୍ତ୍ୱିକ ଚେତନା-କେନ୍ଦ୍ରକୁ ଯଥାଯଥ ଭାବେ ଉଦ୍‌ଘାଟିତ କରାଯାଇପାରେ ।

ମିଥ୍ ଓ ମନସ୍ତାତ୍ତ୍ୱିକ ଚେତନା :

"ମନସ୍ତତ୍ତ୍ୱ ସମସ୍ତ ଭାବମୂର୍ତ୍ତି ତଥା ପ୍ରତିମାକୁ ଧାରଣ କରେ, ଯହିଁରୁ ମିଥ୍‌ର ଉଦ୍‌ଭବ ଘଟେ ।" (୨୨)

ମଣିଷର ଅବଚେତନ ସ୍ତରକୁ ମନସ୍ତତ୍ତ୍ୱବିତ୍‌ମାନେ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରିଥିବାର ଲକ୍ଷ୍ୟ କରାଯାଏ । ଏହି ଦୁଇଟି ପର୍ଯ୍ୟାୟ ହେଉଛି—ବ୍ୟକ୍ତିଗତ ଅବଚେତନ ଓ ସାମୂହିକ ଅବଚେତନ (personal unconscious and collective unconscious)

ଏକଦା ବ୍ୟକ୍ତିଗତ ଜୀବନରେ ଯାହା ଚେତନ ସ୍ତରରେ ରହିଥାଏ, ତାହା କାଳକ୍ରମେ ବ୍ୟକ୍ତିଗତ ଅବଚେତନରେ ରୂପାନ୍ତରିତ ହୋଇଥାଏ । ଏହି ବ୍ୟକ୍ତିଗତ ଅବଚେତନର ଅନ୍ତରାଳରେ ସ୍ତରୀଭୂତ ହୋଇ ରହିଛି ସାମୂହିକ ଅବଚେତନ

---

୨୧ । ଶ୍ରୀ ଗୁରୁପ୍ରସାଦ ମହାନ୍ତି : ଚଂପାଫୁଲ, ସମୁଦ୍ରସ୍ନାନ, ପୃ. ୧

୨୨ । "Psyche contains all the images that have ever given rise to myth."
Dr. C. G. Jung :'Analytical Psychology, H. G. and C. F. Baynes (Kegan Paul) 1928.

Digitized by srujanika@gmail.com

—ଯୁଗଯୁଗର ମାନବର ଅଭିଜ୍ଞତାର ଭାବକେନ୍ଦ୍ର, ବୌଦ୍ଧିକ ଚେତନାର ମୂଳଉତ୍ସ । ଏହାର ଆଧେୟ ହେଉଛି ଆର୍କିଟାଇପ୍ (Archetype) । ମିଥ୍‌ର ଭାବବସ୍ତୁ ଓ ଗଠନ ବୈଶିଷ୍ଟ୍ୟକୁ ଏହା ନିୟନ୍ତ୍ରିତ କରେ । ଏହି ସାମୂହିକ ଅବଚେତନ ଫ୍ରଏଡ଼ଙ୍କ ଭାଷାରେ—

"ଅବଦମିତ ମାନସିକ ପ୍ରବାହ, ଯାହା ବ୍ୟକ୍ତିବିଶେଷର କେନ୍ଦ୍ରୀୟ ସ୍ଥିତିରେ ଥରକୁଥର ପ୍ରତିଫଳିତ ହୁଏ ।" (୨୩) ବସ୍ତୁତଃ, ଏହି କେନ୍ଦ୍ରୀୟ ସ୍ଥିତିରେ ଯୁଗ ଯୁଗର ମାନବର ଅଭିଜ୍ଞତା ସଞ୍ଚିତ ହୋଇଥାଏ ।

ଜଙ୍ଗ ଏହି ସାମୂହିକ ଅବଚେତନକୁ ଅନ୍ତର୍ନିହିତ ମନସ୍ତାତ୍ତ୍ୱିକ ଚେତନାର ବହିଃପ୍ରକାଶ ରୂପେ ଗ୍ରହଣ କରନ୍ତି, ଯାହା "ମାନବ ସଭ୍ୟତାର ବିକାଶଧାରାର ଆଧ୍ୟାତ୍ମିକ ଉତ୍ତରାଧିକାରୀ ଓ ପ୍ରତ୍ୟେକ ମାନବ ନିକଟରେ ତାହା ପୁନର୍ଜନ୍ମ ପ୍ରାପ୍ତ ହୁଏ ।" (୨୪)

ଏହି ସାମୂହିକ ଅବଚେତନ (collective unconscious), ବିଭିନ୍ନ ଆଦିମ ଚିତ୍ରକଳ୍ପାବଳୀ (Pri-mordial images) ମାଧ୍ୟମରେ ପ୍ରମୂର୍ତ୍ତ, ଯାହା ମିଥ୍‌ର ମୂଳ ଉତ୍ସ । ଏହି ଆର୍କିଟାଇପ୍‌ଗୁଡ଼ିକ ମଧ୍ୟରୁ ଆଦିଜନନୀ (The Magna Mater), ଅଲୌକିକ ଶିଶୁ (The Miraculous Child), ତ୍ରାଣକର୍ତ୍ତା (The Hero-Saviour) ଓ ଜ୍ଞାନୀ ବୃଦ୍ଧ (The wise old man) ଆଦି ସ୍ୱଳ୍ପ କେତେକର ଦୃଷ୍ଟାନ୍ତ ଦିଆଯାଉଛି ।

ଆଦିଜନନୀ (The Magna Mater)

ଆଦିଜନନୀ ଆର୍କିଟାଇପ୍, ମୃତ୍ୟୁ ଓ ପୁନର୍ଜନ୍ମ (Death and Rebirth) ସମ୍ପର୍କିତ ଭାବାବବୋଧର ଜନୟିତ୍ରୀ । ଭାରତର ଦିତି-ଅଦିତି ଦେବକୀ, ଆସିରିଆ ଓ

---

୨୩ । "× × repressed emotional forces occasioned by that ever recurring central situation, in the life of every individual. Freud, 'Totem & Taboo'.

୨୪ । × × revelations of psychic potentialities, the mighty spiritual inheritence of human development reborn in every individual. Dr. C. G. Jung. Analytical Psychology, Kegan Paual, 1928.

Digitized by srujanika@gmail.com

ବେବିଲୋନ୍‌ର ଇସ୍ତର (Ishter), କ୍ରିଟ୍‌ର ରିଆ (Rhea), ଫୋନେସିଆର ଆସ୍ତାର୍ତ୍ତେ (Astarte), ମିଶରର ଇସିସ୍ ଓ ଡିମେଟର, ଆନାଟୋଲିଆର ସିବିଲ୍, ଲୋକକଥାର ଅସୁରୁଣୀ, ଡାକିଣୀ ଓ ପରୀ ତଥା ତନ୍ତ୍ରର କୁମାରୀ, ଏହି ଆଦି-ଜନନୀ ଆର୍କିଟାଇପ୍‌ର ଅନ୍ତର୍ଭୁକ୍ତ । ଏହି ଆଦିଜନନୀ ଅନେକ ସ୍ଥଳରେ ସଭ୍ୟତାର ପୁନର୍ବିନ୍ୟାସ ପାଇଁ ଦେବୋପମ ପୁରୁଷ ସହ ଉପସ୍ଥାପିତ—ଯେଉଁଭଳି ଦେବକୀଙ୍କ ସହ ବସୁଦେବ, ଇସ୍ତରଙ୍କ ସହ ତାମୁଜ, ସିବିଲ୍‌ଙ୍କ ସହ ଆଟିସ୍, ଇସିସ୍‌ଙ୍କ ସହ ସିରସ୍, ଆଫ୍ରୋଡାଇଟ୍‌ଙ୍କ ସହ ଆଡୋନିସ୍ ।

କବି ସୀତାକାନ୍ତ ମହାପାତ୍ରଙ୍କ 'ମାଟି ଓ ମଣିଷ' ଏବଂ ସୌଭାଗ୍ୟ ମିଶ୍ରଙ୍କ 'ଖ୍ରୀସ୍‌ମାସ ୧୯୭୧'ରେ ଏହି ଆଦିଜନନୀ ଆର୍କିଟାଇପ୍‌ର ଉପସ୍ଥାପନା ଲକ୍ଷ୍ୟ କରାଯାଏ । କବି ଶ୍ରୀ ମହାପାତ୍ରଙ୍କ 'ମାଟି ଓ ମଣିଷ'ର ଭାବାବବୋଧ, ମୃତ୍ୟୁଗ୍ରସ୍ତ ପରିବେଶ ମଧ୍ୟରେ ନୂତନ ଜୀବନର ସଞ୍ଚାର । ସମଗ୍ର କବିତାରେ ଏହି ଦୁଇ ବିପରୀତଧର୍ମୀ ଚେତନାର ସ୍ୱାକ୍ଷର ପରସ୍ପର ବିପରୀତଧର୍ମୀ ପରିବେଶ ମଧ୍ୟରେ ସୂଚିତ । କବିତାର 'କାରାଗାର','ମହାକାଳର ମୃତ୍ୟୁ', 'ପ୍ରେତାତ୍ମାର ଶୋଭାଯାତ୍ରା' ଓ 'ପରିବୃତ୍ତି' ଓ 'ଦୁଃସ୍ୱପ୍ନର ଗର୍ଭରେ' ମୃତ୍ୟୁର କ୍ଷମଶୀତଳ ପରିବେଶ ମଧ୍ୟରେ ଦେବକୀ ଓ ବସୁଦେବ ପକ୍ଷାନ୍ତରେ ସାଂପ୍ରତିକ ମାନବ ଚେତନା ଅବରୁଦ୍ଧ ହୋଇଥିବା ବେଳେ; 'ପ୍ରତିଧ୍ୱନି'ରେ ମୃତ୍ୟୁରେ ଜୀବନର (Life in death) ଶୁଭ ସଞ୍ଚାର ଘଟିଛି ।

> ମୃତ୍ୟୁ ନାହିଁ ଆକାଶର, ଯାଦୁକରୀ ଆକାଶର
> ମୃତ୍ୟୁ ନାହିଁ ଏ ମାଟିର ତାରା ଆଉ ଫସଲର
> ମେଘ ଆଉ ସମୁଦ୍ର ହାଓ୍ୱାର
> ବିମଳିନ ଆକାଶର ଆଦିମ ଆଲୁଅ ତଳେ
> ମୃତ୍ୟୁ ନାହିଁ ଏ ମାଟିର ।

ହେ ପୃଥିବୀ, ମଧୁକ୍ଷରା, ମଧୁମତୀ, ଶାକମ୍ଭରୀ ମୋର ଆମର ଏ ଇସିସ୍, ଇସ୍ତର ଆଉ ରିଆ ଆଉ ସିବିଲ୍ ଓ ଆଦିମାତା ଲବୋସୁମ୍ ମୋହ । ୨୫ ।

ମୃତ୍ୟୁହୀନ ମାଟି ଓ ଆକାଶ ମଧ୍ୟରେ ଶାକମ୍ଭରୀ, ଇସିସ୍, ଇସ୍ତର୍, ରିଆ ଓ ସିବିଲ୍ ପ୍ରତି ମାନବର ମୋହମୁଗ୍ଧ ଦୃଷ୍ଟି ସଞ୍ଚରିବାବେଳେ, ପୃଥିବୀରେ ମୃତ୍ୟୁର

(୨୫) ଶ୍ରୀ ସୀତାକାନ୍ତ ମହାପାତ୍ର—'ଅଷ୍ଟପଦୀ', 'ମାଟି ଓ ମଣିଷ' ପୃ. ୩୦

Digitized by srujanika@gmail.com

ହିମଶୀତଳ ପରିବେଶ ସୃଷ୍ଟି ହୁଏ । କିନ୍ତୁ ସେତିକିବେଳେ ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ, ରୋହିଣୀ ଓ ବୃଷର ସଂଯୋଗରେ—

"× × ସେ ପ୍ରେତାତ୍ମା ପୁଣି ଫେରେ
ଜାଗତିକ ଚିରନ୍ତନ ମାଟିର ମୋହକୁ ।" (୨୬)

ଏହି ପ୍ରେତାତ୍ମାର ପୁନରାବର୍ତ୍ତନ ମାନବାତ୍ମାର ପୁନର୍ଜନ୍ମକୁ ପ୍ରତିକାୟିତ କରେ । ଏହି ଧର୍ମ ତ୍ରିପ୍ତ ପୁନର୍ଜନ୍ମ ଭିତରେ ଏକ ନୂତନ ମୂଲ୍ୟବୋଧ ଜନ୍ମନିଏ । ଘନ ଅନ୍ଧକାରଗ୍ରସ୍ତ ମୃତ୍ୟୁମୁଖୀ ପରିବେଶ ମଧ୍ୟରେ ନୂତନ ଜୀବନର ସଞ୍ଚାର ପାଇଁ ଆବିର୍ଭୂତ ହୁଅନ୍ତି ଶ୍ରୀକୃଷ୍ଣ ଆଦିଜନନୀ ଦେବକୀଙ୍କ ଗର୍ଭରୁ । ଏହି ଆଦିଜନନୀ ଆର୍କିଟାଇପ୍‌ର ପ୍ରୟୋଗ କବିତାର ମିଥିକ୍ ଗଢ଼ଣକୁ କାବ୍ୟୋଚିତ ଶୃଙ୍ଖଳା ଓ ସଂହତି ପ୍ରଦାନ କରିଛି ଏବଂ ଏହା ସହ ସମାନ୍ତରାଳ ଭାବରେ, କାଳର ଅବକ୍ଷୟ ମଧ୍ୟରେ ଏକ ନୂତନ ଜୀବନର ସଂକେତ ଦେଇଛି ।

ଅଲୌକିକ ଶିଶୁ (The Miraculous Child):

ଅଲୌକିକ ଶିଶୁ (The Miraculous child) ଶାନ୍ତ ଓ ସ୍ୱାସ୍ଥ୍ୟପୂର୍ଣ୍ଣ ସଂପର୍କିତ ସମ୍ଭାବନାର ପ୍ରତୀକ । ମୃତ୍ୟୁଗ୍ରସ୍ତ ପରିବେଶ ମଧ୍ୟରେ ସେ ଏକ ନୂତନ ମୃତ୍ୟୁଞ୍ଜୟୀ ପରିବେଶ ରଚନା କରେ । ଏଭଳି ନୂତନ ପରିବେଶ ରଚିଥିଲେ ଶିଶୁ ଭୀମ, ଯେ ଶତଶୃଙ୍ଗର ଗର୍ବ ଖର୍ବ କରିଥିଲେ । ଶିଶୁ କୃଷ୍ଣ, ଯେ ପୁତନା, ଶକଟାଦି ରାକ୍ଷସ ବଧ କରିଥିଲେ, ମା' ଯଶୋଦାଙ୍କୁ ବିଶ୍ୱରୂପ ଦେଖାଇଥିଲେ । ଏହାହିଁ ଭାରତୀୟ ମିଥ୍ ପରଂପରାର ଏକ ପ୍ରମୁଖ ଅଧ୍ୟାୟ ।

ବୀର-ତ୍ରାତା (The Hero-Saviour)

ବୀର-ତ୍ରାତା (The Hero-Saviour) ଆର୍କିଟାଇପ୍ ଅଲୌକିକ ଶିଶୁ ତଥା ଆଦିଜନନୀ ଆର୍କିଟାଇପ ସହ ସଂପୃକ୍ତ । ବୀର-ତ୍ରାତାମାନଙ୍କର ଜନ୍ମ ରହସ୍ୟମୟ । ଅଲୌକିକ ଶିଶୁ (The Miraculous child) ଭଳି ଶିଶୁ ଅବସ୍ଥାରେ ସେମାନେ ଅଦ୍‌ଭୁତ କର୍ମ ସଂପାଦନ କରିଥାନ୍ତି । ଏହି ଆର୍କିଟାଇପ୍‌ର ଭାବାବବୋଧ ହେଉଛି—ଅନ୍ୱେଷଣ, ସାହସିକ କାର୍ଯ୍ୟକ୍ରମ ଓ ମହତ୍ ସାଧନା । 'ଶ୍ରୀମଦ୍‌ଭାଗବତ' ଓ 'ମହାଭାରତ'ର ଶ୍ରୀକୃଷ୍ଣ, 'ରାମାୟଣ'ର 'ରାମଚନ୍ଦ୍ର' ତଥା 'ମହାଭାରତ'ର ଭୀମ ଓ ଅର୍ଜୁନ ଏହି ଆଦିମ ଚିତ୍ରକଳ୍ପ (Pri-mordial image)ର ଉଦାହରଣ । କବି ସୀତାକାନ୍ତ

(୨୬) ଅଷ୍ଟପଦୀ, ମାଟି ଓ ମଣିଷ, ପୃ. ୪୫

Digitized by srujanika@gmail.com

ମହାପାତ୍ରଙ୍କର 'କୁବୁଜା ପାଇଁ ଗୋଟିଏ ସଙ୍ଗୀତ'ରେ ଏହି ଆର୍କିଟାଇପର ପ୍ରୟୋଗ ଲକ୍ଷ୍ୟ କରାଯାଏ ।

ଜ୍ଞାନୀ-ବୃଦ୍ଧ (The wise old man)

ଜ୍ଞାନୀ ବୃଦ୍ଧ ଆର୍କିଟାଇପ୍‌ର ଭାବାବବୋଧ ହେଉଛି ପ୍ରଜ୍ଞା ଓ ଅଭିଜ୍ଞାନର ସମୁଦ୍ଧାର । ଧର୍ମୀୟ ପରମ୍ପରା ଓ ସାହିତ୍ୟ ଚେତନାରେ ଏହି ଜ୍ଞାନୀ ବୃଦ୍ଧ ଏକ ଅବଚେତନ ନାୟକସତ୍ତା ସହ ଆଧାରିତ ହୋଇଥିବାର ଲକ୍ଷ୍ୟ କରାଯାଏ । ଯେଉଁଭଳି କଣ୍ୱ ଓ ଶକୁନ୍ତଳା, ପ୍ରସ୍‌ପିରୋ ଓ ମିରାଣ୍ଡା ଏବଂ ଯୋଶେଫ୍ ଓ ମ୍ୟାରି । ମାନବ-ସଭ୍ୟତାର ସାମଗ୍ରିକ ପ୍ରଜ୍ଞା ଓ ମନନଶୀଳତା ମଧ୍ୟରେ ଏହି ଆର୍କିଟାଇପ୍ ବିଦ୍ୟମାନ । କୋଲ୍‌ରିଜ୍‌ଙ୍କର 'ଦି ରାଇମ୍ ଅଫ୍ ଦି ଆନ୍‌ସିଏଣ୍ଟ ମ୍ୟାରିନର' ('The rhyme of the ancient mariner')ରେ ଏହି ଆର୍କିଟାଇପ୍‌ର ପ୍ରୟୋଗ ଲକ୍ଷ୍ୟକରାଯାଏ । ଓଡ଼ିଆ କବିତା ପରଂପରାରେ କବି ଶ୍ରୀ ଚନ୍ଦ୍ରମଣି ବେହେରାଙ୍କ 'ପେଚା' ଓ 'ବେଙ୍ଗ' ମଧ୍ୟ ଏହି ଆର୍କିଟାଇପ୍‌ର ଥିମ୍‌କୁ ନେଇ ସମୃଦ୍ଧ ।

ମିଥ୍ ଓ ପ୍ରତୀକ—

ବିଶ୍ୱ-ସାହିତ୍ୟ ପରଂପରାରେ ମିଥ୍ ଚେତନାର ଅଭ୍ୟୁଦୟ ପୂର୍ବରୁ ପ୍ରତୀକବାଦ (Symbolism)ର ପ୍ରୟୋଗ ଲକ୍ଷ୍ୟ କରାଯାଏ । ଆଧୁନିକ କବିତାରେ ଏହି ପ୍ରତୀକ ପ୍ରୟୋଗର ମୌଳିକ ଉଦ୍ଦେଶ୍ୟ ଥିଲା, ଯୁଗ-ଚେତନା ସମ୍ପର୍କିତ ଅମୂର୍ତ୍ତ ଭାବାବବୋଧ (abstract thought)କୁ ଉପଲବ୍‌ଧିସାପେକ୍ଷ କରାଇବା ଏବଂ ଏହା ମାଧ୍ୟମରେ ସମକାଳୀନ ସାମାଜିକ ତଥା ସାଂସ୍କୃତିକ ଚେତନା ପ୍ରତି ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରାଇବା—ଯେଉଁଭଳି କବି-ସମାଲୋଚକ ଟି. ଏସ୍. ଏଲିୟଟ୍‌ଙ୍କ 'The Love Song of J. Alfred Prufrock'ରେ Prufrock, ଅବକ୍ଷୟଗ୍ରସ୍ତ ଆଧୁନିକ କାଳର ମାନବ ସଭ୍ୟତାର ପ୍ରତିଭୂ । ଏହି ଆଧୁନିକ ମାନବ କବି ଗୁରୁପ୍ରସାଦଙ୍କ ଭାଷାରେ—'ଗୋବର ଗଣେଶ' । 'ଗଣେଶ' ଭାରତୀୟ ପୌରାଣିକ ପରଂପରାରେ ପ୍ରଜ୍ଞା ଓ ଅଭିଜ୍ଞାନର ଦେବତା । ଅଥଚ ସାଂପ୍ରତିକ ମଣିଷ ପ୍ରଜ୍ଞା ଓ ଅଭିଜ୍ଞାନ ବହିର୍ଭୂତ ଏବଂ ଅନ୍ତଃସାରଶୂନ୍ୟ । ସାଂପ୍ରତିକ ମଣିଷର ଏ ଅନ୍ତଃସାରଶୂନ୍ୟତା 'ଗୋବର' ବିଶେଷଣ ମାଧ୍ୟମରେ ସୂଚିତ । ବସ୍ତୁତଃ, ଏ ଆଧୁନିକ 'ଗୋବର ଗଣେଶ' ପରଂପରାବର୍ଜ୍ୟିତ । ଜର୍ଜ ଲୁକସ୍‌ଙ୍କ ଭାଷାରେ—"ଆଜିର ମଣିଷ ଏକ ପାରସ୍ପରିକ ସଙ୍ଗତିବିହୀନ, ଖଣ୍ଡିତ

Digitized by srujanika@gmail.com

ଚେତନାରେ ସଙ୍କୁଚିତ । ସେ କେବଳ ଅପର ପକ୍ଷରେ ଦୁର୍ବୋଧ ହୋଇନାହିଁ, ନିଜଠାରେ ମଧ୍ୟ ନିଜେ ଚରମ ଦୁର୍ବୋଧ ।" (୨୭)

ଆଧୁନିକ ମନ ଓ ମନନର ସ୍ୱରୂପ ଉନ୍ମୋଚିତ କରିବାବେଳେ ପ୍ରତୀକବାଦ ଲେଖକ ଓ ପାଠକ ମଧ୍ୟରେ ସବୁବେଳେ ପ୍ରତ୍ୟକ୍ଷ ଯୋଗାଯୋଗ ସୃଷ୍ଟି କରିବାରେ ସଫଳ ହୋଇନାହିଁ, କାରଣ ଆଧୁନିକ କବିତାରେ ପ୍ରତୀକ ପ୍ରାୟଶଃ ବ୍ୟକ୍ତିସୃଷ୍ଟ । କିନ୍ତୁ ମିଥ୍ ଏଇ ପରିପ୍ରେକ୍ଷୀରେ ପରଂପରାସୃଷ୍ଟ । ସୁତରାଂ ସଭ୍ୟତା ଓ ସଂସ୍କୃତିର ଅନ୍ତଃରୂପ ସହ ଏହା ଘନିଷ୍ଠ ଭାବେ ଜଡ଼ିତ—ଯେଭଳି ମଣିଷର ନିଃସଙ୍ଗତା ତଥା ବେଦନାବୋଧ କବି ସୀତାକାନ୍ତ ମହାପାତ୍ରଙ୍କ 'ଅଷ୍ଟପଦୀ' ଗ୍ରନ୍ଥର ପ୍ରାୟ ଅଧିକାଂଶ କବିତାରେ, 'ଏରକାର ବନ' ମିଥ୍ ମାଧ୍ୟମରେ ସୂଚିତ । 'ଏରକାର ବନ' ଯଦୁବଂଶ ବିଲୟର ପୃଷ୍ଠପଟ; ଯେଉଁଠାରେ ପିତା-ପୁତ୍ର, ଜ୍ଞାତି ସହୋଦର—ପରସ୍ପର ପରସ୍ପରର ବିନାଶର କାରଣ ହୋଇଛନ୍ତି । ଏହାର ପରିଣତି ସ୍ୱରୂପ ଏକ ଚରମ ଶୂନ୍ୟତା ସୃଷ୍ଟି ହୋଇଛି, ଯାହାକୁ ସ୍ୱୟଂ ଶ୍ରୀକୃଷ୍ଣ ମଧ୍ୟ ପ୍ରତିହତ କରିପାରିନାହାନ୍ତି ।

ସେହିଭଳି ଇଂରାଜୀ ସାହିତ୍ୟ ପରମ୍ପରାରେ, ସିମିୟନ୍ କାଳର ଅବକ୍ଷୟକୁ ଦୂରଦୃଷ୍ଟିରେ ଦର୍ଶନ କରି ବିଷାଦଗ୍ରସ୍ତ ହୋଇପଡ଼ିଛି; ଅଥବା ଗୁରୁପ୍ରସାଦଙ୍କ ଅକ୍ରୂର ପ୍ରଲମ୍ବିତ ଭବିଷ୍ୟତ ପ୍ରତି ଦୃଷ୍ଟିପାତ କରି ଅବଗତ ହୋଇଛି, "କୃଷ୍ଣ ଅଚିରେ ଜାରାଶବର ଦ୍ୱାରା ଶରବିଦ୍ଧ ହେବେ ।"—ଧର୍ମ, ନ୍ୟାୟ, ମିତବଚନର ଅଧ୍ୟାୟ ସମାପ୍ତ ହେବ । ସେଥିପାଇଁ ଅକ୍ରୂର ଚାହେଁ—"ଦେହର ବିମୁକ୍ତି" ଭିତରୁ ପ୍ରମୁକ୍ତି ପାଇବାକୁ—"ତୁମେ ମୋର/ଏ ଦେହରୁ/ଏ ଯାତ୍ରାର/ ଧୂସର କ୍ଳାନ୍ତିରୁ/ଆଜି କ'ଣ ମୁକ୍ତି ଦେବି/ସମୟ ଓ ସମୟର ସଂଗ୍ରାମ ଓ ରକ୍ତପାତଠାରୁ ? ତୁମେ ଯଦି ମୁକ୍ତି ଦିଅ/ମତେ ଆଜି ମୋ ଦେହରୁ/ପୁନର୍ବାର ବିମୁକ୍ତି ଭିତରୁ/ସାରଥିର ସାର୍ଥକତା/ଫୁଟେଇ ଆଜିର/ଏ ଯାତ୍ରାରେ ମୋ/ତୁମର ସନ୍ଧିତ ।" (୨୮)

---

୨୭ । "Man is reduced to a sequence of unrelated fragments, he is as inexplicable to others as to himself."
George Lucas : The Meaning of Contemporary Realism. p. 26.

୨୮ । ଶ୍ରୀ ଗୁରୁପ୍ରସାଦ ମହାନ୍ତି : ସମୁଦ୍ରସ୍ନାନ, ଅକ୍ରୂର ଉବାଚ, ପୃ. ୫୩

Digitized by srujanika@gmail.com

ଏଲିୟଟ୍‌ଙ୍କ 'ସିମିୟନ' ଓ ଗୁରୁପ୍ରସାଦଙ୍କ 'ଅଙ୍କୁର' ଯଥାକ୍ରମେ 'ବାଇବେଲ' ଓ 'ଶ୍ରୀମଦ୍‌ଭାଗବତ'ରୁ ଆହୃତ । ମିଥ୍‌ଚେତନାଧର୍ମୀ କବିତାରେ ଚରିତ୍ର ଓ ଘଟଣାଗୁଡ଼ିକ ଅବଲୀଳାକ୍ରମେ ପ୍ରତୀକରେ ରୂପାନ୍ତରିତ ହୋଇଯାଆନ୍ତି ସତ, ମାତ୍ର ପରଂପରା ସହ ତାହା ନିବିଡ଼ ଯୋଗସୂତ୍ର ରକ୍ଷା କରୁଥିବାରୁ ଏହାର ଆବେଦନ ଅଧିକ ଗଣମୁଖୀ ହେବାର ସମ୍ଭାବନା ଥାଏ ।

ମିଥ୍‌ର ବର୍ଗୀକରଣ

ପ୍ରୟୋଗଗତ ବୈଶିଷ୍ଟ୍ୟ ପରିପ୍ରେକ୍ଷୀରେ ମିଥ୍‌କୁ ଦୁଇଟି ପର୍ଯ୍ୟାୟରେ ବର୍ଗୀକରଣ କରାଯାଇପାରେ; ଯଥା—ବ୍ୟକ୍ତିଗତ ମିଥ୍ (Myth Personal) ଓ ବ୍ୟକ୍ତିବହିର୍ଭୂତ ମିଥ୍ (Myth Impersonal) । ପାଶ୍ଚାତ୍ୟ ସାହିତ୍ୟରେ ଏଲିୟଟ୍, ପାଉଣ୍ଡ ଓ ସେଫେରିସ ଇତ୍ୟାଦିଙ୍କ କବିତାରେ ଏହି ବ୍ୟକ୍ତି-ବହିର୍ଭୂତ ବା ନୈର୍ବ୍ୟକ୍ତିକ ମିଥ୍‌ର ପ୍ରୟୋଗ ଲକ୍ଷ୍ୟ କରାଯାଏ । ଏହି ପର୍ଯ୍ୟାୟଭୁକ୍ତ ମିଥ୍ ସାଧାରଣତଃ ଇତିହାସ, ପୁରାଣ ଓ ପୁରାତତ୍ତ୍ୱ ଆଦିରୁ ଆହୃତ । ବ୍ୟକ୍ତିଗତ ମିଥ୍ ବ୍ୟକ୍ତିକ ଅନୁଭବର ଅଭିବ୍ୟକ୍ତି । ପାଶ୍ଚାତ୍ୟ ସାହିତ୍ୟରେ ପଲ୍ କ୍ଲୋଦେଲ୍, ରେନେସାର, ଭାଲେରୀ, ସାଁ ଜଁ୍ୟା ପର୍ସ ଓ ରିଲ୍‌କେ ପ୍ରମୁଖ ଏହି ବ୍ୟକ୍ତିଗତ ମିଥ୍‌ର ସ୍ରଷ୍ଟା ।

ଭାରତୀୟ ଜନଜୀବନ ଏକ ସନାତନ ସଂସ୍କୃତିରେ ବିଶ୍ୱାସ କରୁଥିବାରୁ, ନୈର୍ବ୍ୟକ୍ତିକ ମିଥ୍‌ର ପ୍ରୟୋଗ ଅଧିକ ।

ଏହା ବ୍ୟତୀତ ଉଦ୍ଭିଦ ସଂପର୍କିତ ମିଥ୍ (Vegetation Myth), ଉତ୍ପାଦିକା ଶକ୍ତି-ସମ୍ପର୍କିତ ମିଥ୍ (Fertility Myth), ପ୍ରେମ-ସମ୍ପର୍କିତ ମିଥ୍ (Love Myth), ବୀରତ୍ୱବୋଧ-ସଂପର୍କିତ ମିଥ୍ (Hero Myth) ତଥା ମାନବୀୟ ମୂଲ୍ୟବୋଧର ବିପର୍ଯ୍ୟୟ ହେତୁ ଭାଗ୍ୟ, ଦେବତା ଅଥବା ଅପଦେବତାର ଦଣ୍ଡାଦେଶ-ସଂପର୍କିତ ମିଥ୍ (Punishment Myth) ଆଦି ଏହାର ବିଭିନ୍ନ ବର୍ଗୀକରଣ ରହିଛି ।

ଏଲିୟଟ୍‌ଙ୍କର 'ଦି ୱେଷ୍ଟ ଲ୍ୟାଣ୍ଡ' (The Waste Land)ରେ ଉଦ୍‌ଭିଦ ସଂପର୍କିତ (Vegetation) ତଥା ଉତ୍ପାଦିକା ଶକ୍ତି ସଂପର୍କିତ (Fertility) ମିଥ୍‌ର ପ୍ରୟୋଗ ଲକ୍ଷ୍ୟ କରାଯାଏ । ଆଧୁନିକ ଓଡ଼ିଆ କବିତା ପରମ୍ପରାରେ

Digitized by srujanika@gmail.com

କବି ଗୁରୁପ୍ରସାଦ ଓ ସୀତାକାନ୍ତଙ୍କର ଯଥାକ୍ରମେ 'କାଳପୁରୁଷ' ('ସମୁଦ୍ରସ୍ନାନ') ଓ 'ଅଷ୍ଟପଦୀ'ରେ ଏହି ଜାତୀୟ ମିଥ୍‌ର କାବ୍ୟିକ ପ୍ରୟୋଗ ଲକ୍ଷ୍ୟ କରାଯାଏ । ପ୍ରେମ ଓ ମୃତ୍ୟୁ ତଥା ଆଧ୍ୟାତ୍ମିକ ଚେତନା ସମ୍ପର୍କିତ ମିଥ୍‌ର ପ୍ରୟୋଗ ରମାକାନ୍ତ ରଥଙ୍କ ଶ୍ରୀରାଧାରେ ଲକ୍ଷଣୀୟ । ଗ୍ରୀକ୍ ସଂସ୍କୃତି ପରମ୍ପରାର 'ଓଡେଶୀ' (Oddyssey) ଓ 'ଇଲିୟାଡ୍' (Illiad)ରେ ପ୍ରେମ ସମ୍ପର୍କିତ ତଥା ନୀତିବୋଧ ସମ୍ପର୍କିତ ମିଥ୍‌ର ଦୃଷ୍ଟାନ୍ତ ରହିଛି । 'ବାଇବେଲ୍'ର ଆଦାମ୍ ଓ ଇଭ୍ କାହାଣୀରେ 'ପନିଶମେଣ୍ଟ' ମିଥ୍‌ର ସୂଚନା ମିଳେ ।

ମିଥିକ୍ କବିତାର ସ୍ୱରୂପ

"କବିତାରେ ମିଥ୍‌ର ପ୍ରୟୋଗ କେବଳ ଏକ ବର୍ଣ୍ଣନାତ୍ମକ ଗଢ଼ଣ ପରିପାଟୀ ନୁହେଁ—କବିତାର ଏହା ଅନ୍ତଃସତ୍ତ୍ୱ—କବିତାର ଜୀବନସଞ୍ଚାରକାରୀ ରକ୍ତକଣିକା ସ୍ୱରୂପ ।" (୨୯)

ସୁତରାଂ ପୌରାଣିକ ଘଟଣା ଓ ଚରିତ୍ରର ନାମୋଲ୍ଲେଖ ମାତ୍ର ରହିଲେ କବିତା ଏକ ମିଥିକ୍ କବିତା ହୋଇପାରେ ନାହିଁ । ଏହା ଅତୀତକୁ ସାମ୍ପ୍ରତିକ କାଳ ସହ ଏକ ଯୋଗସୂତ୍ରରେ ଗ୍ରଥିତ କରି, ଭବିଷ୍ୟତ ପାଇଁ ସୁଦୂରଦୃଷ୍ଟିର ସଙ୍କେତ ବହନ କରିବା ଆବଶ୍ୟକ । ମିଥିକ୍ କବିତା ପୌରାଣିକ ଚରିତ୍ର ଓ ଘଟଣାର ସୀମିତ ବଳୟକୁ ଅତିକ୍ରମ କରିଥାଏ—ଯେପରି ଗୁରୁପ୍ରସାଦଙ୍କ 'ଇଳା' ଅଥବା କବି ବେଣୁଧର ରାଉତଙ୍କ 'ବୃହନ୍ନଳା' । 'ଇଳା' ଭାରତୀୟ ପୁରାଣ ପରମ୍ପରାରେ ମନୁ ଓ ଶ୍ରଦ୍ଧାଙ୍କ କନ୍ୟା । ସେ ଅର୍ଦ୍ଧ-ନାରୀ ଓ ଅର୍ଦ୍ଧେକ ପୁରୁଷ । 'କାଳପୁରୁଷ'ରେ ସେ ଆଧୁନିକ ମାନବର ପ୍ରତିଭୂ । କାଳର ଅବକ୍ଷୟର ଭୁକ୍ତଭୋଗୀ । ବେଣୁଧର ରାଉତଙ୍କ 'ବୃହନ୍ନଳା' ସେହିପରି 'ମହାଭାରତ'ର ଛଦ୍ମବେଶୀ ଅର୍ଜୁନ ମାତ୍ର ନୁହେଁ—ସେ ସାଂପ୍ରତିକ କାଳର ଅପହୃତ ପୌରୁଷର ପ୍ରତୀକ ।

୨୯ । Myth in poetry is not to be conceived merely as a narrative structure, but should enter into its very life blood of the poem.—Encyclopaedia of Poetry & Poetics, Edtd. by Alex Preminger. P. 43.

Digitized by srujanika@gmail.com

ଏଇ ପରିପ୍ରେକ୍ଷୀରେ କବିତାର ମିଥିକ୍ ଗଠନ ସଂପର୍କରେ ଟି. ଏସ୍. ଏଲିୟଟ୍‌ଙ୍କ ଉକ୍ତି ଉଦ୍ଧାର କରାଯାଇପାରେ—"ବର୍ଣ୍ଣନାତ୍ମକ ପଦ୍ଧତି ପରିବର୍ତ୍ତେ ପ୍ରାଚୀନତା ଓ ଆଧୁନିକତାର ସମାନ୍ତରାଳ ପ୍ରବାହକୁ ଆମେ ନିପୁଣତାର ସହ ମିଥିକାଲ୍ ପଦ୍ଧତିରେ ପ୍ରୟୋଗ କରିପାରୁ ।" (୩୦) ସୁତରାଂ ସମୟଚେତନା ମିଥିକ୍ କବିତାର ଏକ ବୈଶିଷ୍ଟ୍ୟ ।

ମିଥ୍‌ର ପ୍ରାୟୋଗିକ ଭୂମିକା (Functions of Myth)

ମିଥ୍ ଯେକୌଣସି ପରିସରରୁ ଆହୃତ ହୋଇଥାଉନା କାହିଁକି, ଅତୀତ ଓ ବର୍ତ୍ତମାନ ମଧ୍ୟରେ ଏହା ଯୋଗସୂତ୍ର ସ୍ଥାପନ କରି, ନୂତନ ସାମାଜିକ ତଥା ସାଂସ୍କୃତିକ ସତ୍ୟ ପ୍ରତିଷ୍ଠା କରିଥାଏ ।

"ଆଦିମ ମାନବର ସ୍ଥିତି ଏବେ ବି ଆଧୁନିକ ମାନବ ମଧ୍ୟରେ ଅନ୍ତର୍ନିହିତ । ପ୍ରାଚୀନ ମିଥ୍‌ର ଆଦିମ ପ୍ରତୀକଗୁଡ଼ିକ, ବସ୍ତୁବିଜ୍ଞାନ ଓ ବୈଷୟିକ ବିଜ୍ଞାନର ଶୀର୍ଷସ୍ଥଳରେ ଅଧିରୂଢ଼ ବିଂଶ ଶତାବ୍ଦୀର ମଣିଷର ସ୍ୱପ୍ନରେ ବିଳାସ ସୃଷ୍ଟି କରେ । ମାନବ ସଭ୍ୟତା ମଧ୍ୟରେ ପ୍ରତିକୂଳାତ୍ମକ ବିଜ୍ଞାନର ଅନୁପ୍ରବେଶକୁ ପ୍ରତିହତ କରିବାପାଇଁ ମିଥ୍ କବିତା ମାଧ୍ୟମରେ ଦୃଢ଼ ରକ୍ଷାକବଚ ଦେଇଥାଏ ।" (୩୧)

---

୩୦ । Instead of narrative method we may use now, the mythical method manipulating a continuous parallel between contemporaneity and antiquity.—T. S. Eliot.

୩୧ । " x x Primitive man still lurks within each of us and that the 20th century citizen who dutifully drives to work each morning in an automobile, transacts business by telephone x x recreates nightly in his dreams the premordial images of ancient myth. Since in these terms, myth seems to offer to poetry an inviolable refuge against the incursions of hostile science."

William K. Wimsatt & Cleanth Brooks,—Literary Criticism : A Short History : Myth & Archetype. P. 709.

Digitized by srujanika@gmail.com

ଗବେଷକ ମାଲିନୋସ୍କିଙ୍କ ଭାଷାରେ—"ମିଥ୍‌ର କାର୍ଯ୍ୟ ହେଉଚି ପରମ୍ପରାକୁ ସୁଦୃଢ଼ କରିବା ଓ ତାହାକୁ ଉଚ୍ଚତର ମୂଲ୍ୟବୋଧ ତଥା ମର୍ଯ୍ୟାଦାରେ ଅଭିଷିକ୍ତ କରିବା, ପୁରାତନ ଘଟଣାବଳୀର ଉନ୍ନତ, ଅପେକ୍ଷାକୃତ ଉତ୍ତମ ଓ ଅଲୌକିକ ବାସ୍ତବତାର ଅନୁଧ୍ୟାନ କରିବା । (୩୨)

"ଗୋଟିଏ ଜାତି ବା ଗୋଷ୍ଠୀର ଯୁଗଚେତନା ତଥା ସୁନିର୍ଦ୍ଦିଷ୍ଟ ଆକ୍ଷରିକ ବିଶ୍ୱାସବୋଧ ଅପେକ୍ଷା କାବ୍ୟିକ ଚେତନାବୋଧ ସହିତ ଏହାର ଅଧିକ ସୌସାଦୃଶ୍ୟ ଥାଏ ।" (୩୩)

'ଏନ୍‌ସାଇକ୍ଲୋପେଡିଆ ଅଫ୍ ବ୍ରିଟାନିକା' ଭାଷାରେ କହିଲେ, ମିଥ୍‌ର ଏହି ପ୍ରାୟୋଗିକ ଭୂମିକା ଅଧିକ ସ୍ପଷ୍ଟ ହୋଇଯାଏ—"ମିଥ୍ ସେଥିପାଇଁ ମାନବର ଗଭୀରତମ ଅଭୀପ୍ସାକୁ ସ୍ପର୍ଶ କରେ । ତାର ଭୟବୋଧ, ଆଶା, ଆବେଗ ଓ ଭାବପ୍ରବଣତା ମଧ୍ୟରେ ସାମାଜିକ ଶୃଙ୍ଖଳା ତଥା ବୈଧାନିକତାକୁ ଅବ୍ୟାହତ ରଖେ । କଳାତ୍ମକ ଅଭିବ୍ୟକ୍ତିଠାରୁ ବୈଧାନିକ ଅଭିବ୍ୟକ୍ତି ପର୍ଯ୍ୟନ୍ତ ସଂପ୍ରସାରିତ ହୋଇ ସାମାଜିକ ଶୃଙ୍ଖଳା ତଥା ସାମାଜିକ ପରିମଣ୍ଡଳକୁ ପ୍ରତିପାଦିତ କରେ । (୩୪)

---

୩୨ । "The function of myth is to strengthen tradition and endow it with greater value and prestige by tracing it back to a higher, better, more supernatural reality of ancient events." (Malinovski).

୩୩ । Myth has certain affinity with the spirit of age of nation and tribe as well as with forms of belief more poetic than literal.—William Righter : 'Myth & Literature' P-9.

୩୪ । "× × myth, therefore touches the deepest desires of man, his fears, his hopes, his passions, his sentiments as it validates the social order, justifies the existing social scheme and ranges from expressions of sheer artistry to legelism."

Encyclopaedia of Britanica : Ltd. Chicago, London, Toronto, Vol. 16.

Digitized by srujanika@gmail.com

ମିଥ୍‌ର ସଂଜ୍ଞା, ପରିସର ତଥା ପ୍ରାୟୋଗିକ ଭୂମିକାର ଏହା ଏକ ସଂକ୍ଷିପ୍ତ ଇତିବୃତ୍ତ । ମିଥିକ୍ କବିତାର ସଂସ୍କୃତି ଓ ସମସ୍ୟାସଚେତନତା ଏଠାରେ ସୂଚିତ । ପ୍ରାଚୀନ ସଭ୍ୟତା ଓ ସଂସ୍କୃତିକୁ ସାଂପ୍ରତିକ ସଂସ୍କୃତି ଚେତନା ସହ ସଂଯୁକ୍ତ କରି, ମିଥିକ୍ କବିତା କିଭଳି ବିଜ୍ଞାନର ପ୍ରତିକୂଳାତ୍ମକ ମନୋବୃତ୍ତିକୁ ପ୍ରତିହତ କରିବାପାଇଁ ଉଦ୍ୟମ କରୁଛି, ତାହା ଏହି ପର୍ଯ୍ୟାୟରେ ପ୍ରତିପାଦିତ । ପରବର୍ତ୍ତୀ ପର୍ଯ୍ୟାୟରେ ଇଂରାଜୀ କବିତାରେ ମିଥ୍ ପ୍ରୟୋଗ ପରିପ୍ରେକ୍ଷୀରେ ଏହି ସୂଚନା ଅଧିକ ସଂପ୍ରସାରିତ ।

□□□

Digitized by srujanika@gmail.com

ଦ୍ୱିତୀୟ ପରିଚ୍ଛେଦ

ମିଥ୍‌ର ବିବର୍ତ୍ତନଧାରା : ଇଂରାଜୀ କାବ୍ୟ ପରମ୍ପରାରେ

ଇଂରାଜୀ କାବ୍ୟ ପରମ୍ପରାରେ ମିଥ୍‌ର ଏକ ସୁନିର୍ଦ୍ଦିଷ୍ଟ ବିବର୍ତ୍ତନ ଧାରା ଲକ୍ଷ୍ୟ କରାଯାଏ । ସ୍ପେନ୍‌ସର୍‌ଙ୍କ 'ଫେୟାରୀ କୁଇନ୍' (Faerie Queen) ଠାରୁ ଆରମ୍ଭ କରି ମିଲ୍‌ଟନ୍‌ଙ୍କ 'ପାରାଡାଇଜ୍ ଲଷ୍ଟ' (Paradise Lost) ତଥା ଏଲିୟଟ୍‌ଙ୍କର 'ଦି ୱେଷ୍ଟ ଲ୍ୟାଣ୍ଡ' (The Waste Land) ପର୍ଯ୍ୟନ୍ତ ଦୃଷ୍ଟି ସଂପ୍ରସାରିତ କଲେ, ଏହି କାବ୍ୟିକ ବିବର୍ତ୍ତନ ପ୍ରକ୍ରିୟା ସୁସ୍ପଷ୍ଟ ହୁଏ । ଇଂରାଜୀ କବିତାରେ ପ୍ରୟୋଗ କରାଯାଇଥିବା ଏହି ମିଥ୍‌ଗୁଡ଼ିକ ମୁଖ୍ୟତଃ ଗ୍ରୀକ୍ ପରମ୍ପରାରୁ ଆହୃତ । ଗ୍ରୀକ୍ ମିଥ୍‌ର ଏହି ପଞ୍ଜରି ଉପରେ ଇଂରାଜୀ କବିଗଣ ସ୍ୱକୀୟ କାବ୍ୟିକ ଆଭିମୁଖ୍ୟ ତଥା ଯୁଗଚେତନାର ସ୍ୱାକ୍ଷର ପ୍ରମୂର୍ତ୍ତ କରିଛନ୍ତି ।

ସ୍ପେନ୍‌ସରଙ୍କ 'ଫେୟାରୀ କୁଇନ୍' (Faerie Queen)ରେ ଏକ ନୈତିକ ଭାବାଦର୍ଶ ଗ୍ରୀକ୍ ପରମ୍ପରାର 'ଆର୍ଥରିଆନ୍ ମିଥ୍' ଉପରେ ଆଧାରିତ । ପରୀ କଥା ଭଳି ଢଙ୍ଗରେ ବହୁ ଅଲୌକିକ ଉପାଦାନ (Super-natural element) ସଂଯୋଜିତ ହୋଇଥିବାର ଲକ୍ଷ୍ୟ କରାଯାଏ । ଏହି ଆର୍ଥରିଆନ୍ ମିଥ୍ ଉପରେ ଆଧାରିତ ସ୍ପେନ୍‌ସରଙ୍କ 'ଫେୟାରୀ କୁଇନ୍'ର କାବ୍ୟିକ ବିବର୍ତ୍ତନ ଧାରା ହେଉଚି ଏହିପରି—

ପରୀ-ରାଣୀ ଗ୍ଲୋରିଆନା (Gloriana)ଙ୍କ ବାର୍ଷିକ ଭୋଜି ସଭା ଦ୍ୱାଦଶ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ପ୍ରତିଦିନ ଜଣେ ଜଣେ 'ନାଇଟ୍' (Knight) ଏକ ଏକ ସମସ୍ୟାର ସମାଧାନ କରନ୍ତି । ଦୁଃସାହସିକ ଅଭିଯାନ ଦ୍ୱାରା ଏହି ସମସ୍ୟା ସମାହିତ ହୁଏ । ସେଦିନ ଭୋଜି ସଭାରେ ଆର୍ଥର ନାମକ ଜଣେ ଯୁବକଙ୍କୁ ବିଦୂଷକ ସଦୃଶ (Clownish) ବେଶଭୂଷାରେ ତଳେ ବସିଥିବାର ଦେଖାଗଲା । ଏହି ସମୟରେ ଉନା (Una) ନାମକ ଜଣେ ତରୁଣୀ

Digitized by srujanika@gmail.com

ପ୍ରବେଶ କରି କହିଲେ ଯେ ତାଙ୍କ ପିତାମାତାଙ୍କୁ ଗୋଟିଏ ଡ୍ରାଗନ୍ ଏକ ଦୁର୍ଗ (castle)ରେ ବନ୍ଦୀ କରି ରଖିଛି—ସେମାନଙ୍କୁ ଉଦ୍ଧାର କରାଯିବା ଆବଶ୍ୟକ । ଏହି ସମୟରେ ଆର୍ଥର କହିଲେ ଯେ, ସେ ଏହି କାର୍ଯ୍ୟ ସମ୍ପନ୍ନ କରିପାରିବେ । ଏହା ପରେ ଗୌରବପୂର୍ଣ୍ଣ ପୋଷାକ ପିନ୍ଧି ସେ ଦୁଃସାହସିକ ଅଭିଯାନରେ ବାହାରିଲେ ।

ଗ୍ରୀକ୍ ମିଥ୍‌ର ଏହି ପଞ୍ଜୀର ଉପରେ ଗଂସିତ କାବ୍ୟରେ ନୈତିକ ରୂପକ (Moral Allegory) ଓ ରାଜନୈତିକ ରୂପକ (Political Allegory)ର ସମନ୍ୱିତ ଅଭିବ୍ୟକ୍ତି ଲକ୍ଷ୍ୟ କରାଯାଏ ।

ନୈତିକ ରୂପକ (Moral Allegory) ପରିପ୍ରେକ୍ଷୀରେ ଉନା ସତ୍ୟର ପ୍ରତୀକ (Symbol of truth) । ଆର୍ଥରଙ୍କୁ ଏଠାରେ 'ରେଡ୍‌କ୍ରସ୍ ନାଇଟ୍' (Redcross Knight) ରୂପେ ଅଭିହିତ କରାଯାଇଛି । ସେ ସେବା, ତ୍ୟାଗ ତଥା ସତ୍ୟାନୁସନ୍ଧିତ୍ସାର ପ୍ରତୀକ । ଅଭିଯାନ କାଳରେ ସେ ପ୍ରଥମେ ଦୁ୍ୟସା (Duussa)ଙ୍କର ସମ୍ମୁଖୀନ ହୋଇଥାନ୍ତି । ଦୁ୍ୟସା ଅସତ୍ୟ (Falsehood)ର ପ୍ରତୀକ । ରାକ୍ଷସ ଓର୍‌ଗାଗ୍ଲିଓ (Orgaglio) ମାନବୀୟ ଔଦ୍ଧତ୍ୟର ପ୍ରତୀକ ।

ରାଜନୈତିକ ରୂପକ ଦୃଷ୍ଟିରୁ ବିଶ୍ଳେଷଣ କଲାବେଳେ ମନେହୁଏ ଏଠାରେ ଆଙ୍ଗ୍ଲିକାନ୍-କ୍ୟାଥଲିକ୍ ଦ୍ୱନ୍ଦ୍ୱ (Anglican-Catholicconfict) ସୂଚିତ । ଦୁ୍ୟସା ଏଇ ପରିପ୍ରେକ୍ଷୀରେ ସ୍କଟ୍‌ର ରାଣୀ ମେରୀଙ୍କର ପ୍ରତୀକ । ପରୀ-ରାଣୀ ଗ୍ଲୋରିଆନା ରାଣୀ ଏଲିଜାବେଥ୍‌ଙ୍କର ପ୍ରତୀକ । ଗ୍ଲୋରିଆନାଙ୍କ ଚରିତ୍ର ମାଧ୍ୟମରେ ଏଠାରେ ନିଷ୍ପାପ, ସ୍ୱର୍ଗୀୟ ସୌନ୍ଦର୍ଯ୍ୟର ସୂଚନା ଦିଆଯାଇଛି ।

ମିଲ୍‌ଟନ୍‌ଙ୍କ ପାରାଡାଇଜ୍ ଲଷ୍ଟ (Paradise Lost) ବାଇବେଲ୍‌ର ଆଦାମ୍ ଓ ଇଭ୍ ମିଥ୍ ଉପରେ ଆଧାରିତ । ମାନବର ସ୍ୱର୍ଗଚ୍ୟୁତି ଆପାତତଃ ଏହାର ପ୍ରତିପାଦିତ ବକ୍ତବ୍ୟ ଭଳି ମନେହୁଏ । ଈଶ୍ୱରଙ୍କ ପ୍ରିୟ ସୃଷ୍ଟି ଆଦିମାନବ ଆଦାମ୍ ଓ ଆଦିମାନବୀ ଇଭ୍ ଇଡେନ୍ ଉଦ୍ୟାନର ଅଧିବାସୀ । ଈର୍ଷ୍ୟା, ଅସୂୟା, ଲୋଭ, ମୋହ, ପାପ ଓ ପ୍ରତାରଣା ସେତେବେଳେ ସେମାନଙ୍କର ନିଷ୍ପାପ ଚେତନାକୁ ସ୍ପର୍ଶ କରିନାହିଁ । କିନ୍ତୁ ସାଟାନ୍ (Satan)ର ପ୍ରରୋଚନାରେ ପ୍ରଲୋଭିତ ହୋଇ ନିଷିଦ୍ଧ ଫଳ (Forbidden fruit) ଖାଇବା ପରେ, ସେମାନେ ଲୋଭ, ମୋହ ତଥା ପାପ ଓ ପ୍ରତାରଣାର

Digitized by srujanika@gmail.com

ଶିକାର ହୋଇଚନ୍ତି । ଫଳରେ ସେମାନେ ହୋଇଛନ୍ତି ଈଶ୍ୱର-ଦ୍ରୋହୀ । ବସ୍ତୁତଃ, ଏ ଈଶ୍ୱର-ଦ୍ରୋହ ପ୍ରକାରନ୍ତରେ ଉଚ୍ଚାଙ୍ଗ ମୂଲ୍ୟବୋଧର ବିରୋଧରେ ମାନବର ଆଦିମ ବିଦ୍ରୋହ । ସୁତରାଂ ମାନବକୁ ତା'ର ସ୍ୱରାଜ୍ୟ ସ୍ୱର୍ଗରୁ ନିର୍ବାସିତ ହେବାକୁ ପଡ଼ିଛି । ପୃଥିବୀ ଓ ସ୍ୱର୍ଗକୁ ସଂଯୁକ୍ତ କରୁଥିବା ସ୍ୱର୍ଣ୍ଣଶିକୁଳି ଅବଶ୍ୟମ୍ଭାବୀ ଭାବେ ବିଚ୍ଛିନ୍ନ ହୋଇଯାଇଛି । ଆପାତତଃ, ଏହା ହିଁ ବାଇବେଲ୍‌ର ଏହି ଖ୍ରୀଷ୍ଟୀୟ ମିଥ୍‌ର ବକ୍ତବ୍ୟ । ମିଲ୍‌ଟନ୍‌ଙ୍କ 'ପାରାଡାଇଜ୍ ଲଷ୍ଟ'ରେ ଏହା କାବ୍ୟ ରୂପ ଗ୍ରହଣ କରିଛି, ଇଂରାଜୀ ସାହିତ୍ୟର ରେଷ୍ଟୋରେସନ୍ ଯୁଗ (Restoration Period)ରେ । ଚାର୍ଲସ୍ ୨ୟଙ୍କ ଦ୍ୱାରା ସେତେବେଳେ ପୁଣି ଥରେ ସାମ୍ରାଜ୍ୟବାଦ ପ୍ରତିଷ୍ଠିତ ହୋଇଛି । ଚାର୍ଲସ୍ ୧ମଙ୍କଠାରୁ କ୍ରମ୍‌ୱେଲ୍‌ଙ୍କ ନେତୃତ୍ୱରେ ସାମ୍ରାଜ୍ୟବାଦ ଅପହୃତ ହୋଇଥିବା ବେଳେ ମିଲ୍‌ଟନ୍ ଥିଲେ ଏହାର ଜଣେ ଦୃଢ଼ ସମର୍ଥକ । ସୁତରାଂ ଚାର୍ଲସ୍ ୨ୟ ପୁନର୍ବାର ସାମ୍ରାଜ୍ୟବାଦ ପ୍ରତିଷ୍ଠା କଲାବେଳେ ମିଲ୍‌ଟନ୍ ତାଙ୍କର ସମସ୍ତ କ୍ଷମତା ଓ ସୁଖସ୍ୱାଚ୍ଛନ୍ଦ୍ୟରୁ ବଞ୍ଚିତ ହେଲେ । ବିଧିର ବିଚିତ୍ର ବିଡ଼ମ୍ବନା—ଠିକ୍ ଏହି ସମୟରେ ଚକ୍ଷୁ ଦୁଇଟି ହରାଇ ମିଲ୍‌ଟନ୍ ସଂପୂର୍ଣ୍ଣ ରୂପେ ଅନ୍ଧ ହୋଇଗଲେ । ଏହିଭଳି ଏକ ବେଦନାବିକ୍ଷୁବ୍ଧ କାଳ 'ପାରାଡାଇଜ୍ ଲଷ୍ଟ'ର ଜନ୍ମଜାତକ ପ୍ରସ୍ତୁତ କରିଥିଲା । ଶାରୀରିକ ତଥା ମାନସିକ ଯନ୍ତ୍ରଣାରେ ପିଷ୍ଟ ଶିଳ୍ପୀ-ଆତ୍ମାର ଅଭିବ୍ୟକ୍ତି ଭିତରେ, ଆପାତତଃ ଏହି ମହାକାବ୍ୟର ଶୀର୍ଷକ ନୈରାଶ୍ୟପୂର୍ଣ୍ଣ ମନେହେଉଥିଲେ ମଧ୍ୟ, ନୈରାଶ୍ୟବାଦ ଏହାର ଶେଷ ସତ୍ୟ ନୁହେଁ । ପକ୍ଷାନ୍ତରେ, ଏକ ଶେଷହୀନ ଆଶା ଓ ଅଭୀପ୍ସାର ସଞ୍ଚରଣ ହିଁ ଏହାର କାବ୍ୟକ ଆଭିମୁଖ୍ୟ ।

ଖ୍ରୀଷ୍ଟୀୟ ମିଥ୍ ଉପରେ ଆଧାରିତ ଏହି ମହାକାବ୍ୟରେ ସାର୍ବଜନୀନ ମାନବୀୟ ମୂଲ୍ୟବୋଧର ସ୍ୱାକ୍ଷର ଯେକୌଣସି ସଚେତନ ସମାଲୋଚକ ଲକ୍ଷ୍ୟ କରିବେ । ବିଶ୍ୱର ସମସ୍ତ ସଭ୍ୟତା ଓ ସଂସ୍କୃତିର ଚିରନ୍ତନ ସତ୍ୟ ଏହିଁରେ ଅନ୍ତର୍ନିହିତ । ବସ୍ତୁତଃ, ଏହି ମହାକାବ୍ୟର 'ପାରାଡାଇଜ୍' (Paradise) ପୌରାଣିକ ପରିକଳ୍ପନାର ସ୍ୱର୍ଗ ନୁହେଁ । ଏହାର ସ୍ଥିତି ମାନବର ଅନ୍ତର୍ଲୋକରେ । ସେହିଭଳି ସାତାନ୍ (Satan) ଏକ ଅପଦେବତା ନୁହେଁ, ମନୋବୈଜ୍ଞାନିକ ଫ୍ରଏଡଙ୍କ ପରିଭାଷାରେ ଏହାକୁ ମାନବର ଜାନ୍ତବ ଚେତନା ବା ଇଡ୍ (Id) ରୂପେ ସଂଜ୍ଞାୟିତ କରାଯାଇପାରେ । ମନେହୁଏ 'ପାରାଡାଇଜ ଲଷ୍ଟ'ର 'ପାରାଡାଇଜ' ମାନବର ଚିରନ୍ତନ ସ୍ୱରାଜ୍ୟ ଓ ଈଶ୍ୱର

Digitized by srujanika@gmail.com

(God) ମାନବୀୟ ବିବେକବୋଧର ପ୍ରତୀକ । ଏଠାରେ ସ୍ୱତଃ ଏକ ପ୍ରଶ୍ନ ଉଠେ, ସାତାନ୍ ଯଦି ଈଶ୍ୱରସୃଷ୍ଟ, ତେବେ ତା'ର ପତନ ସମ୍ଭବ ହେଲା କିଭଳି ? ଯଦି ପତନ ହେଲା, ତା'ହେଲେ ସେହି ପତନରୁ ମାନବର ଉତ୍ତରଣ ସମ୍ଭବ ହେଲାବେଳେ ସାତାନ୍‌ର ପରିତ୍ରାଣ ହେଲା ନାହିଁ କାହିଁକି ? ଏହାର ଏକମାତ୍ର କାରଣ ହୋଇପାରେ ସାତାନ୍‌ର ଅହେତୁକ ଆସ୍ଫାଳନ ଓ ଆତ୍ମାଭିମାନ । ଅଥଚ ମାନବ ତା'ର କୃତକର୍ମ ପାଇଁ ଅନୁତପ୍ତ । ଅନୁତାପର ଅଗ୍ନିରେ ଶୁଚିସ୍ନାତ ମାନବାତ୍ମା ନରକ-ଯନ୍ତ୍ରଣାରୁ ମୁକ୍ତ । 'ପାରାଡାଇଜ ଲଷ୍ଟ' (Paradise Lost)ର ଏହି ନରକ (Hell) ଏକ ପୌରାଣିକ ସ୍ଥାନବିଶେଷ ମାତ୍ର ନୁହେଁ—ଏହା ମାନବୀୟ ଦୁଃଖ ଓ ଯନ୍ତ୍ରଣାକୁ ପ୍ରତୀକାୟିତ କରୁଥିବା ଭଳି ମନେହୁଏ । ସାତାନ୍‌ର ତହିଁରୁ ପରିତ୍ରାଣ ନାହିଁ । ସୁତରାଂ ପରିଣତିରେ ସେ ଏକ ସର୍ପରେ ରୂପାନ୍ତରିତ । କିନ୍ତୁ ମାନବର ସମ୍ଭାବ୍ୟ ମୁକ୍ତି ପାଇଁ ଈଶ୍ୱର ଅଙ୍ଗୀକାରବଦ୍ଧ । ଖ୍ରୀଷ୍ଟଜନ୍ମର ସୂଚନା ମଧ୍ୟରେ ଏହା ପ୍ରମୂର୍ତ୍ତ । 'ପାରାଡାଇଜ ରିଗେନ୍‌ଡ୍' (Paradise Regained)ରେ ଏହି ଖ୍ରୀଷ୍ଟଜନ୍ମ ଓ ମାନବାତ୍ମାର ପରିତ୍ରାଣ ସମ୍ପର୍କିତ ମିଥ୍ ସୂଚିତ । 'ପାରାଡାଇଜ ଲଷ୍ଟ'ର କାହାଣୀ ପ୍ରାକ୍-ମିଥିକ୍ ସମୟ (Pre-Mythic Period)ର; କିନ୍ତୁ ଏହାର ସାର୍ବଜନୀନ ମୂଲ୍ୟବୋଧ ସ୍ଥାନ, କାଳ ଓ ପାତ୍ର ନିର୍ବିଶେଷରେ ଏହାକୁ ଏକ ଚିରନ୍ତନ ମର୍ଯ୍ୟାଦାରେ ଅଭିଷିକ୍ତ କରେ ।

ଇଂରାଜୀ ସାହିତ୍ୟର ରୋମାଣ୍ଟିକ୍ କବି ସେଲିଙ୍କର 'ପ୍ରୋମିଥିଅସ୍ ଅନ୍‌ବାଉଣ୍ଡ' (Prometheus Unbound) ପ୍ରୋମିଥିଅସ୍ ସଂପର୍କିତ ପାରଂପରିକ ମିଥ୍ ଚେତନାର ଏକ ବ୍ୟତିକ୍ରମ । ଗ୍ରୀକ୍ ନାଟ୍ୟକାର ଏସ୍‌କାଇଲସ୍‌ଙ୍କ 'ପ୍ରୋମିଥିଅସ୍ ବାଉଣ୍ଡ' (Prometheus Bound)ର ଏହା ଏକ କାବ୍ୟିକ ପ୍ରତିବାଦ । ଗ୍ରୀକ୍ ମିଥ୍ ଅନୁଯାୟୀ ପ୍ରୋମିଥିଅସ୍ ସ୍ୱର୍ଗରୁ ମାନବସମାଜ ପାଇଁ ଅଗ୍ନି ଚୋରିର ଅପରାଧରେ ଜିଅସ୍ (Zeus)ଙ୍କ ଦ୍ୱାରା ବନ୍ଦୀ ହୋଇଚନ୍ତି । 'ମାଉଣ୍ଟ କକେସସ୍'ରେ ଅହରହ ସେ ଏକ ଶାଗୁଣା ଦ୍ୱାରା ଆଘାତ ପାଇଚାଲିଚନ୍ତି । କିନ୍ତୁ ସେଲିଙ୍କ ବିପ୍ଲବୀ କାବ୍ୟମାନସ ଏଭଳି ଏକ ଏକଦିଗଦର୍ଶୀ ସିଦ୍ଧାନ୍ତକୁ ସ୍ୱୀକୃତି ଦେଇପାରିନାହିଁ । ସେଥିପାଇଁ ଏସିଆ (Asia)ଙ୍କ ଅନୁରୋଧରେ ଡିମଗର୍‌ଗନ୍ (Demogorgon)ଙ୍କ ଦ୍ୱାରା ପ୍ରୋମିଥିଅସ୍‌ଙ୍କୁ ସେ ମୁକ୍ତ କରିଚନ୍ତି ।

Digitized by srujanika@gmail.com

ଫରାସୀ ରାଷ୍ଟ୍ରବିପ୍ଳବର ଶାନ୍ତ, ମୈତ୍ରୀ ଓ ମୁକ୍ତି ଚେତନାର ସ୍ୱାକ୍ଷର ସେଲିଙ୍କର ଏହି ସୃଷ୍ଟିରେ ଅନ୍ତର୍ନିହିତ ଏବଂ ତାଙ୍କ ସୃଷ୍ଟିରେ ପ୍ରୋମିଥିଅସ୍ ଥିଲେ ଉତ୍ତମ ଓ ମହତ୍ ଲକ୍ଷ୍ୟ ସାଧନ ପାଇଁ ଶୁଦ୍ଧ ଓ ସତ୍ୟପ୍ରଣୋଦିତ ନୈତିକତା ଓ ବୌଦ୍ଧିକତାର ଏକ ପ୍ରତୀକ । (୧)

'ଦ ଉଇଚ୍ ଅଫ୍ ଆଟଲାସ୍' (The Witch of Atlas)ରେ ଆଟ୍ଲାସ ପର୍ବତରେ ବସବାସ କରୁଥିବା ଡାହାଣୀ (Witch) ସୂର୍ଯ୍ୟ ଦେବତାଙ୍କ କନ୍ୟା ହୋମରୀୟ ସ୍ତବ (Hymn)ରେ Hermesଙ୍କ ମାତା Maiaଙ୍କ ଗୁହାରେ ସ୍ୱର୍ଣ୍ଣ, ରୌପ୍ୟ ତଥା ଉଜ୍ଜ୍ୱଳ ପୋଷାକପତ୍ର ଗଚ୍ଛିତ ଥିବା ବେଳେ; ସେଲିଙ୍କର ଏହି କାବ୍ୟନାୟିକାର ଗୁହାରେ ସତ୍ୟ ଶିବ ସୁନ୍ଦରର ସମନ୍ୱୟ ଘଟିଛି । ବସ୍ତୁତଃ, ଏହି କାବ୍ୟନାୟିକା ଏକ ଚିରନ୍ତନ ଏକାକୀତ୍ୱବୋଧ (immortal lonliness)ର ପ୍ରତୀକ ।

ସେଲିଙ୍କ 'ଆଲଷ୍ଟର୍' (Alastor)ରେ ନାୟକ ନିଦ୍ରିତ ଅବସ୍ଥାରେ ଦେବୀ ସୁନ୍ଦରୀ ଡାଏନାଙ୍କୁ ସ୍ୱପ୍ନ ଦେଖିଚନ୍ତି । ଚେତନା ଫେରିପାଇବା ପରେ ସେ ଡାଏନାଙ୍କୁ ପାଇବା ପାଇଁ ଅଭୀପ୍ସା ପୋଷଣ କରିଛନ୍ତି ଓ ସେଥିପାଇଁ ଦୁଃସାହସିକ ଅଭିଯାନରେ ବାହାରିଚନ୍ତି । କିନ୍ତୁ ଶେଷ ପର୍ଯ୍ୟନ୍ତ ସେ ସୁନ୍ଦରୀ ଡାଏନାଙ୍କୁ ଭେଟି ପାରିନାହାନ୍ତି । ଏଇ ପରିପ୍ରେକ୍ଷୀରେ ଏକ ଶେଷହୀନ ଦୁଃଖ ଓ ବିଷାଦବୋଧ ମଧ୍ୟରେ ସେ ମୃତ୍ୟୁ ବରଣ କରିଛନ୍ତି ।

ରୋମାଣ୍ଟିକ କବି କୀଟସ୍ ମଧ୍ୟ ଗ୍ରୀକ୍ ମିଥ୍‌ରୁ ଉପାଦାନ ଆହରଣ କରି, ତହିଁରେ ସ୍ୱକୀୟ କାବ୍ୟ-ଦର୍ଶନ ପ୍ରମୂର୍ତ୍ତ କରିଚନ୍ତି । କୀଟସ୍‌ଙ୍କ 'ଲମିଆ'ରେ ଏକ ଯୁବକ ସୁନ୍ଦରୀ ଲମିଆଙ୍କୁ ଭେଟିଚନ୍ତି । ସେ କହିଚନ୍ତି, ଯଦି ଯୁବକ ତାଙ୍କୁ ବିବାହ କରିବେ ତେବେ ସେ ପୃଥିବୀର ସର୍ବଶ୍ରେଷ୍ଠ ସୁଖ ଓ ସଂପଦ ଲାଭ କରିବେ । ଯୁବକ ବିବାହ ପାଇଁ ଅଙ୍ଗୀକାରବଦ୍ଧ ହୋଇଚନ୍ତି । ବିବାହ ଦିବସରେ

---

୧ । Prometheus is, as it were, the type of the highest perfection of moral and intellectual nature impelled by the purest and the truest motives to the best and noblest ends.

Douglas Bush : Mythology & the Romantic Tradition in English Poetry. P-151-152

Digitized by srujanika@gmail.com

ଦେବତା ଆପୋଲୋନିୟୁସ୍ (Appolonius) ଜାଣି ପାରନ୍ତି ଯେ, ଲମିଆ ଏକ ସର୍ପକନ୍ୟା (Serpent-Woman)। ଲମିଆ, ଆପୋଲୋନିୟୁସ୍‌ଙ୍କୁ ବହୁ ଅନୁରୋଧ କରନ୍ତି ଏହି ସତ୍ୟକୁ ଗୋପନ ରଖିବା ପାଇଁ; କିନ୍ତୁ ଆପୋଲୋନିୟୁସ୍ ସେଥିରେ ରାଜି ନ ହେବାରୁ ଲମିଆ ଚିରଦିନ ପାଇଁ ତାର ପ୍ରକୃତ ରୂପରେ ଚାଲିଯାଇଛି। କିନ୍ତୁ ଲମିଆର ପ୍ରତି କବିଚେତନା ଏଠାରେ ସହାନୁଭୂତିଶୀଳ। ଗ୍ରୀକ୍ ବିଶ୍ୱାସବୋଧ ମଧ୍ୟରେ ପ୍ରଣୟର ଏକ ସୌନ୍ଦର୍ଯ୍ୟସ୍ନାତ ଆଧ୍ୟାତ୍ମିକ ସତ୍ୟ ତାହାଁରେ ଉଦ୍‌ଘାଟିତ।

'ଏଣ୍ଡିମିଅନ୍' (Endymion)ରେ ନାୟକ ଏଣ୍ଡିମିଅନ୍ ସେଲିଙ୍କ 'ଆଲାଷ୍ଟର' (Alastor)ର କାବ୍ୟ-ନାୟକ ସୁନ୍ଦରୀ ଡାଏନାଙ୍କର ଅନ୍ୱେଷଣରତ। କିନ୍ତୁ ଏହି ଅନ୍ୱେଷଣ ପଥରେ ସେଲିଙ୍କ କାବ୍ୟ-ନାୟକ ଭଳି ସେ ଏକ ଚିରନ୍ତନ ବିଷାଦ-ବୋଧ ମଧ୍ୟରେ ମୃତ୍ୟୁ ବରଣ କରନାହାନ୍ତି। ପକ୍ଷାନ୍ତରେ, ଏକ ଦୁଃସାହସିକ ଯାତ୍ରା ପଥରେ ସେ ସମୁଦ୍ରରେ ବୁଡ଼ିଯାଇଥିବା କେତେକ ପ୍ରେମିକ-ପ୍ରେମିକାଙ୍କୁ ଉଦ୍ଧାର କରନ୍ତି। ସେମାନଙ୍କ ମଧ୍ୟରେ ଶିଲା (Scylla) ଓ ଗ୍ଲୋକୋସ୍ (Gloucus) ଅନ୍ୟତମ। ଯାତ୍ରାପଥରେ ସେ ଏକ ବିଷାଦଗ୍ରସ୍ତ ଭାରତୀୟ ତରୁଣୀ (Indian Maid)କୁ ଭେଟିଚନ୍ତି ଓ ତା'ର ପ୍ରଣୟପାଶରେ ଆବଦ୍ଧ ହୋଇ ସୁନ୍ଦରୀ ଡାଏନାଙ୍କୁ ବିସ୍ମୃତ ହୋଇଚନ୍ତି। ପରେ ପରେ ସେ ଜାଣିପାରନ୍ତି ଯେ, ସେହି ଭାରତୀୟ ତରୁଣୀ ହିଁ ସ୍ୱୟଂ ଛଦ୍ମବେଶିନୀ ଡାଏନା। ସେଲିଙ୍କ 'ଆଲାଷ୍ଟର' (Alastor)ରେ ସମଧର୍ମୀ ମିଥିକ୍ କଥାବସ୍ତୁର ଗୁଂଫନ ଲକ୍ଷ୍ୟ କରାଯାଏ। କିନ୍ତୁ ତାହାଁରେ ନାୟକ ଶେଷ ପର୍ଯ୍ୟନ୍ତ ତା'ର ଅଭିପ୍ସିତା ନାୟିକା ସହ ମିଳିତ ହୋଇ ପାରନାହିଁ; କାରଣ ସେଲି ଓ କୀଟ୍‌ସ୍‌ଙ୍କ ଦାର୍ଶନିକ ଚିନ୍ତା ଓ ଚେତନା ଭିନ୍ନଧର୍ମୀ। କୀଟ୍‌ସ୍ ଉଭୟ ସତ୍ୟ ଓ ସୌନ୍ଦର୍ଯ୍ୟକୁ ସ୍ୱୀକାର କରନ୍ତି। ତାଙ୍କ ଭାଷାରେ—"Beauty is truth/truth beauty."

ସମାଲୋଚକ ମିଡଲ୍‌ଟନ ମୁରେ କବି ସେଲି ଓ କୀଟ୍‌ସ୍‌ଙ୍କ କାବ୍ୟଦର୍ଶନ ମଧ୍ୟରେ ଥିବା ଏହି ପାର୍ଥକ୍ୟବୋଧର ସୂଚନା ଦେଇଛନ୍ତି—"ଆଦର୍ଶ ସୌନ୍ଦର୍ଯ୍ୟ କେବଳ ପ୍ରେମ ତଥା ସହାନୁଭୂତିରୁ ପ୍ରାପ୍ତ ହୁଏ। ଏହି ସୌନ୍ଦର୍ଯ୍ୟ ମାନବ ଜୀବନରୁ ଉଦ୍‌ଭୂତ ହୋଇଥାଏ। ସୁତରାଂ ଏଣ୍ଡିମିଅନ୍‌ର ପରିଣତି 'ଆଲାଷ୍ଟର' ଠାରୁ ଭିନ୍ନ। 'ଆଲାଷ୍ଟର'ର କାବ୍ୟ-ନାୟକ ନାୟିକାକୁ ସାକ୍ଷାତ କରି

Digitized by srujanika@gmail.com

ନ ପାରି ଏକ ଶୋଷଣୀନ ବ୍ୟଥା ଓ ବିଷାଦବୋଧ ଭିତରେ ମୃତ୍ୟୁ ବରଣ କରିଛି; କାରଣ ସେଲୀଙ୍କ ଭାଷାରେ କଳ୍ପନା କେବେହେଲେ ଜୀବନର ବାସ୍ତବ ଭୂମିରେ ଅବତରଣ କରିପାରେନାହିଁ । କୀଟ୍ସ୍ କିନ୍ତୁ ଅନୁରୂପ ଚିନ୍ତା ଓ ଚେତନାକୁ ସ୍ୱୀକାର କରନ୍ତି ନାହିଁ । ଏଣ୍ଡିମିଅନ୍‌ର ଅଭିଯାନ ସଫଳ ହୋଇଛି କେବଳ ବାସ୍ତବତାବୋଧ ପ୍ରତି ତା'ର ଅନୁରକ୍ତି ହେତୁ ।" (୨) କୀଟ୍ସ୍‌ଙ୍କ 'ଏଣ୍ଡିମିଅନ୍'ରେ ଏକ ରୂପକାତ୍ମକ ଶୈଳୀର ସୂଚନା ମିଳେ । ଡାଏନା ଏଠାରେ ଅତୀନ୍ଦ୍ରିୟ ଆଧ୍ୟାତ୍ମିକ ପ୍ରେମବୋଧର ପ୍ରତୀକ । ଭାରତୀୟ ତରୁଣୀ ଇନ୍ଦ୍ରିୟବେଦ୍ୟ ପ୍ରଣୟର ପ୍ରତୀକ । (୩) ବସ୍ତୁତଃ ଉଚ୍ଚାଙ୍ଗ ଅଭିଳାଷର ଉପଲବ୍ଧି ପୂର୍ବରୁ ସାଧାରଣ ପାର୍ଥିବ ଇନ୍ଦ୍ରିୟବେଦ୍ୟ ଉପଲବ୍ଧି ଘଟିଲେ ମାନବ ତହିଁରୁ କାଳକ୍ରମେ ପ୍ରମୁକ୍ତ ହେବା ପାଇଁ ଉଦ୍ୟମ କରେ । ପାର୍ଥିବ ବାସନା ପ୍ରତି କ୍ରମଶଃ ବୀତସ୍ପୃହ ହୁଏ । ଏହି ବୀତସ୍ପୃହତାରୁ ଏକ ଦିବ୍ୟାନୁଭବର ସଞ୍ଚରଣ ଘଟେ ।

'ହାଇପେରିଆନ୍' (Hyperion) ଗ୍ରୀକ୍ ପୁରାଣ ଉପରେ ଆଧାରିତ କୀଟ୍ସ୍‌ଙ୍କର ଅନ୍ୟ ଏକ କୃତି । ଗ୍ରୀକ୍ ପୁରାଣର 'ସାତାନ୍' ଓ ହାଇପେରିଆନ୍ କିଭଳି ନିଜର ତରୁଣ ବଂଶଧର ଆପାଲୋଙ୍କ ଦ୍ୱାରା ପରାଜିତ ହୋଇଚନ୍ତି, ତାହାହିଁ ଶଂସିତ କାବ୍ୟରେ ପ୍ରତିପାଦିତ । ମିଲଟନ୍‌ଙ୍କ 'ପାରାଡାଇଜ ଲଷ୍ଟ'ର ପ୍ରଭାବ ତହିଁରେ ପ୍ରତୁଳ । ସୌନ୍ଦର୍ଯ୍ୟ ଓ ସତ୍ୟର ସମ୍ବନ୍ଧକୁ ନେଇ କବି ଏଠାରେ ଏକ ଦାର୍ଶନିକ ଉପସଂହାରରେ ଉପନୀତ ।

---

୨ । "Ideal beauty can only be achieved by love and sympathy for the beauty immanent in human life. The conclusion is quite different from that of Alastor, who not finding his veiled maid can only die disappointed. Keats does not accept the blank Shelleyan dichotomy between the world of experience and the world of imagination. Endymion achieves his quest, but only by love for moral."

Middleton Murray.

୩ । "A thread of allegory runs through the whole tale, Diana standing apparently for spiritual love and the Indian made for sensuous love × ×"—Mr. Weeks.

Digitized by srujanika@gmail.com

କୀଟ୍ସ୍‌ଙ୍କର ସାମଗ୍ରିକ କାବ୍ୟ-ଦର୍ଶନ ସମାଲୋଚକ ସେଲିନ୍‌କୋର୍ଟଙ୍କ ଭାଷାରେ—ଏହା ସୁପ୍ରମାଣିତ ଯେ 'ଲାମିଆ', 'ଏଣ୍ଡିମିଅନ୍' ଓ 'ହାଇପେରିଆନ୍' କୀଟ୍ସଙ୍କ ସୃଷ୍ଟିର ମର୍ଯ୍ୟାଦାସଂପନ୍ନ ଅବଦାନ ଏବଂ ତାଙ୍କର ଉକ୍ତ ରଚନାରେ ଅନ୍ତର୍ନିହିତ ଅନୁଭୂତି ଓ କାବ୍ୟିକ ଶିଳ୍ପାଦର୍ଶ ପ୍ରତିଫଳିତ । ସେ ତାଙ୍କର ଏହି ସୃଷ୍ଟିଗୁଡ଼ିକର ଉପାଦାନ ଓ ଗ୍ରୀସ ଗୀକ୍ କାହାଣୀରୁ ଆହରଣ କରିଥିଲେ—ଯେହେତୁ ଏହି କାହାଣୀଗୁଡ଼ିକ ତାଙ୍କର ଶୈଶବ ଜୀବନକୁ ବିଶେଷଭାବେ ପ୍ରଭାବିତ କରିଥିଲା ଏବଂ ତାଙ୍କ ସୃଷ୍ଟିର ସ୍ମୃତିପଟରୁ କେବେ ଅନ୍ତର୍ହିତ ହୋଇ ନଥିଲା । X X X ତାଙ୍କର ସତ୍ୟ ପ୍ରକାଶର ଧାରା ଏପରି ସୌନ୍ଦର୍ଯ୍ୟସଂପନ୍ନ ଥିଲା; ଯାହାକି ମାନବସ୍ତରରୁ ଅତିମାନବସ୍ତରର ସ୍ୱତଃସ୍ଫୂର୍ତ୍ତ ସୌନ୍ଦର୍ଯ୍ୟ ଓ ଆନନ୍ଦରେ ତଥାକଥିତ ବିଶ୍ୱାସବାଦକୁ ଖର୍ବୀକୃତ କରିଥିଲା ।" (୪)

ଟେନିସନ୍‌ଙ୍କ 'Idylls of the Kings'ର 'କମିଂ ଅଫ୍ ଆର୍ଥର' (Coming of Arthur) ଓ 'ପାଶିଂ ଅଫ୍ ଆର୍ଥର୍' (Passing of Arthur), ସ୍ପେନ୍‌ସରଙ୍କ 'ଫେୟାରି କୁଇନ୍' ଭଳି ଆର୍ଥରିଆନ ମିଥ୍ ଉପରେ ଆଧାରିତ, କିନ୍ତୁ ଏହାର କାବ୍ୟିକ ବାର୍ତ୍ତା ଭିନ୍ନଧର୍ମୀ । ଭିକ୍ଟୋରିଆ ଯୁଗୀୟ ନୈତିକତା-ବୋଧର ସ୍ୱାକ୍ଷର ତହିଁରେ ସୁସ୍ପଷ୍ଟ । ଭିକ୍ଟୋରିଆ ଯୁଗରେ ଧର୍ମୀୟ ମୂଲ୍ୟବୋଧ ତଥା ବୈଜ୍ଞାନିକ ମୂଲ୍ୟବୋଧ ମଧ୍ୟରେ ଏକ ତୀବ୍ର ଦ୍ୱନ୍ଦ୍ୱ ଓ ସଂଘର୍ଷ ସୃଷ୍ଟି ହୋଇଥିବାର ଲକ୍ଷ୍ୟ କରାଯାଏ । ଡାର୍‌ୱିନ୍‌ଙ୍କ ବିବର୍ତ୍ତନବାଦ (Theory of Evolution) ମାନବର ଈଶ୍ୱରବିଶ୍ୱାସ ବୋଧକୁ ଦୋହଲାଇ ଦେଇଛି ।

---

୪ । It is significant that in Endymion, Lamia and Hyperion, which are the most ambitious of his works and refleet-fully his inner experience and his poetics ideals, Keats should turn for his source and much of his frame-work to the world of Greece whose legend had fascinated his childhood and had never lost their hold upon his imagination. x x x The expression of truth, in forms of essentially beautiful, the spontaneous unquestioning delight in the life of nature and its incarnation in forms human but of more than human loveliness made the pagan creed inferior."—Salin Cort.

Digitized by srujanika@gmail.com

'କମିଂ ଅଫ୍ ଆର୍ଥର୍' (Coming of Arthur)ରେ ଏହି ବୈଜ୍ଞାନିକ ସତ୍ୟ ପରିବର୍ତ୍ତେ ଆଧ୍ୟାତ୍ମିକ ତଥା ନୈତିକ ସତ୍ୟ ପ୍ରତିଷ୍ଠିତ । କିନ୍ତୁ 'ପାଶିଂ ଅଫ୍ ଆର୍ଥର୍' (Passing of Arthur)ରେ କବିସତ୍ତା ନୂତନ ସାମାଜିକ ମୂଲ୍ୟବୋଧକୁ ପ୍ରତିହତ କରିପାରିନାହିଁ । ସେଥିପାଇଁ ତା'ର ସ୍ପଷ୍ଟ ଉଦ୍‌ଘୋଷଣା—"Old order changeth yielding place to new." (୫) ସୁତରାଂ ପରିବର୍ତ୍ତନଶୀଳ ଯୁଗଚେତନା ପରିପ୍ରେକ୍ଷୀରେ ପ୍ରାଚୀନ ମୂଲ୍ୟବୋଧ କଭଳି ଅସ୍ତମିତ ତାହାହିଁ ଏଠାରେ ପ୍ରତିପାଦିତ ।

ଡବ୍ଲ୍ୟୁ. ବି. ୟେଟ୍‌ସଙ୍କ କାବ୍ୟଧର୍ମୀ ନାଟକ (Poetic Drama) 'Cuchulain Drama'ରେ ଏକ ଭିନ୍ନଧର୍ମୀ ଜୀବନଦର୍ଶନ ଏକ ଆଇରିଶ ମିଥ୍ ମାଧ୍ୟମରେ ସୂଚିତ । ନାଟକଟି 'At the Hawk's Well', 'The Green Helmet', 'On Baile's Strand', 'The Only Jeolousy of Emer' ଓ 'The Death of Cuchulain' ଆଦି ପାଞ୍ଚଟି ନାଟିକାର ସମାହାର । ତହିଁରେ ବିଂଶଶତାବ୍ଦୀର ମାନବ ଚେତନାର ଆଧ୍ୟାତ୍ମିକ ସଂଘର୍ଷ ପ୍ରମୂର୍ତ୍ତ ।

"ବସ୍ତୁତଃ କୁଚୁଲେନ ହେଉଚନ୍ତି ଏକକ ନାୟକ । ତାଙ୍କର ମହତ୍ତ୍ୱ ଜାତୀୟବ୍ୟକ୍ତିତ୍ୱ ରୂପେ ନିର୍ଦ୍ଦିଷ୍ଟଭାବେ ପ୍ରସିଦ୍ଧ । ୟେଟ୍‌ସ୍ ତାଙ୍କ ନିଜର ନାଟକରେ କୁଚୁଲେନ୍‌ଙ୍କର ସଂଗ୍ରାମକୁ ବିଧିନିର୍ଦ୍ଦିଷ୍ଟ ମରଣଶୀଳତାରୁ ମୁକ୍ତ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ତାଙ୍କର ଜୀବନ ଏକ ବିଧି ନିର୍ଦ୍ଦିଷ୍ଟ ପାର୍ଥିବ ଭୂମିକା ନୁହେଁ ବା କ୍ଷଣିକ ଐନ୍ଦ୍ରିକ ଶକ୍ତିସାଧନର ଅସ୍ତ୍ର ନୁହେଁ; ଅଧିକନ୍ତୁ ତାଙ୍କର ଅନ୍ତର୍ଦ୍ୱନ୍ଦ୍ୱର ପ୍ରତିଫଳନ ସ୍ୱରୂପ ।" (୬) କାଳର

୫ । Tennyson : 'Idylls of the King' (Passing of Arthur)

୬ । "Yet Cuchulain remains an individual Hero. His significance as a national figure is almost entirely putative. In his plays. Yeats placed the emphasis steadily upon Cuchulain's struggle to free his soul from his fated mortality, not on his worldly role. War is a vocabulary for inner conflict, not an instrument of temporal power."

Daniel Hoffman : Barbarous Knowledge, Myth in the Poetry of Yeats, Graves & Muir P. : 125.

Digitized by srujanika@gmail.com

ଦ୍ୱନ୍ଦ୍ୱ, ସଂଘର୍ଷ ତଥା ଆଧ୍ୟାତ୍ମିକ ଅବକ୍ଷୟ ମଧ୍ୟରେ ମାନବାତ୍ମାର ବିପର୍ଯ୍ୟୟ କବି ଟି.ଏସ୍. ଏଲିୟଟ୍‌ଙ୍କ 'ଦ ୱେଷ୍ଟ ଲାଣ୍ଡ' (The Waste Land)ରେ କାବ୍ୟିକ ଅଭିବ୍ୟକ୍ତି ମାଧ୍ୟମରେ ପରିସ୍ଫୁଟ ହୋଇଛି । ଦ୍ୱିତୀୟ ବିଶ୍ୱଯୁଦ୍ଧୋତ୍ତର ପୃଥିବୀ ହିଁ ଏହାର କ୍ୟାନ୍‌ଭାସ୍ । ଯୁଦ୍ଧୋତ୍ତର ପୃଥିବୀର ଅବକ୍ଷୟ ଓ ଯନ୍ତ୍ରଣା ଯିଶୁଙ୍କ ରକ୍ତପାତ୍ର (Holi Grail) ସୁରକ୍ଷିତ ପ୍ରାସାଦ (Grail Castle)ର ଚତୁଃପାର୍ଶ୍ୱସ୍ଥ ଊଷର ଭୂମି ମାଧ୍ୟମରେ ସୂଚିତ ଦିଆଯାଇଛି । କବିତାର ଉପୋଦ୍‌ଘାତ ପୂର୍ବରୁ ଏହି ବନ୍ଧ୍ୟା ଭୂମିର ସଂକେତ ପ୍ରମୂର୍ତ୍ତ ।

"Where the Sun beats
And the dead tree gives no shelter,
the cricket no relief,
And the dry stone no sound of water." (୭)

ଏଲିୟଟ୍‌ଙ୍କର ଏହି ମୃତ ଉପତ୍ୟକାରେ ବସନ୍ତର ଶୁଭ ସଞ୍ଚାର ପାଇଁ ଅଧିବାସୀମାନଙ୍କର ପ୍ରତ୍ୟାଶା ନାହିଁ । ଶୀତର ଶୁଷ୍କ ସଞ୍ଚାରରେ ସେମାନେ ସନ୍ତୁଷ୍ଟ । ଐତିହ୍ୟ ଅଥବା ସଂସ୍କୃତି ପ୍ରତି ସେମାନଙ୍କର ବିଶ୍ୱସ୍ତତା ନାହିଁ । ଏହିଭଳି ଏକ ଊଷର ଭୂଇଁରେ ଏଲିୟଟ୍‌ଙ୍କ ପ୍ରାସାଦ (Grail Castle) ପ୍ରତିଷ୍ଠିତ । ଏହାର ରକ୍ଷକ ହେଉଛନ୍ତି କୈବର୍ତ୍ତରାଜ (Fisher King) । ଏହି କୈବର୍ତ୍ତରାଜଙ୍କ ଗୋଇଠିରେ ଏକ କ୍ଷତଚିହ୍ନ । ସେ ନପୁଂସକ । କେବଳ ରକ୍ତପାତ୍ର ଅନୁସନ୍ଧାନକାରୀ ନାଇଟ୍ (Knight)ମାନଙ୍କ ଦ୍ୱାରା ତାଙ୍କର କ୍ଷତ ଆରୋଗ୍ୟ ହେବ । କ୍ଷତ ଆରୋଗ୍ୟ ହେବା ମାତ୍ରେ ଊଷର ଭୂଇଁର ବନ୍ଧ୍ୟାତ୍ୱ ଅପସରିଯିବ ।

କବି ଏହି କାବ୍ୟର ବକ୍ତବ୍ୟ ବିଶ୍ଳେଷଣ କରିଛନ୍ତି ଅନ୍ଧ ଦ୍ରଷ୍ଟା ଟାଇରେସିଆସଙ୍କ ଅନ୍ତର୍ଦୃଷ୍ଟିରେ । ଟାଇରେସିଆସ୍ ଗ୍ରୀକ୍ ପୁରାଣର ଏକ ଚରିତ୍ର । ଥରେ ଦେବୀ ଏଥେନା ସ୍ନାନ କରୁଥିବା ବେଳେ ଟାଇରେସିଆସ୍ ଦୈବାତ୍ ସେଠାରେ ପହଞ୍ଚିଗଲେ । ଏଥେନା ତାଙ୍କ ମୁହଁକୁ ପାଣି ଛିଟି ଦେବାରୁ ସେ ଅନ୍ଧ ହୋଇଗଲେ । ଏହି ଟାଇରେସିଆସ୍‌ଙ୍କ ଜୀବନ ପୁଣି ଉଭୟ ନାରୀ ଓ ପୁରୁଷଙ୍କର ଯୌନ ଅଭିଜ୍ଞତାରେ ବୈଚିତ୍ର୍ୟପୂର୍ଣ୍ଣ । ଏହାର

---

୭ । T. S. Eliot—'The Waste Land'.

Digitized by srujanika@gmail.com

ପୃଷ୍ଠପଟରେ ଗ୍ରୀକ୍ ପରଂପରାରେ ଏକ କୌତୂହଳପୂର୍ଣ୍ଣ ଗଳ୍ପ ପ୍ରଚଳିତ । ଏକଦା ଟାଇରେସିଆସ୍ ଦୁଇଟି ସାପର ସଙ୍ଗମବେଳେ ମାଈ ସାପଟିକୁ ମାରିଦେଲେ । ସେଥିପାଇଁ ସେ ନିଜେ ଏକ ନାରୀରେ ରୂପାନ୍ତରିତ ହୋଇଗଲେ । ଉଭୟ ନାରୀ ଓ ପୁରୁଷର ଯୌନ ଅଭିଜ୍ଞତା ତାଙ୍କର ରହିଲା ।

ଏହା ପରେ ଅନ୍ୟ ଏକ କୌତୂହଳୋଦ୍ଦୀପକ ଘଟଣା ଘଟିଲା । ଦେବରାଜ ଜିଅସ୍ (Zeus) ଓ ଦେବୀ ହେରା (Hera)ଙ୍କ ମଧ୍ୟରେ ଯୌନ ଅଭିଜ୍ଞତା ସମ୍ବନ୍ଧରେ କଳହର ସୂତ୍ରପାତ ହେଲା । ତାଙ୍କର ସମସ୍ୟା ଥିଲା ଯୌନକ୍ରୀଡ଼ାରେ ନାରୀ ଓ ପୁରୁଷ ମଧ୍ୟରେ କିଏ ଅଧିକ ଆନନ୍ଦ ପାଏ । ବିଶେଷଜ୍ଞଭାବେ ଟାଇରେସିଆସ୍‌ଙ୍କୁ ଡକାହେଲା । ସେ ମତଦେଲେ, ରତିକ୍ରୀଡ଼ାରେ ନାରୀ ପୁରୁଷ ଅପେକ୍ଷା ଦଶଗୁଣ ଅଧିକ ଆନନ୍ଦ ପାଏ । ଏଥିରେ ହେରା କ୍ରୋଧଜର୍ଜରିତା ହୋଇ ତାଙ୍କୁ ଅନ୍ଧ କରିଦେଲେ ଓ ପୁଣି ଥରେ ପୁରୁଷରେ ରୂପାନ୍ତରିତ କରିଦେଲେ । 'ଓ୍ୱେଷ୍ଟ ଲ୍ୟାଣ୍ଡ'ରେ ଏହି ଟାଇରେସିଆସ୍‌ଙ୍କ ଭୂମିକା ବଡ଼ ଗୁରୁତ୍ୱପୂର୍ଣ୍ଣ । କବିଙ୍କ ଭାଷାରେ—"What Tireseas sees, in fact, is the substance of the poem." ଗ୍ରୀକ୍ ପରଂପରାର ଏହି ଟାଇରେସିଆସ୍ ମଣିଷର ଅନ୍ତର୍ଦୃଷ୍ଟିର ପ୍ରତୀକ ।

'ଓ୍ୱେଷ୍ଟ ଲ୍ୟାଣ୍ଡ'ର 'ଫିଲୋମେଲ ଉପାଖ୍ୟାନ' ମଧ୍ୟ ଗ୍ରୀକ୍ ପୁରାଣରୁ ଆହୃତ । ଫିଲୋମେଲ ଏଥେନାର ରାଜକୁମାରୀ । ନିଜ ଭିଣୋଇ ରାଜା ଟେରସ୍‌ଙ୍କଦ୍ୱାରା ସେ ଧର୍ଷିତା । ନିଜର କଳଙ୍କିତ ଚରିତ୍ର ପ୍ରକାଶ ପାଇଯିବା ଭୟରେ ଟେରସ୍ ଫିଲୋମେଲର ଜିହ୍ୱା ଛେଦନ କରିଚନ୍ତି ।

ଅନ୍ୟ ଏକ କାହାଣୀ ଅନୁଯାୟୀ, ଟେରାସ୍ ନିଜ ସ୍ତ୍ରୀ ପ୍ରୋସିନ୍‌ର ଜିହ୍ୱା ଛେଦନ କରି, ଶାଳିକା ଫିଲୋମେଲକୁ ବିବାହ କରିଚନ୍ତି ଓ ଫିଲୋମେଲ ମୃତ ବୋଲି ପ୍ରଚାର କରିଚନ୍ତି । ଘଟଣାଟି ଜଣାପଡ଼ିଯିବା ପରେ ଦୁଇ ଭଉଣୀ ମିଶି ଟେରସର ପୁଅକୁ ହତ୍ୟାକରି, ତା ମାଂସକୁ ଟେରସର ଥାଳିରେ ପରଷିଛନ୍ତି । ଦେବତାମାନେ ଏ ଘଟଣାର ବିରୋଧ କରିଚନ୍ତି । ଫଳରେ ପ୍ରୋସିନ୍ ଏକ ଚଟକ (Swallow), ଫିଲୋମେଲ୍ ଏକ ନାଇଟିଙ୍ଗେଲ ଓ ଟେରସ୍ ଏକ ଛଞ୍ଚାଣ (Hoopoe)ରେ ରୂପାନ୍ତରିତ ହୋଇଯାଇଚନ୍ତି ।

Digitized by srujanika@gmail.com

ବସ୍ତୁତଃ, ଗ୍ରୀକ୍ ମିଥ୍ର ଏ କାହାଣୀ ସାଂପ୍ରତିକ କାଳର ହିଂସ୍ର ପାଶବିକତା ଓ ଯୌନ ବିକୃତାଚାରର ସ୍ୱରୂପକୁ ପ୍ରମୂର୍ତ୍ତ କରୁଥିବାଭଳି ମନେହୁଏ । ଏଠାରେ ପ୍ରତିଫଳିତ ସାଂପ୍ରତିକ ଜୀବନବୋଧ ସର୍ବଥା ଅବକ୍ଷୟତାଗ୍ରସ୍ତ । ସାଂସ୍କୃତିକ, ସାମାଜିକ ତଥା ଆଧ୍ୟାତ୍ମିକ ଅବକ୍ଷୟ ମଧ୍ୟରେ ମଣିଷର ଆତ୍ମିକ ମୃତ୍ୟୁ ଘଟିଛି । ଆଧୁନିକ ଜୀବନର ବନ୍ଧ୍ୟାତ୍ୱ ଓ ଆତ୍ମିକ ଅବକ୍ଷୟକୁ କବି ଉକ୍ତର ଭୂଇଁ ପ୍ରତୀକ ମାଧ୍ୟମରେ ସୂଚାଇଛନ୍ତି ।

ଏହି ପରିପ୍ରେକ୍ଷୀରେ ବିଶ୍ଳେଷଣ କଲାବେଳେ ମନେହୁଏ, ମିଥିକ୍ କବିତାରେ ମିଥ୍ କେବଳ ଏକ ବର୍ଣ୍ଣନାତ୍ମକ ପ୍ରକ୍ରିୟା ମାତ୍ର ନୁହେଁ—ତାହାର ଏକ ସ୍ୱୟଂସଂପୂର୍ଣ୍ଣ ସ୍ୱକୀୟ ବୈଶିଷ୍ଟ୍ୟ ରହିଛି—ତାହା ହେଉଛି ସମକାଳୀନ ଯୁଗ-ଚେତନାର ସ୍ୱରୂପ ଉନ୍ମୋଚନ ଓ ସାଂପ୍ରତିକ ଯୁଗ ସହ ଅତୀତର ସଂପୃକ୍ତି । ସୁତରାଂ ମିଥ୍ ସ୍ଥିତିଶୀଳ ନୁହେଁ; ଗତିଶୀଳ । ପରଂପରା ଏହାର ଜନୟିତ୍ରୀ ହୋଇଥିଲେ ମଧ୍ୟ ବିଭିନ୍ନ ଯୁଗଚେତନା ଭିତ୍ତିରେ ଏହା ରୂପାନ୍ତରିତ ହୋଇଥାଏ । ଏଲିୟଟ୍‌ଙ୍କ ପରବର୍ତ୍ତୀ କାଳରେ ଇଂରାଜୀ ସାହିତ୍ୟରେ ବହୁ ମିଥିକ୍ କବିତା ରଚିତ ହୋଇଛି । ତହିଁରେ ମଧ୍ୟ ଯୁଗଚେତନାର ସଂକେତ ରହିଛି ।

ଆଧୁନିକ ଓଡ଼ିଆ କବିତା ପରଂପରା, ବିଶେଷତଃ କବି ଗୁରୁପ୍ରସାଦଙ୍କ 'କାଳପୁରୁଷ'ରେ 'ଦି ୱେଷ୍ଟ ଲ୍ୟାଣ୍ଡ' (The Waste Land)ର ଏକ ପ୍ରତ୍ୟକ୍ଷ ପଦଧ୍ୱନି ଶୁଣିବାକୁ ମିଳେ । ସୀତାକାନ୍ତଙ୍କ 'ଅଷ୍ଟପଦୀ'ରେ ମଧ୍ୟ ଏହାର ପରୋକ୍ଷ ପ୍ରଭାବ ଲକ୍ଷ୍ୟ କରାଯାଏ । ତେବେ ମିଥ୍ ପ୍ରୟୋଗ ପରିପ୍ରେକ୍ଷୀରେ କେବଳ ପାଶ୍ଚାତ୍ୟ ନୁହେଁ, ପ୍ରାଚ୍ୟ ଭାରତୀୟ ପରଂପରା ପ୍ରତି ମଧ୍ୟ ଆଧୁନିକ କାବ୍ୟଚେତନା ଅନେକାଂଶ ଅନୁରକ୍ତ । 'ଆଧୁନିକ ଓଡ଼ିଆ କବିତାରେ ମିଥ୍ର ବିବର୍ତ୍ତନଧାରା' ପର୍ଯ୍ୟାୟରେ ଏହା ବିସ୍ତୃତଭାବେ ଆଲୋଚିତ ହେବ ।

□□□

Digitized by srujanika@gmail.com

ତୃତୀୟ ପରିଚ୍ଛେଦ

ମିଥ୍‌ର ଭୂମିକା : ଆଧୁନିକ ଓଡ଼ିଆ କବିତା ପରଂପରାରେ

ପାଶ୍ଚାତ୍ୟ ପରମ୍ପରା ଭଳି ଆଧୁନିକ ଓଡ଼ିଆ କବିତା ପରମ୍ପରାରେ ମିଥ୍‌ର ଏକ ବିଶିଷ୍ଟ ଭୂମିକା ରହିଛି । ଆଧୁନିକ ଓଡ଼ିଆ କାବ୍ୟଧାରାର ଆଦ୍ୟ-ସ୍ରଷ୍ଟା ରାଧାନାଥଙ୍କଠାରୁ ଆରମ୍ଭ କରି ସତ୍ୟବାଦୀର ସାଧକ ନୀଳକଣ୍ଠଙ୍କ ବାଟ ଦେଇ କବି ରାଉତରାୟ, ଗୁରୁପ୍ରସାଦ ମହାନ୍ତି, ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ଦୀପକ ମିଶ୍ର, ସୌଭାଗ୍ୟ କୁମାର ମିଶ୍ର, ରାଜେନ୍ଦ୍ର ପଣ୍ଡା, ସୌରୀନ୍ଦ୍ର ବାରିକ ଓ ପ୍ରଭୃତି ଶତପଥୀ ପ୍ରମୁଖଙ୍କ କାବ୍ୟଚେତନା ପ୍ରତି ଦୃଷ୍ଟିପାତ କଲେ ମିଥ୍ ପ୍ରୟୋଗର ବୈଶିଷ୍ଟ୍ୟ ସ୍ପଷ୍ଟ ହୋଇଯାଏ ।

ରାଧାନାଥଙ୍କର ଉଭୟ ଜାତୀୟତାବାଦୀ ତଥା ଆପାତଃ ଇତିହାସଭିତ୍ତିକ (Pseudo-Historic) ରୋମାଣ୍ଟିକ୍ କାବ୍ୟଗୁଚ୍ଛରେ ବହୁ ପୌରାଣିକ ଘଟଣା, ଚରିତ୍ର ତଥା ସ୍ଥାନବିଶେଷରେ ନାମୋଲ୍ଲେଖ ରହିଛି । କିନ୍ତୁ 'ମହାଯାତ୍ରା' ବ୍ୟତୀତ ତାଙ୍କର 'ଦଶରଥ ବିୟୋଗ' ଓ 'ସାବିତ୍ରୀ ଚରିତ' ସମେତ ଅନ୍ୟ କୌଣସି କାବ୍ୟରେ ମିଥିକ୍ ଗଢ଼ଣ ଦେଖିବାକୁ ମିଳେନାହିଁ । ବସ୍ତୁତଃ, 'ମହାଯାତ୍ରା'ରେ 'ମହାଭାରତ'ର 'ସ୍ୱର୍ଗାରୋହଣ ପର୍ବ' ଏକ ଉପାୟ, ଏକ ମାଧ୍ୟମ ବା ପଞ୍ଜର ମାତ୍ର । ତାହାର ଉଦ୍ଦେଶ୍ୟ ବା ଲକ୍ଷ୍ୟ ହେଉଛି ମହାଭାରତୀୟ ସାଂସ୍କୃତିକ ଚେତନାର ପୁନର୍ଜାଗରଣ । ପୁରାଣ ଚେତନା ମାଧ୍ୟମରେ ଏହିଁରେ ପରାଧୀନ ଭାରତକୁ ବନ୍ଧନମୁକ୍ତ କରିବା ପାଇଁ ଆହ୍ୱାନ ଦିଆଯାଇଛି । ତାମିଲ୍ ସାହିତ୍ୟରେ ସୁବ୍ରମନ୍ୟମ୍ ଭାରତୀଙ୍କ 'ପାଞ୍ଚାଳୀ ଶପଥମ୍' (୧୯୧୨)ରେ ଅନୁରୂପ କାବ୍ୟାଦର୍ଶ ତଥା ମିଥିକ୍ ଗଢ଼ଣ ଲକ୍ଷ୍ୟ କରାଯାଏ ।

ନୀଳକଣ୍ଠଙ୍କ ମୌଳିକ କାବ୍ୟ 'କୋଣାର୍କେ' ଓ 'ଖାରବେଳ'ରେ ମୁଖ୍ୟତଃ ଇତିହାସ ତଥା ଆପାତଃ ଇତିହାସ (Pseudo-History)ର ସଞ୍ଚରଣ ଘଟିଛି । ଏହିଁରେ ପୌରାଣିକ ଘଟଣାର ସଂକ୍ଷିପ୍ତ ସୂଚନା ସ୍ଥଳବିଶେଷରେ

Digitized by srujanika@gmail.com

ରହିଛି ସତ, ମାତ୍ର ତାହାକୁ ମିଥ୍‌ରୂପେ ଅଭିହିତ କରିହୁଏ ନାହିଁ । କାରଣ କବିତାରେ ମିଥ୍ ପ୍ରୟୋଗ କହିଲେ କେବଳ ପୌରାଣିକ ଚରିତ୍ର ବା ଘଟଣାର ନାମୋଲ୍ଲେଖ ନୁହେଁ, ଏହି ପୌରାଣିକ ଆଖ୍ୟାନ ଓ ଚରିତ୍ର ସାମ୍ପ୍ରତିକ କାଳ ସହ ଏକ ଯୋଗସୂତ୍ରରେ ଗ୍ରଥିତ ହୋଇ ସାମାଜିକ ତଥା ସାଂସ୍କୃତିକ ପୃଷ୍ଠଭୂମି ପ୍ରକଟନ କଲେ ସାର୍ଥକ ମିଥ୍‌ଧର୍ମୀ କବିତାର ଉଦ୍‌ଭବ ଘଟେ ।

ଏହି ପରିପ୍ରେକ୍ଷୀରେ ବିଶ୍ଳେଷଣ କଲବେଳେ ବୈକୁଣ୍ଠନାଥଙ୍କ 'ସୀତା' ଓ 'କୁବ୍‌ଜା' ଆଦି କବିତାରେ ମଧ୍ୟ ମିଥ୍‌ଚେତନାର ସ୍ୱାକ୍ଷର ମିଳେ ନାହିଁ । କିନ୍ତୁ ତାଙ୍କର 'ପାର୍ଥ ଅନୁଶୋଚନା'ରେ ମିଥ୍‌ଚେତନା ମାଧ୍ୟମରେ ସାଂପ୍ରତିକ କାଳର ହୃତ-ପୌରୁଷକୁ ସୂଚାଇ ଦିଆଯାଇଛି—"ଅର୍ଜୁନ ଆଜି ହୀନବୀର୍ଯ୍ୟ / ଆଜି ଅବନତ ଶିର । କିଏ ଯିବ ପ୍ରତେ / କଥା ବିପରୀତେ । ବୁଝିବେ ପ୍ରାଜ୍ଞ ଧୀର ।" ଶ୍ରୀକୃଷ୍ଣଙ୍କ ମୃତ୍ୟୁ ପରେ, ଅର୍ଜୁନଙ୍କର ଶୌର୍ଯ୍ୟ ଓ ବୀରତ୍ୱ ଶକ୍ତି ଅସ୍ତମିତ ହୋଇଥିଲା ବୋଲି ମହାଭାରତକାରଙ୍କ ମତ । ସାଂପ୍ରତିକ କାଳରେ ଶ୍ରୀକୃଷ୍ଣ ପକ୍ଷାନ୍ତରେ ଦୃପ୍ତ ମାନବୀୟ ମୂଲ୍ୟବୋଧର ମୃତ୍ୟୁ ଘଟିଛି । ସୁତରାଂ ଅର୍ଜୁନ ସ୍ୱାଭାବିକ ଭାବେ ତା'ର ଯୋଦ୍ଧୃଶକ୍ତି ହରାଇବସିଛି ।

କାଳର ଏହି ଅବକ୍ଷୟ ମଧ୍ୟରେ ମାନବୀୟ ମୂଲ୍ୟବୋଧ କିଭଳି ଅନାହତ ରହିଛି, ତାହାର ସୂଚନା ମିଳେ କବି ରାଧାମୋହନ ଗଡ଼ନାୟକଙ୍କ 'ଦୁଇଟି ଚାହାର ଡେଣା'ରେ—

"× × × ଦେଖ ସେ ଡେଣାର ତଳେ
ଧାପ୍ତ ରୁଚିର ଶକୁନ୍ତଳାର
ଅଭୀକ ଆତ୍ମା ଝଳେ ।" (୧)

ଶଂସିତ କବିତାର ଏ ଡେଣା ଏକ ଗୃଧ୍ରପକ୍ଷୀର ଡେଣା । ଗୃଧ୍ର ପକ୍ଷୀ ଏଠାରେ ବିପର୍ଯ୍ୟସ୍ତ ମାନବୀୟ ମୂଲ୍ୟବୋଧର ପ୍ରତୀକ । କିନ୍ତୁ ଏହି ବିପର୍ଯ୍ୟୟର ଅନ୍ତରାଳରେ ଏବେ ମଧ୍ୟ ଶକୁନ୍ତଳାର ନିଷ୍ପାପ ଆତ୍ମା ଉଜ୍ଜ୍ୱଳ ହୋଇ ଫୁଟି-ଉଠେ । ସକଳ ଅବକ୍ଷୟର ଅନ୍ଧାରକୁ ଭେଦ କରି ଆଲୋକର ଦ୍ୟୁତି ଉଦ୍‌ଭାସିତ ହୁଏ ।

---

୧ । ରାଧାମୋହନ ଗଡ଼ନାୟକ : 'ଦୁଇଟି ଚାହାର ଡେଣା', ଗଡ଼ନାୟକ ଗ୍ରନ୍ଥାବଳୀ; ପୃ. ୭୬୩

Digitized by srujanika@gmail.com

କବି ରାଉତରାୟଙ୍କ 'ରକ୍ତବୀର୍ଯ୍ୟର ଅଭିଯାନ' ଶୀର୍ଷକ କବିତାରେ ଶ୍ରୀକୃଷ୍ଣଙ୍କୁ ବିପ୍ଳବୀ ମାନବାତ୍ମାର ପ୍ରତୀକ ରୂପେ ବର୍ଣ୍ଣନା କରାଯାଇଛି । ଏହି ବିପ୍ଳବୀ ମାନବାତ୍ମା ପ୍ରତିକୂଳ ପରିସ୍ଥିତି ବିରୋଧରେ ସଂଗ୍ରାମ ଘୋଷଣା କରେ । ଏହି ପ୍ରତିକୂଳ ଶକ୍ତି ଏଠାରେ ରକ୍ତବୀର୍ଯ୍ୟ ରୂପେ ସୂଚିତ । କବିତାର ପରବର୍ତ୍ତୀ ବିବର୍ତ୍ତନ ଧାରାରେ ଏ ପ୍ରତିକୂଳ ଶକ୍ତିକୁ କଂସ ମିଥ୍ ସହ ସମନ୍ୱିତ କରାଯାଇଛି । ସେଇ ପ୍ରତିକୂଳ ଶକ୍ତି ବିରୋଧରେ ସଂଗ୍ରାମୀ ମାନବାତ୍ମାର ଆହ୍ୱାନ—

"ଲକ୍ଷ ଘର ସୁନା ପଦ୍ମ ଯୋଗାଇଛୁ ଏତେ ଦିନ
× × ×
ପଦ୍ମାବତୀର କି ଭାଙ୍ଗିଲା ଅଭିମାନ ?
ଆଉ ନୁହେଁ, ଆଉ ନୁହେଁ, ଆଉ ନୁହେଁ
ଚାହଁ ଦେଖ ଛଳଛଳ ପ୍ରଭାତର ମୁହଁ ।" (୨)

ପ୍ରତିକୂଳ ପରିବେଶ ମଧ୍ୟରେ ମାନବାତ୍ମା କିଭଳି ସଂଗ୍ରାମରତ, ତା'ର ସୂଚନା ମଧ୍ୟ ଦିଆଯାଇଛି କବି ଅନନ୍ତ ପଟ୍ଟନାୟକଙ୍କ 'ଝଡ଼ରେ ରୁଧିର'ରେ ଏକ ସମଧର୍ମୀ ମିଥ୍ ସାହାଯ୍ୟରେ—

"ମୃତ୍ୟୁର ଜଙ୍ଗଲ ପହଁରି ପହଁରି
ତୋଳେ ଯେ ତୋ'ଲାଗି ରକ୍ତକଇଁ
କୃଷ୍ଣ ନାଗର ଦଂଶନେ ସେ କି
ପଡ଼ିବ ନଇଁରେ ପଡ଼ିବ ନଇଁ ।" (୩)

'ଝଡ଼ରେ ରୁଧିର' ଏକ ସାମାଜିକ ବିପ୍ଳବଧର୍ମୀ କବିତା । ସୁତରାଂ ପ୍ରତିକୂଳ ପରିବେଶ ମଧ୍ୟରେ ମାନବାତ୍ମାର ସଂଗ୍ରାମ, କବି ରାଉତରାୟଙ୍କ 'ରକ୍ତବୀର୍ଯ୍ୟର ଅଭିଯାନ' ଭଳି ଶଂସିତ କବିତାରେ ମଧ୍ୟ ପ୍ରତିଫଳିତ । ତହିଁରେ ମାର୍କସୀୟ ବାମପନ୍ଥୀ ଚେତନାର ସ୍ୱାକ୍ଷର ମଧ୍ୟ ସୁସ୍ପଷ୍ଟ । ଏଇ ପରିପ୍ରେକ୍ଷୀରେ 'କୃଷ୍ଣ' ଏଠାରେ ଶୋଷିତ ଗୋଷ୍ଠୀକୁ ପ୍ରତିନିଧିତ୍ୱ କରନ୍ତି । 'ମୃତ୍ୟୁର ଜଙ୍ଗଲ' ଏଠାରେ

---

୨ । ଶ୍ରୀ ସଚ୍ଚି ରାଉତରାୟ : ରକ୍ତବୀର୍ଯ୍ୟର ଅଭିଯାନ, 'ଅଭିଜ୍ଞାନ' ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ପୃ. ୬୩୪

୩ । ଅନନ୍ତ ପଟ୍ଟନାୟକ : 'ଝଡ଼ରେ ରୁଧିର'

Digitized by srujanika@gmail.com

ପ୍ରତିକୂଳ ପରିବେଶର ପ୍ରତୀକ । କଂସ ଶୋଷକଗୋଷ୍ଠୀର ପ୍ରତୀକ । 'କୃଷ୍ଣ ନାଗର ଦଂଶନ' ଏଠାରେ ସଂଗ୍ରାମକାଳୀନ ଦୁଃଖ ଓ ଯନ୍ତ୍ରଣାକୁ ସୂଚାଇଦିଏ । କିନ୍ତୁ ସକଳ ଦୁଃଖ ଓ ଯନ୍ତ୍ରଣା ମଧ୍ୟରେ ମାନବାତ୍ମା ତା'ର ସ୍ୱାଧୀକାରବୋଧ ସାବ୍ୟସ୍ତ କରିବା ଲାଗି ଅଙ୍ଗୀକାରବଦ୍ଧ । ଏହି ଅଙ୍ଗୀକାରବଦ୍ଧତାର ଏକ କାବ୍ୟିକ ସ୍ୱାକ୍ଷର ହେଉଛି କବି ଅନନ୍ତ ପଟ୍ଟନାୟକଙ୍କ 'ଝଡ଼ରେ ରୁଧିର ।'

କବି ସଚ୍ଚିରାୟଙ୍କ 'ଶିବାଗ୍ନି'ରେ କୁଷ୍ଠା ଓ କୁବ୍‌ଜାଙ୍କ ସୂର୍ଯ୍ୟପୂଜାର ସଂକେତ ପ୍ରମୂର୍ତ୍ତ—

"ଚାଲ ଚାଲ ଆଜି ସୂର୍ଯ୍ୟ ପୂଜା
ସୁନ୍ଦରୀ କରିବା ଏଇ କୁଷ୍ଠା ଓ କୁବ୍ଜା
ପୃଥିବୀରେ, ନୂଆ ରୂପେ
ନୂଆ ରୂପାୟନେ ।" (୪)

ପୃଥିବୀରେ ନୂତନ ମୂଲ୍ୟବୋଧର ସର୍ଜନା ପାଇଁ ଏ ସୂର୍ଯ୍ୟପୂଜାର ଆୟୋଜନ; ଅଥଚ କୁବ୍‌ଜାଙ୍କର ସୂର୍ଯ୍ୟପୂଜାର ଦୃଷ୍ଟାନ୍ତ ପୌରାଣିକ ପରମ୍ପରାରେ ଲକ୍ଷ୍ୟ କରାଯାଏ ନାହିଁ । ଏଭଳି ତପସ୍ୟା କରିଥିଲେ କୁଷ୍ଠବ୍ୟାଧି-ଗ୍ରସ୍ତ ଶାମ୍ବ । କବିତାର ପରବର୍ତ୍ତୀ ପର୍ଯ୍ୟାୟରେ 'ଗାଂଧିହୀନ ଗାନ୍ଧାରୀ ହସ୍ତିନା'ରେ ଗାନ୍ଧିଙ୍କ ସହ ଗାନ୍ଧାରୀ ଓ ହସ୍ତିନାର ସମ୍ପର୍କ ଯୋଡ଼ାଯାଇଛନ୍ତି । ଏହା ଦ୍ୱାରା କୌଣସି ସୁସ୍ପଷ୍ଟ କାବ୍ୟିକ ଉଦ୍ଦେଶ୍ୟ ସଂସାଧିତ ହୋଇଥିବା ଭଳି ମନେହୁଏନାହିଁ ।

'ପାଣ୍ଡୁଲିପି'ର 'କେଶ' ଶୀର୍ଷକ କବିତାରେ 'କେଶ' ଲୋକକଳ୍ପନାର ଫରୁଆ ଭିତରେ ଲୁଚିଯାଉଥିବା ରାଜଜେମାର ବାରହାତ ଲମ୍ବ ବେଣୀର 'କେଶ' ନୁହେଁ । ଏ 'କେଶ' ଶଂସିତ କବିତାରେ ଦ୍ରୌପଦୀର କେଶ—ମୃତ୍ୟୁ-ଚେତନା ବା ମହାକାଳର ପ୍ରତୀକ । 'କେଶ' କବିତାର ମୃତ୍ୟୁଚେତନା ବ୍ୟକ୍ତିକ ନୁହେଁ—ପକ୍ଷାନ୍ତରେ ଏହା ଏକ ଯୁଗଚେତନାର ଅପମୃତ୍ୟୁର ପ୍ରତୀକ ।

"ଦୂର କର ଅରାଜକ ରଜନୀର ଅଂକ···
ମୃତ୍ୟୁ ପରି ଆସେ ଦୋହି ମୋହମୟ ଆଶ୍ଚର୍ଯ୍ୟ ଅନଳ ।

---

୪ । ସଚ୍ଚି ରାଉତରାୟ : 'ଅଭିଜ୍ଞାନ', 'ଶିବାଗ୍ନି'—ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ, ପୃ. ୫୩୭

Digitized by srujanika@gmail.com

ଶ୍ୟାମଳ ସର୍ପିଳ ଶ୍ଳଥ ଏଇ କ୍ଷିପ୍ତ କେଶର ବନ୍ୟାରେ
ହସ୍ତିନାର ସ୍ୱର୍ଣ୍ଣଚୂଡ଼ା ଇନ୍ଦ୍ରମାଳ ମହମ ମିନାରେ
ଉଡ଼ାଇ କେ ନିଏ କାହିଁ ? ମରଣର କ୍ଷିପ୍ର ଉପହାସ
ଭଙ୍ଗା ଗଢ଼ା ମଧ୍ୟେ ରଚେ ଆଜ ଏକ ବଚନ ସମାସ ।" (୫)

'ଭଙ୍ଗା' ଓ 'ଗଢ଼ା'—ବିଲୟ ଓ ପୁନଃସୃଷ୍ଟିର ପ୍ରତୀକ । ଜରାଜୀର୍ଣ୍ଣ ଯୁଗ-ଚେତନାର ବିଲୟ ପରେ ଏହି ମହାକାଳ ଏକ ନୂତନ ସମୃଦ୍ଧ ସୃଷ୍ଟିର ଜନ୍ମ ଜାତକ ରଚନା କରିବ ।

ସୁତରାଂ, ରାତ୍ରିର ଶେଷ ପ୍ରାନ୍ତରେ ଦୁଃଶାସନକୁ ଆହ୍ୱାନ ଶୁଭେ—"ସାବଧାନ ! ରାତ୍ରି ହେଲା ଶେଷ ! ସର୍ପ ସମ ଆସେ ଧୋଡି ! ବେଣୀମୁକ୍ତ ଘନକୃଷ୍ଣ କେଶ ।" (୬)

'ପଦ୍ମଭୃଙ୍କ୍'ରେ ସଭ୍ୟତାର ପଦ୍ମଭୃଙ୍କ୍ ସ୍ୱରୂପ ପ୍ରକଟିତ । ଏ ସଭ୍ୟତା ସାଂପ୍ରତିକ ନଗରାଭିମୁଖୀ ସଭ୍ୟତା । ସେ ଆତ୍ମପରିଚୟ୍ୱବିସ୍ମୃତ ତଥା ରୁଗ୍ଣ ଓ ମ୍ଳାନ । ତଥାକଥିତ ଆଧୁନିକ ବ୍ୟକ୍ତିସତ୍ତା ପୌରୁଷତ୍ୱବର୍ଜିତ 'ବୃହନ୍ନଳା'ରେ ରୂପାନ୍ତରିତ । ଏ ବୃହନ୍ନଳାକୁ କବିସତ୍ତା ଉତ୍ତିଷ୍ଠତ ଜାଗ୍ରତର ମନ୍ତ୍ର ଶୁଣାଏ—

"ସହର ତଳର ଛାୟା ରୁଗ୍ଣ ମ୍ଳାନ କଣ୍ଠେ ଗୁଡ଼େ ଡାକ...
ଜାଗ ପଳାୟନପନ୍ଥୀ ନଷ୍ଟପକ୍ଷ ହେ ମୂକ ମୈନାକ
ଘୃଣ୍ୟ ଏ ନୃତ୍ୟର ବେଶ ଫିଙ୍ଗି ଦୂରେ ଜାଗ ବୃହନ୍ନଳା ।" (୭)

ଆଧୁନିକ ମାନବକୁ ଅନୁରୂପ ଭାବେ 'ବୃହନ୍ନଳା' ରୂପେ ଅଭିହିତ କରିଛନ୍ତି କବି ବେଣୁଧର ରାଉତ—

"ହାଇରେ ମଣିଷ × × ×
ମାତାଲ୍ ପରି ତୁ ଜ୍ଞାନ ନେଲୁ ଯାହା
× × ×

୫ । ସଚ୍ଚି ରାଉତରାୟ : 'ପାଣ୍ଡୁଲିପି' ('କେଶ') ପୃ. ୮୪-୮୫

୬ । ତତ୍ରୈବ

୭ । ସଚ୍ଚି ରାଉତରାୟ : ପାଣ୍ଡୁଲିପି (ପଦ୍ମଭୃଙ୍କ୍), ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ ପୃ. ୭୮-୭୯

Digitized by srujanika@gmail.com

ଜାଣିପାରିଲୁନି ହୁଡ଼ିଲୁ ସ୍ୱର୍ଗ ରାହା
ବୃହନ୍ନଳା ତୁ ନିଜକୁ ପାଶୋରି କଲୁ ଅଜ୍ଞାତବାସ

× × ×

ତୋହରି ଭିତରେ ମଣିଷପଣର ଅର୍ଜୁନ ଗଲା କାହିଁ ?
ଅବରୋଧେ ଭୁଲି ମୁକ୍ତ ଜଗତେ
ଜିବା ତୋ ସତ୍ତ୍ୱ ନାହିଁ ?" (୮)

ଏହି 'ବୃହନ୍ନଳା' ପକ୍ଷାନ୍ତରେ ଅବରୁଦ୍ଧ ମାନବାତ୍ମାକୁ କବି ରାଉତରାୟ ଜୀବନର ବାସ୍ତବ ସ୍ଥିତି ପରିପ୍ରେକ୍ଷୀରେ ସଂଗ୍ରାମ କରିବା ପାଇଁ ଆହ୍ୱାନ ଦିଅନ୍ତି—"ମାଟିର ଗେରୁଆ ପଥ ନିଭିଯାଏ / ସୂର୍ଯ୍ୟର ଔରସେ / ନୂତନ ଜୀବନ ଫୁଟେ / ଲୁହ ଲହୁ ଝାଳ ଓ ନିଶ୍ୱାସେ / ଜାଗ ମହାକବି / ଏ ମହାକାନ୍ତର ଶିରେ / ଶ୍ରାବଣର ହେ ରକ୍ତ କରବୀ ।" (୯)

ସୁତରାଂ ପୌରୁଷବିବର୍ଜିତ ବୃହନ୍ନଳାତ୍ୱରୁ ମୁକ୍ତ ହୋଇ ମାନବାତ୍ମା ସ୍ୱୟଂ ଏକ ବୈପ୍ଲବିକ ଜୀବନଚେତନାର ମହାକାବ୍ୟକାର ହୋଇପାରେ । 'ରକ୍ତ କରବୀ' ଏଠାରେ ବୈପ୍ଲବିକ ଜୀବନବୋଧର ପ୍ରତୀକ । କବି ରାଉତରାୟଙ୍କ କାବ୍ୟଚେତନାର କ୍ରମ ବିବର୍ତ୍ତନ ଭିତରେ କିନ୍ତୁ ଆଧୁନିକ ମାନବର ଦୟନୀୟ ସ୍ଥିତି ଅନାବୃତ । 'ସ୍ୱଗତ'ରେ କାବ୍ୟନାୟକ ଏକ ପୋଡ଼ା ଭୂଇଁର ଅଧିବାସୀ, ବିଷାଦଗ୍ରସ୍ତ ଏକ ଅର୍ଜୁନ । ଏ ଆଧୁନିକ ଅର୍ଜୁନର ଯୋଦ୍ଧୃଶକ୍ତି ଦୟନୀୟଭାବେ ଅପହୃତ । ସୁତରାଂ କାବ୍ୟନାୟକର ସ୍ୱୀକାରୋକ୍ତି—"ତେଣୁ ମୁଁ ତ ଭଗ୍ନଜାନୁ / ଖସି ପଡ଼େ ରାଇଫଲ / ଉଠାଇ ପାରେନା ଆଉ ଗାଣ୍ଡୀବ ଯେ / ହାତ ଥରଥର ।" (୧୦)

ଜୀବନଯନ୍ତ୍ରଣାରେ ପିଷ୍ଟ ଆଧୁନିକ ମଣିଷ ପାଇଁ ଏ ସଂସାର ଏକ କୁରୁକ୍ଷେତ୍ର; ଅଥଚ ଏ କୁରୁକ୍ଷେତ୍ରର ଯନ୍ତ୍ରଣା ଓ ଦାବଦାହକୁ ସେ ପ୍ରକାଶ୍ୟରେ

---

୮ । ଶ୍ରୀ ବେଣୁଧର ରାଉତ : 'ପିଙ୍ଗଳାର ସୂର୍ଯ୍ୟ' (ବୃହନ୍ନଳା)

୯ । ସଚ୍ଚି ରାଉତରାୟ : 'ପାଣ୍ଡୁଲିପି' (ପଦ୍ମଭୂକ୍) ପୃ. ୭୮-୭୯

୧୦ । ସଚ୍ଚି ରାଉତରାୟ : କବିତା ୧୯୬୨ (ସ୍ୱଗତ) ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ

Digitized by srujanika@gmail.com

ସ୍ୱାଭାବିକ ଭାବେ ଅଭିବ୍ୟକ୍ତ କରି ପାରେ ନାହିଁ । କବିତାର ଶୀର୍ଷକ ସେଥିପାଇଁ 'ସ୍ୱଗତ' । ସାଂପ୍ରତିକ ମଣିଷକୁ ଅସ୍ଥିର ବିଷାଦଗ୍ରସ୍ତ ଅର୍ଜୁନ ରୂପେ ଚର୍ଚ୍ଚିତ କରିବା ମଧ୍ୟରେ ମଣିଷର ତୀବ୍ର ଅସହାୟବୋଧ ସୂଚିତ ।

'ସ୍ୱଗତ' ସଂକଳନର 'ସ୍ୱଗତ (୧)' କବିତାରେ ମୃତ୍ୟୁଚେତନାର ସ୍ୱାକ୍ଷର ଛାୟାଗ୍ରାହିଣୀ ମିଥ୍ ମାଧ୍ୟମରେ ପ୍ରଦତ୍ତ । ଛାୟାଗ୍ରାହିଣୀ ରାମାୟଣୋକ୍ତ ଏକ ରାକ୍ଷସୀ, ଯିଏ ଏକଦା ହନୁମାନ୍‌ର ସମୁଦ୍ର ଡେଇଁ ଲଙ୍କାକୁ ଯାଉଥିବାବେଳେ ସମୁଦ୍ରଜଳରେ ପଡ଼ିଥିବା ଛାୟାକୁ ଆକର୍ଷଣ କରି ହନୁମାନ୍‌କୁ ତଳକୁ ଟାଣି ନେଇଥିଲା । 'ସ୍ୱଗତ' (୧)ର ଏ 'ଛାୟାଗ୍ରାହିଣୀ' ସ୍ୱୟଂ ମୃତ୍ୟୁ, ଯେ ଅହରହ ନିଜର ଅକ୍ଟୋପାଶୀ ବନ୍ଧନରେ କବିସତ୍ତ୍ୱକୁ ଆଚ୍ଛନ୍ନ କରି ରଖିଛି ।

'ଜୀଚକ' କବି ରାଉତରାୟଙ୍କର ଅନ୍ୟ ଏକ ମିଥ୍‌ଧର୍ମୀ କବିତା । ମିଥ୍‌ଧର୍ମୀ ଏ କବିତାର ନାୟକ ହରିଂଶବାବୁ ଏକ ଆଧୁନିକ ଜୀଚକ । ତାରୁଣ୍ୟର ଏ ଅନ୍ତର୍ମୁଖୀ ଚରିତ୍ରଟି ଉତ୍ତର-ପରୃଶରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ସନ୍ଧିଯୁକ୍ତ ଭାବେ ଜଡ଼ିତ । ପୁଣି ପ୍ରୌଢ଼ା ପରିଗୃହିକା ପ୍ରତି ଉତ୍ତର-ପରୃଶରେ ନାୟକର ଆସକ୍ତି ପ୍ରକାଶ ଓ ପରିଗୃହିକାର ପ୍ରତ୍ୟାଖ୍ୟାନ ଆଧୁନିକ ଜୀଚକର ବୀଭତ୍ସ ଯୌନପ୍ରବୃତ୍ତିକୁ ଉପହାସ କରେ । ଆଧୁନିକ କାଳର ଏ ଅବକ୍ଷୟ କବି ଗୁରୁପ୍ରସାଦଙ୍କ ସୃଷ୍ଟିରେ ଅଧିକ ସ୍ପଷ୍ଟ ଓ ପରିଚ୍ଛନ୍ନ । ବସ୍ତୁତଃ ଗୁରୁପ୍ରସାଦ ଆଧୁନିକ ଓଡ଼ିଆ କବିତା ପରଂପରାରେ, ମିଥ୍ ଚେତନାରେ ଏକ ସୁନିର୍ଦ୍ଦିଷ୍ଟ ମୋଡ଼ ଆଣିବାରେ ଜଣେ କ୍ରାନ୍ତିକାରୀ ଶିଳ୍ପୀ । 'ସମୁଦ୍ର-ସ୍ନାନ' ଶୀର୍ଷକ ତାଙ୍କର ଏକକ ଗୀତିଗୁଚ୍ଛ ସଂକଳନର 'କାଳପୁରୁଷ', 'ଅକ୍ରୂର ଉଦ୍ଧବ' ଓ 'ଚଂପାଫୁଲ' ସନେଟ୍ ପରିପ୍ରେକ୍ଷୀରେ ଏହା ବିଶ୍ଳେଷଣ କରାଯାଇପାରେ ।

ଗୁରୁପ୍ରସାଦଙ୍କ 'କାଳପୁରୁଷ'ରେ କବି ଟି. ଏସ୍. ଏଲିୟଟ୍‌ଙ୍କ 'ଦି ୱେଷ୍ଟ ଲ୍ୟାଣ୍ଡ' (The Waste Land)ର କାବ୍ୟ ଥିମ୍ ଅନୁସୃତ । ଆମୂଳାନ୍ତ ତହିଁରେ ମୃତ୍ୟୁଚେତନା ପ୍ରଲମ୍ବିତ ନୁହେଁ । ମୃତ୍ୟୁରୁ ଅମୃତକୁ ଅଭିଯାତ୍ରା ତହିଁରେ ସୁସ୍ପଷ୍ଟ । ଏ ଅମୃତ ଆସ୍ପୃହା, ଅକ୍ରୂର ଓ ଉଦ୍ଧବ ମିଥ୍ ମାଧ୍ୟମରେ ତଥା ଜହ୍ନ, ଝରଣା ଓ ଅରୁନ୍ଧତୀ ତାରା ଚିତ୍ରକଳ୍ପ ମଧ୍ୟରେ ପ୍ରମୂର୍ତ୍ତ ।

"ହେ ଅକ୍ରୂର, ହେ ଉଦ୍ଧବ, ସଖା ମୋର ପ୍ରାଣର ଦୋସର,
ତୁହ ତୁହଂଛୁଡ଼ା ତୁହ ପିଠିରେ ମୋ ଭୁମ ପରି ବୋଝ

Digitized by srujanika@gmail.com

ମୁଁ ଯିବି ତୁମରି ପରି ତାରା ଖୋଜି, ଜହ୍ନ ଖୋଜି
ଖୋଜି ଖୋଜି ଝରଣାର ସୁଅ
ମୁଁ ଯିବି ତୁମରି ପରି ଖୋଜି ମୋର ପିତାମାତା,
ନିମୂଳି ନଈରେ ଖୋଜି ଅରୁନ୍ଧତୀ ତାରାର ଆଲୁଅ ।" (୧୧)

ଅକ୍ରୂର ଓ ଉଦ୍ଧବ—ଦୁହେଁ କୃଷ୍ଣଭକ୍ତ । ଜଣେ କୃଷ୍ଣଙ୍କୁ ମଥୁରା ଆଣି କଂସ-ମୃତ୍ୟୁର ନିମିତ୍ତ ହୋଇଛି । ଅନ୍ୟ ଜଣେ କୃଷ୍ଣ-ସମ୍ବାଦ ନେଇ ଗୋପ ଯାଇଚି ଓ ଈଶ୍ୱରଙ୍କ ବାର୍ତ୍ତା ପ୍ରଚାର କରିଚି । ମାନବାତ୍ମା ଶଂସିତ କବିତାରେ ଅକ୍ରୂର ଓ ଉଦ୍ଧବ ଚେତନା ସହ ଏକାତ୍ମ । 'ଶ୍ରୀମଦ୍‌ଭାଗବତ'ର ଅକ୍ରୂର ଓ ଉଦ୍ଧବଙ୍କ ପରି ତା' ପିଠିରେ ଏକ ବୋଝ—ଧ୍ୱଂସର, ମୃତ୍ୟୁର, ଅବକ୍ଷୟତାର । ତହିଁରୁ ସେ ପରିତ୍ରାଣ ଚାହେଁ, ଶାନ୍ତି ଚାହେଁ, ସ୍ୱସ୍ତ୍ୟୟନ ଚାହେଁ । 'ତାରା', 'ଜହ୍ନ' ଓ 'ଅରୁନ୍ଧତୀ ତାରା' ମାଧ୍ୟମରେ ଏ ଶାନ୍ତି ଓ ସ୍ୱସ୍ତ୍ୟୟନର ସଂକେତ ପ୍ରମୂର୍ତ୍ତ । ବସ୍ତୁତଃ ଅରୁନ୍ଧତୀ ତାରା ଏକ ମୃତ୍ୟୁଞ୍ଜୟୀ ଚେତନାକୁ ପ୍ରତିକାୟିତ କରେ । ଅରୁନ୍ଧତୀ ବଶିଷ୍ଠ ଋଷିଙ୍କ ପତ୍ନୀ । ପତିପରାୟଣତା ପାଇଁ ସେ ପ୍ରଖ୍ୟାତ । ଉତ୍ତରାକାଶରେ, ସପ୍ତର୍ଷିମଣ୍ଡଳର ଷଷ୍ଠ ତାରା ବଶିଷ୍ଠଙ୍କ ନିକଟରେ, ସେ ଗୋଟିଏ ତାରାଟିଏ ହୋଇ ରହିଛନ୍ତି ବୋଲି ଏକ ପୌରାଣିକ ଲୋକବିଶ୍ୱାସ ପ୍ରଚଳିତ । 'ହିତୋପଦେଶ'ରେ ଉଲ୍ଲେଖ କରାଯାଇଛି, "ମୃତ୍ୟୁ ଯା'ର ଆସନ୍ନ, ଏ ତାରା ତାକୁ ଦେଖାଯାଏ ନାହିଁ ।" ମାନବାତ୍ମା ଆଜି ମୃତ୍ୟୁଗ୍ରସ୍ତ; ଅଥଚ ସେ ତହିଁରୁ ପରିତ୍ରାଣ ଚାହେଁ । ସୁତରାଂ ସେ ଅରୁନ୍ଧତୀ ତାରାକୁ ଖୋଜୁଚି । ଏ ତାରାହିଁ ତାକୁ ମୃତ୍ୟୁଶଙ୍କାରୁ ଉଦ୍ଧାର କରିପାରିବ ।

'କାଳପୁରୁଷ'ର କ୍ୟାନ୍‌ଭାସ୍‌ରେ ଏ ମୃତ୍ୟୁଚେତନାର ପ୍ରଲମ୍ବନ ଯେକୌଣସି ସଚେତନ ସମାଲୋଚକ ଲକ୍ଷ୍ୟ କରିବେ । ଏହି ମୃତ୍ୟୁମୁଖୀ ପରିବେଶ ମଧ୍ୟରେ ଜନମାନବଶୂନ୍ୟ ବନ୍ଧ୍ୟା ବାଲିର ସଞ୍ଚାର ପ୍ରଲମ୍ବିତ ।

"× × ମୁଁ ଆଜି ପାରେନା ଶୁଣି ପାଦଧ୍ୱନି ମଣିଷର
ନିଘୁଞ୍ଚିଆ ବାଲିରେ ବାଲିରେ
× × × ×

୧୧ । ଶ୍ରୀ ଗୁରୁପ୍ରସାଦ ମହାନ୍ତି : ସମୁଦ୍ରସ୍ନାନ, 'କାଳପୁରୁଷ' ପୃ. ୪୫

Digitized by srujanika@gmail.com

ନିଃଶବ୍ଦ ଏ ବାଲିଚର ବାଲି ଆଉ ବାଲି
ବିବର୍ଣ୍ଣ ଘାସ ଓ ବାଲି ପଥଗ୍ରାନ ବିବର୍ଣ୍ଣ ପୃଥିବୀ
ଉପରେ ନିସ୍ତେଜ ଝରା ପଥଗ୍ରାନ ବିବର୍ଣ୍ଣ ଆକାଶ
ବିବର୍ଣ୍ଣ ବାଲି ଓ ଘାସ ଶେଫଗ୍ରାନ ଶୋଭ ଆଉ ଶୋଷ ।" (୧୨)

ମୃତ୍ୟୁଗ୍ରସ୍ତ ଏ ପରିବେଶ ମଧ୍ୟରେ 'ଦ ଓ୍ୱେଷ୍ଟ ଲ୍ୟାଣ୍ଡ' ଭଳି ଏଠାରେ ମଧ୍ୟ ସାମାଜିକ ତଥା ସାଂସ୍କୃତିକ ଜୀବନବୋଧ ଅବକ୍ଷୟତାଗ୍ରସ୍ତ । ଜୀବନର ଏ କେନ୍ଦ୍ରଚ୍ୟୁତ 'ଇଳା' ମିଥ୍ ମାଧ୍ୟମରେ ସୂଚିତ । ଇଳା ବୈବସ୍ୱତ ଓ ଶ୍ରଦ୍ଧା ମନୁଙ୍କ କନ୍ୟା । ମନୁ ଚାହିଁଥିଲେ ପୁତ୍ର; କିନ୍ତୁ ପତ୍ନୀ ଶ୍ରଦ୍ଧା ଚାହିଁଥିଲେ କନ୍ୟା । ସୁତରାଂ କନ୍ୟା ସନ୍ତାନଟିଏ ଭୂମିଷ୍ଠ ହେବା ପରେ ମନୁଙ୍କ ଇଚ୍ଛାନୁଯାୟୀ ବଶିଷ୍ଠ କନ୍ୟାଟିକୁ ପୁତ୍ର (ସୁଦ୍ୟୁମ୍ନ)ରେ ରୂପାନ୍ତରିତ କରିଦେଲେ । ପରବର୍ତ୍ତୀ କାଳରେ ସୁକୁମାର ବନରେ ପ୍ରବେଶ କରିବା ଅପରାଧରେ ସେ ନାରୀ ରୂପ ଧାରଣ କରିଥିଲେ ଓ ଶିବ-ପାର୍ବତୀଙ୍କ କରୁଣାରୁ ପରେ ପରେ ଏକମାସ ନାରୀ ରୂପ ଓ ଏକ ମାସ ପୁରୁଷ ରୂପ ଧାରଣ କଲେ । ଟାଇରେସିଆସ୍‌ଙ୍କ ପରି ଇଳା, ଉଭୟ ନାରୀ ଓ ପୁରୁଷଙ୍କର ଯୌନଅଭିଜ୍ଞତାସମ୍ପନ୍ନ । କିନ୍ତୁ ଟାଇରେସିଆସ୍‌ଙ୍କ ପରି ସେ ଅନ୍ଧ ଓ ଭୂତ-ଭବିଷ୍ୟତଦ୍ରଷ୍ଟା ନୁହନ୍ତି—ସେ ସ୍ୱୟଂ, ସ୍ୱକୀୟ, ସଂହତ ଜୀବନ ପରିସରରୁ କେନ୍ଦ୍ରଚ୍ୟୁତ ।

'କାଳପୁରୁଷ'ର ବନ୍ଧ୍ୟାଭୂମିରେ ମଣିଷର ଜୀବନଧାରଣ ପଦ୍ଧତି ଏହିଭଳି ବଡ଼ ବିଚିତ୍ର । ନାରୀ ଏଠାରେ ନିଜର ନମନୀୟ ନାରୀତ୍ୱରୁ ବିଚ୍ୟୁତ । ପୁରୁଷ ତାର ପ୍ରଚଣ୍ଡ ପୌରୁଷ ହରାଇ ଅଭିଶପ୍ତ । ପରଂପରାରୁ ବିଚ୍ୟୁତ ନିଃସଙ୍ଗ ଏକାକୀତ୍ୱବୋଧ ଭିତରେ ମଧ୍ୟ ମାନବାତ୍ମା ଜିଜ୍ଞାସୁ । ଆସନ୍ନ ମୃତ୍ୟୁ ପାଇଁ ପ୍ରତୀକ୍ଷମାଣ ପରିଷିତ ଚରିତ୍ର ମାଧ୍ୟମରେ ଏହି ଜୀବନ ଜିଜ୍ଞାସା ପ୍ରମୂର୍ତ୍ତ । ସେଥିପାଇଁ ସକଳ ଅବକ୍ଷୟ, ଅସତ୍ୟ ଓ ଅନ୍ଧାର ମଧ୍ୟରେ ସେ ଅପେକ୍ଷା କରେ—"ସୂର୍ଯ୍ୟର ଉଦୟ ପୁଣି / ବର୍ଷା ଆଉ ମେଘର ଉଦୟ / ଆଜି ପିତାମାତା / ଅରୁନ୍ଧତୀ ତାରାର ଆଲୁଅ ।" (୧୩)

୧୨ । ଶ୍ରୀ ଗୁରୁପ୍ରସାଦ ମହାନ୍ତି : ସମୁଦ୍ରସ୍ନାନ (କାଳପୁରୁଷ) ପୃ. ୪୭-୪୯

୧୩ । ଶ୍ରୀ ଗୁରୁପ୍ରସାଦ ମହାନ୍ତି : 'ସମୁଦ୍ରସ୍ନାନ' 'କାଳପୁରୁଷ' ପୃ. ୫୦

Digitized by srujanika@gmail.com

ସୁତରାଂ କବି ଟି. ଏସ୍. ଏଲିୟଟ୍‌ଙ୍କ 'ଦି ୱେଷ୍ଟ୍ ଲ୍ୟାଣ୍ଡ' ଭଳି 'କାଳପୁରୁଷ'ର ପରିସମାପ୍ତି ଘଟିଛି ଏକ ଉପନିଷଦୀୟ ପ୍ରଶାନ୍ତି ଓ ପ୍ରତ୍ୟୟ ମଧ୍ୟରେ । ଏ ପ୍ରତ୍ୟୟବୋଧ ମଧ୍ୟରେ ମାନବାତ୍ମା ଅସତ୍ତ୍ୱରୁ ସତ୍ତ୍ୱକୁ, ତମସାରୁ ଆଲୋକକୁ ଓ ମୃତ୍ୟୁରୁ ଅମୃତକୁ ଯାତ୍ରା କରିବା ପାଇଁ ଅଙ୍ଗୀକାରବଦ୍ଧ ।

ଗୁରୁପ୍ରସାଦଙ୍କ 'ଅକ୍ରୂର ଉବାଚ'ରେ କବି ଟି. ଏସ୍. ଏଲିୟଟ୍‌ଙ୍କ 'ଏ ସଙ୍ଗ୍ ଅଫ୍ ସିମିୟନ୍ (A Song of Simeon)ର ସ୍ୱରସାମ୍ୟ ଲକ୍ଷ୍ୟ କରିଯାଏ । ଏଲିୟଟ୍‌ଙ୍କ 'ସିମିୟନ୍' ବାଇବେଲ୍‌ର ଏକ ଚରିତ୍ର । ଯିଶୁଙ୍କ ଧରାବତରଣରେ ସେ ଆନନ୍ଦାତିଶଯ୍ୟରେ ମଗ୍ନ । କିନ୍ତୁ ସମାନ୍ତରାଳଭାବେ ଏକ ଦୁଃଖ ଓ ବିଷାଦବୋଧ ବୃଦ୍ଧ ସିମିୟନ୍‌ଙ୍କ ଅନ୍ତରାତ୍ମାକୁ ଆଲୋଡ଼ିତ କରୁଛି; କାରଣ ଏକ ଅନାଗତ ଭବିଷ୍ୟତର ଦୁଃଖ, ବେଦନା ଓ ବିଷାଦବୋଧକୁ ସେ ଅନ୍ତର୍ଦୃଷ୍ଟିରେ ଦର୍ଶନ କରିପାରୁଛନ୍ତି । ଏ ଦୁଃଖ, ବିଷାଦ ଓ ବେଦନାର କାରଣ ହେଉଛି—ଭବିଷ୍ୟତରେ ଯିଶୁଙ୍କର କ୍ରୁଶବିଦ୍ଧ ହେବାର ଭୟାବହ ଦୃଶ୍ୟ । ସେ ଦୃଶ୍ୟ ଦେଖିବାର ବହୁ ପୂର୍ବରୁ ସିମିୟନ : ପୃଥିବୀରୁ ବିଦାୟ ନେବାକୁ ଚାହାଁନ୍ତି ।

"Grant me thy peace
(And a sword shall pierce
thy heart, Thine also)
I am tired with my own life and the
lives of those after me.

I am dying with my own death and
the deaths of those after me
Let the Servant depart
Having seen thy Salvation. (୧୪)

ଗୁରୁପ୍ରସାଦଙ୍କ 'ଅକ୍ରୂର ଉବାଚ'ରେ କାବ୍ୟ-ନାୟକ ସମାନ୍ତରାଳଭାବେ ଏକ କ୍ଳାନ୍ତ ପଥିକ । ଏ କ୍ଳାନ୍ତ ଜୀବନରୁ ସେ ପ୍ରମୁକ୍ତି ଲୋଡ଼ନ୍ତି ।

"ମହାପ୍ରଭୁ ମୁକ୍ତି ଦିଅ—ଏହି ଯାତ୍ରା
ଶୁଭ ହେଉ ତୁମର ଦୟାରୁ

୧୪ । T. S. Eliot ; A. Song of Simeon.

Digitized by srujanika@gmail.com

ଏହି ଯାତ୍ରା ହେଉ ମୋର ଶେଷ ଯାତ୍ରା
ଏ ଦେହରୁ ତୁମର ସଂହାର ତେଜେଁ
ବହୁତ ବହୁତ କ୍ଲାନ୍ତ ପୁନରୁକ୍ତ ଏ ଆତ୍ମାର ଲୋଡ଼ାନାହିଁ
ଆଉ ତୁମ ଦୟା କ୍ଷମା କରୁଣାର ସାଗରକୂଳରୁ ।" (୧୫)

ଅକ୍ରୂରଙ୍କର ଏ ପ୍ରାର୍ଥନା ମଧ୍ୟରେ ଆଧୁନିକ ମଣିଷର ଆଧ୍ୟାତ୍ମିକ ଆସ୍ପୃହା ଓ ମୁକ୍ତି ବ୍ୟାକୁଳତାର ସ୍ୱର ପ୍ରତିଧ୍ୱନିତ ।

ଗୁରୁପ୍ରସାଦଙ୍କ 'ଚଂପାଫୁଲ' ସନେଟ୍‌ରେ ମିଥ୍‌ର ପରିସର ଭିନ୍ନଧର୍ମୀ । ପୁରାଣ ପରଂପରା ପରିବର୍ତ୍ତେ ଏହା ଲୋକପରଂପରାରୁ ଆହୃତ । ଏହି ଲୋକ-ପରଂପରା ସହ ଘନିଷ୍ଠଭାବେ ସଂପୃକ୍ତ ହୋଇଛି ତାନ୍ତ୍ରିକ କର୍ମାନୁଷ୍ଠାନ । ତାନ୍ତ୍ରିକ ପରଂପରାରେ 'ଚଂପାଫୁଲ' ଅଘଟନ-ଘଟନ-ପଟିୟସୀ । ମାଲୁଣୀର ଚଂପାଫୁଲ ଭେଣ୍ଡାକୁ ମେଣ୍ଢା ପୁଣି ମେଣ୍ଢାକୁ ଭେଣ୍ଡାରେ ରୂପାନ୍ତରିତ କରିଦେବାର ସୂଚନା ଭାରତର ପୂର୍ବାଞ୍ଚଳୀୟ ଲୋକପରଂପରାରେ ସୁପ୍ରଚଳିତ । ଏହି ଲୋକ ମିଥ୍‌ର ସୂଚନା ଗୁରୁପ୍ରସାଦଙ୍କ 'ଚଂପାଫୁଲ' ସନେଟ୍‌ରେ କିଭଳି ପ୍ରତିଫଳିତ ତାହା ପ୍ରଥମ ପରିଚ୍ଛେଦରେ ସୂଚାଇ ଦିଆଯାଇଛି ।

ଗୁରୁପ୍ରସାଦଙ୍କ ପରେ ଓଡ଼ିଆ କବିତାର ବିବର୍ତ୍ତନଧାରାରେ ଶ୍ରୀ ରମାକାନ୍ତ ରଥଙ୍କୁ ସ୍ମରଣ କରାଯାଇପାରେ । ରମାକାନ୍ତ ରଥଙ୍କ 'ଗରୁଡ଼'ରେ 'ଗରୁଡ଼' ସଂଗ୍ରାମୀ ମାନବାତ୍ମାର ପ୍ରତୀକ । ଏ ସଂଗ୍ରାମ ଅନ୍ୟାୟ ଓ ଅନାଚାର ବିରୋଧରେ । ସାଂପ୍ରତିକ ପୃଥିବୀର ଏ ପ୍ରତିକୂଳ ପରିବେଶ କବିତାର ଉପୋଦ୍‌ଘାତରୁ ସୂଚିତ—

"ମଦ ପିଇ ଝଡ଼ ରାତି ଗର୍ଜିଉଠେ ଥରାଇ ଆକାଶ
ସାଗରର ଢେଉ ସବୁ ଫାଟି ପଡ଼େ କୂଳର ଉରସେ
ତମସା ଉତ୍ତରୀ ଟାଣି ରାତି ରଚେ ରତିଶଯ୍ୟା ତା'ର
ବିଦ୍ୟୁତର ଘାସ ଲଭେ ଅଣଗୃଣ ବତାସେ ନମିଷେ ।" (୧୬)

---

୧୫ । ଶ୍ରୀ ଗୁରୁପ୍ରସାଦ ମହାନ୍ତି : ସମୁଦ୍ରସ୍ନାନ, 'ଅକ୍ରୂର ଉବାଚ', ପୃ. ୪୫

୧୬ । ଶ୍ରୀ ରମାକାନ୍ତ ରଥ : 'କେତେଦିନର', 'ଗରୁଡ଼', ପୃ. ୭

Digitized by srujanika@gmail.com

ଏହିଭଳି ଏକ ଅନ୍ଧକାର ତମସାଚ୍ଛନ୍ନ ନରକ୍ତ୍ର ଗବି ସାଂପ୍ରତିକ କାଳର ଅବକ୍ଷୟର ସୂଚକ । ଏ ଅବକ୍ଷୟ ଭିତରେ ଏକ ନୀଳାଭ ଝରଣା ପୃଥିବୀରେ ବହିଗ୍ଲଲିଛି । ଏ ନୀଳାଭ ଝରଣା ସବୁଜିମାମଣ୍ଡିତ ଜୀବନବୋଧ ନୁହେଁ । ଏହା ବିଷାକ୍ତ ସାପର ଗରଳର ଝରଣା । ବସ୍ତୁତଃ 'ସାପ' ଶଂସିତ କବିତାରେ ଅନ୍ୟାୟୀ, ଅନାଗ୍ରହୀ ଗୋଷ୍ଠୀର ପ୍ରତୀକ । ସାଂପ୍ରତିକ କାଳର ଏ ଅବକ୍ଷୟ ଓ ଅନ୍ୟାୟ ବିରୋଧରେ ମାନବାତ୍ମା ନିତ୍ୟନିୟତ ସଂଗ୍ରାମରତ । ଏହି ସଂଗ୍ରାମରେ ଜୟ-ପରାଜୟ ବଡ କଥା ନୁହେଁ, ବଡ଼ କଥା ହେଉଛି ସଂଗ୍ରାମ ପ୍ରତି ବିଶ୍ୱସ୍ତତା । ଏଇ ପରିପ୍ରେକ୍ଷୀରେ କବିସତ୍ତାର ସ୍ୱୀକାରୋକ୍ତି—"ଅନିବାର୍ଯ୍ୟ ଏ ମରଣ / ବିଧାଷ୍ଟନ ଏଇ ପରାଜୟ / ତଥାପି ସେ ପିଇଗ୍ଲଲେ / ନିଛ ଦେହର ନିଗାଡ଼ି ଶୋଣିତ / ଏକା ହୋଇ ସେ ହାଣୁଛି / ଦଳଦଳ ବିଶ୍ୱାସଘାତକ / ଆମ ପରି କେତେ ଭୀରୁ / ନିରାପଦେ ହେବାକୁ ଜୀବିତ / ସଂଗ୍ରାମ ଯେ ତାହା ଲାଗି / ବିଜୟର ଚରମ ମୁକୁଟ ।" (୧୭) ଚଳିତ ଦଶନ୍ଧିରେ ରମାକାନ୍ତଙ୍କ 'ଶ୍ରୀରାଧା' ଓ 'ସଚିତ୍ର ଅନ୍ଧାର'ର କେତେକ କବିତାରେ ମିଥ୍‌ର ବୃଦ୍ଧିପ୍ରାପ୍ତ କାବ୍ୟିକ ପ୍ରୟୋଗ ରହିଛି । କାଳ ଦୃଷ୍ଟିରୁ ତାହାକୁ ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରାଯିବ ।

କବି ଶରତ୍ ପ୍ରଧାନଙ୍କ 'ନଚିକେତାର ସ୍ତବ'ରେ 'ନଚିକେତା' ଉପନିଷଦ-ବର୍ଣ୍ଣିତ 'ନଚିକେତା'ର ଏକ ବିରୋଧାଭାସ । ଉପନିଷଦର ନଚିକେତା ମୃତ୍ୟୁ, ରୋଗ ଓ ଶୋକକୁ ଅତିକ୍ରମ କରି ପ୍ରଚଣ୍ଡ ସ୍ପର୍ଦ୍ଧା ପ୍ରକଟିତ କରୁଥିବାବେଳେ ଆଧୁନିକ ନଚିକେତା ଅହରହ ମୃତ୍ୟୁଶଙ୍କାରେ ଆଚ୍ଛନ୍ନ ଓ ମ୍ରିୟମାଣ ।

"ମୁଁ ଦିନେ ଭାବିଲି ଯିବି
ମହିଁଷି ଗୋଠକୁ
ମୁଁ ଦିନେ ଭେଟିବି ଭାବେ
ମହିଁଷିଆଳକୁ
ମୁଁ କିନ୍ତୁ ପାରେନି ଯାଇ—
କେମିତି ବା ଯିବି ?

୧୭ । ତତ୍ରୈବ ପୃ. ୮

ତା ପିଙ୍ଗଳ ଆଖିପତା
ତା' ଜଙ୍ଗଲି ଗୁହ
ମୋତେ ଖୁବ୍ ଡରାଇଲା ।" (୧୮)

'ମହିଁଷି' ଓ 'ମହିଁଷିଆଳ' ଶୀର୍ଷକ କବିତାରେ ଯଥାକ୍ରମେ ମୃତ୍ୟୁ ଓ ମହାକାଳର ପ୍ରତୀକ—ଯେଉଁମାନଙ୍କୁ ସମ୍ମୁଖୀନ ହେବା ପାଇଁ ସାଂପ୍ରତିକ ଜୀବନ-ଧାରୁ ନଚିକେତାର ସାହସ କୁଳାଏ ନାହିଁ । ସେଥିପାଇଁ ସେ ନିତ୍ୟନମୃତ ଧୃତନସ୍ତ ଓ ଜୀବନ୍ମୃତ ।

କବି ଶ୍ରୀ ସୌଭାଗ୍ୟ କୁମାର ମିଶ୍ରଙ୍କ 'ଖ୍ରୀସ୍ତମାସ୍ ୧୯୭୧'ରେ ମିଥ୍-ଚେତନାର ପରସର ଭିନ୍ନଧର୍ମୀ । ଚଳିତ ଶତାବ୍ଦୀର ହିଂସ୍ର ପାଶବିକ ପ୍ରବୃତ୍ତି ଓ ତହିଁରୁ ଉତ୍ତରଣ ପ୍ରୟାସ ଏହି କବିତାରେ ଆଦିଜନନୀ ଆର୍କିଟାଇପ୍ ମଧ୍ୟରେ ପ୍ରମୂର୍ତ୍ତି ।

ଆଦି-ଜନନୀ ଆର୍କିଟାଇପ୍ର ଥିମ୍ ମୃତ୍ୟୁ ଓ ପୁନର୍ଜନ୍ମ (Death and Rebirth) । ପାପପ୍ରବଣତା ମଧ୍ୟରେ ଆଧୁନିକ ମଣିଷର ନୈତିକ ମୃତ୍ୟୁ ଘଟିଚି । ଜୀବନର ଉଚ୍ଚାଙ୍ଗ ମୂଲ୍ୟବୋଧ ତା' ପାଇଁ ଅସହ୍ୟ । ଭର୍ଜିନ୍ ମେରୀଙ୍କ ନିଷ୍ପାପ ଚକ୍ଷୁଯୁଗଳର ଉତ୍ପାଟନ ମଧ୍ୟରେ ଏ ହିଂସ୍ର ପାଶବିକ ପ୍ରବୃତ୍ତି ସୂଚିତ ।

"ଦେଖିଲୁ ତ ମୁଁ ବର୍ଚ୍ଛା ଓ ବାଘ ନଖରେ
ତୋ'ର ଆଖିଟା ଛଡ଼ାଇ ଆଣି
ଫିଙ୍ଗିଦେଲି ବଜାର ମଝିରେ ।" (୧୯)

ଜୀବନର ଚିରନ୍ତନ ସୌନ୍ଦର୍ଯ୍ୟ ଓ ଶୁଚିସ୍ନିଗ୍ଧ ଆଧୁନିକ ମଣିଷ ପାଇଁ ଅନାବଶ୍ୟକ । ସେଥିପାଇଁ ସେ ସ୍ପଷ୍ଟଭାବେ ଘୋଷଣା କରେ, ହିଂସାର ସ୍ରୋତରେ ତା'ର ରକ୍ତକଣିକା ଅନୁରଞ୍ଜିତ, ହିଂସ୍ର କ୍ଷୁଧା ତା'ର ଏକମାତ୍ର ସଂପଦ, କ୍ରୋଧ ତା'ର ଜନ୍ମଗତ ଅଧିକାର ।

---

୧୮ । ଡଃ ଶରତ୍ ଚନ୍ଦ୍ର ପ୍ରଧାନ : 'ନଈ ଆଉ ମାଛ, ହଂସ ଓ ସାରସ'—'ନଚିକେତାର ସ୍ତବ' ପୃ. ୨୬

୧୯ । ଶ୍ରୀ ସୌଭାଗ୍ୟ କୁମାର ମିଶ୍ର—'ନଈପହଁରା' : ଖ୍ରୀସ୍ତମାସ ୧୯୭୧

Digitized by srujanika@gmail.com

"କ୍ଷୁଧା ଆମର
ପରଂପରାସିଦ୍ଧ ସମ୍ପତ୍ତି
ଦ୍ୱେଷ ଆମର ଜନ୍ମଗତ ଅଧିକାର
ହିଂସା ରକ୍ତର କଣିକା ।" (୨୦)

ମାନବୀୟ ମୂଲ୍ୟବୋଧର ଏ ଅଧଃପତନ ଏକ ମୃତ୍ୟୁମୁଖୀ ପରିବେଶ ସୃଷ୍ଟି କରେ । ଏ ମୃତ୍ୟୁ ଭୌତିକ (physical) ନୁହେଁ—ଆତ୍ମିକ । କିନ୍ତୁ ଆଦିଜନନୀ ଆର୍କିଟାଇପ୍‌ର ଥିମ୍ ମୃତ୍ୟୁ ପରେ ପୁନର୍ଜନ୍ମ । ଆଧୁନିକ ମଣିଷର ପାପସଚେତନତା, ଆତ୍ମଗ୍ଲାନି ଓ ଅନୁତାପ ମଧ୍ୟରେ ମାନବୀୟ ମୂଲ୍ୟବୋଧର ପୁନର୍ଜନ୍ମ ସୂଚିତ—

"ଯଦି ପାରୁ ତ ମୋର
ଡାହାଣ ଆଖି ନଷ୍ଟ କରି ଦେ'
ଶତସହସ୍ର ଉଲ୍‌କାର
ଆଗ୍ନେୟ ଶର ବିନ୍ଧି, ଯେମିତି
ମୁଁ ତୋ'ର ଶଙ୍ଖଶୁଭ୍ର ଦେହର
ଆଉ ଦେଖି ନ ପାରେ
କିବଳ୍ପ ମାଳ ପଦ୍ମ ଗହଳରେ
ତତେ ଖୋଜି ମରେ ।" (୨୧)

ବସ୍ତୁତଃ ଅନ୍ଧ ହୋଇଯିବା ପରେ କିବଳ୍ପ ମାଳ ପଦ୍ମଗହଳରେ ସେଇ ଶୁଚି-ଶୁଭ୍ର ମୂଲ୍ୟବୋଧର ଅନୁସନ୍ଧାନ ମାନବାତ୍ମାର ଉଦ୍ଧରଣ ପ୍ରୟାସକୁ ସୂଚାଇଦିଏ । କାରଣ ଏ ମିଥ୍‌ର ମୂଳ ସୂତ୍ର ହେଉଛି—ଅସତ୍‌ରୁ ସତ୍, ତମିସ୍ରାରୁ ଆଲୋକ ଓ ମୃତ୍ୟୁରୁ ଅମୃତତ୍ୱକୁ ମାନବାତ୍ମାର ଅଭିଯାତ୍ରା ।

ମୃତ୍ୟୁରୁ ଅମୃତତ୍ୱକୁ ଏ ଅଭିଯାତ୍ରା ଦୀପକ ମିଶ୍ରଙ୍କ ମିଥ୍‌ଧର୍ମୀ କବିତା 'ଜୟଦ୍ରଥ'ର ପ୍ରତିପାଦ୍ୟ ବକ୍ତବ୍ୟ । ଏ 'ଜୟଦ୍ରଥ' ଏକ ପୌରାଣିକ ଚରିତ୍ର-ବିଶେଷ ନୁହେଁ, ମାତ୍ର ଆସନ୍ନ ମୃତ୍ୟୁଶଙ୍କାରେ ମ୍ରିୟମାଣ ସାଂପ୍ରତିକ ମଣିଷ ।

---

୨୦ । ଶ୍ରୀ ସୌଭାଗ୍ୟ କୁମାର ମିଶ୍ର : 'ନଈପହଁରା', ଖ୍ରୀସ୍‌ମାସ୍ ୧୯୭୧

୨୧ । ତତ୍ରୈବ

Digitized by srujanika@gmail.com

"× × ମୁଁ ଅନୁଭବ କରେ କିଏ ଯେମିତି
ମୋ ବେକରେ ଧଳା ଆଉ କଳା ଫୁଲ
ସମାନୁପୃ ଭାବରେ ସଜାଡ଼ି
ମାଳାଟିଏ ପିନ୍ଧାଉଛି
ଏ ବୋଧେ ମୋ ନିଜ ମୃତ୍ୟୁର ସ୍ୱପ୍ନ
ଯାହା ଦିନେ ଦେଖିଥିଲି ଜୟଦ୍ରଥ ।" (୨୨)

ମଧ୍ୟଯୁଗୀୟ ପରଲୋକତତ୍ତ୍ୱ ଅନୁଯାୟୀ ଧଳା ଓ କଳା ଫୁଲର ସମନ୍ୱିତ ସ୍ୱପ୍ନ ଦେଖିଲେ ମୃତ୍ୟୁ ସଂଘଟିତ ହେବାର ଆଶଙ୍କା ଥାଏ । ଆଧୁନିକ ମଣିଷ ଜୟଦ୍ରଥ ଭଳି ମୃତ୍ୟୁଶଙ୍କାରେ ମ୍ରିୟମାଣ । କିନ୍ତୁ ପୁରାଣ ପରମ୍ପରାରେ ମୃତ୍ୟୁକୁ ପାପର ଶେଷ ପ୍ରାୟଶ୍ଚିତ୍ତ ରୂପେ ସ୍ୱୀକୃତ ଦିଆଯାଇଥିବାବେଳେ ସାଂପ୍ରତିକ ସାହିତ୍ୟଚେତନା ଏକ ଚିରନ୍ତନ ପ୍ରେମବୋଧକୁ ଶେଷ ସତ୍ୟ ରୂପେ ସ୍ୱୀକୃତ ଦିଏ । ଏ ଚିରନ୍ତନ ଚେତନା ପାଇଁ ସେ ପୁନର୍ଜନ୍ମ ଲୋଡ଼େ ।

"ମୁଁ ଯଦି ଇଚ୍ଛା କରେ ମୋ ପ୍ରେମ ଜନ୍ମ ନେଉ
ଦେବକୀ ନ ହେଉ ପଛେ ଅନ୍ୟ କେଉଁ
ବିଷାକ୍ତ ନାରୀର ଅଷ୍ଟମ ଗର୍ଭରେ ।" (୨୩)

ମୃତ୍ୟୁ ଓ ଜୀବନର ବିବର୍ତ୍ତିତ ଚକ୍ର ମଧ୍ୟରେ ପାପପୁଣ୍ୟ ଏକ ଏକ ଆପେକ୍ଷିକ ସତ୍ୟ । ସୁତରାଂ ପାପ-ପୁଣ୍ୟରେ ଜଳିତଣ୍ଡ୍ରିତ ସାଂପ୍ରତିକ ଜୟଦ୍ରଥ ପୁନର୍ଜନ୍ମ କାମନା କରେ । ଇହଜନ୍ମର ଦୁଃଖ ଓ ବେଦନାରୁ ପରିତ୍ରାଣ ପରେ ଏହି ପୁନର୍ଜନ୍ମହିଁ ତାକୁ ମୁକ୍ତି ଓ ଶାନ୍ତି ଦେବ ।

'କାୟାପ୍ରବେଶ'ରେ ଦ୍ୱାପର ଯୁଗର ବସୁଦେବଙ୍କ ମଧ୍ୟରେ ଆଧୁନିକ ମଣିଷର କାୟାପ୍ରବେଶ ଘଟିଛି । ଏ କାୟାପ୍ରବେଶ ଜୈବିକ ନୁହେଁ; ଆତ୍ମିକ । ତହିଁରେ ଆଶାର ଅପୂର୍ଣ୍ଣତା ସୂଚିତ । ତା'ର ଉତ୍ସାହ ଉଦ୍ଦୀପନା ଶେଷ, ଶକ୍ତି ସୀମାବଦ୍ଧ ।

---

୨୨ । ଶ୍ରୀ ଦୀପକ ମିଶ୍ର : ନିର୍ଜନ ନକ୍ଷତ୍ର, 'ଜୟଦ୍ରଥ', ପୃ. ୨

୨୩ । ତତ୍ରୈବ, ପୃ. ୪

କବି ଶ୍ରୀ ମିଶ୍ରଙ୍କ ମିଥ୍‌ଧର୍ମୀ କବିତା 'ପ୍ରେତାତ୍ମା'ର ଉପୋଦ୍‌ଘାତ ବେଶ୍ କାବ୍ୟଧର୍ମୀ । ଏହି କାବ୍ୟଧର୍ମୀ ଆବେଗ ଓ ଉଚ୍ଛ୍ୱାସର ଭାବକେନ୍ଦ୍ର ହେଉଛି 'ଆଖି' । ତହିଁରେ କାବ୍ୟିକ ଉତ୍କଣ୍ଠା ମଧ୍ୟ ସୁରକ୍ଷିତ—"ନୁହେଁ ସେଇ ଆଖି / ଯାହା କାମନାରେ ବିସ୍ଫାରିତ / କେଉଁ ବିଧବା ଯୁବତୀର / ନୁହେଁ ସେଇ ଆଖି / ଯାହା ସାଧନାରେ ବିଲୋକିତ / କେଉଁ ଯୋଗାଧି ଗୁରୁଙ୍କର / ନୁହେଁ ସେଇ ଆଖି / ଯାହା ସ୍ୱାର୍ଥରେ ପରିମଳ / କେଉଁ ବୟସ୍କା ପ୍ରେମିକାର ।" (୨୦)

ଏହି କାବ୍ୟିକ ଉତ୍କଣ୍ଠାର ପରିସମାପ୍ତି ହୁଏ କବିତାର ପ୍ରଥମ ସ୍ତବକର ଶେଷ ପର୍ଯ୍ୟାୟରେ—

"ସେ ଆଖି ଗୋଟିଏ ନାବାଳକ ରୁଗ୍‌ଣ ଶିଶୁର
ଯେ ଭୋଗିଛି ମୃତ୍ୟୁ ତା'ର ପିତାର ହାତରେ ।" (୨୫)

କବିତାର ପ୍ରଥମ ସ୍ତବକର ଏ କାବ୍ୟିକ ଉତ୍କଣ୍ଠା ସପ୍ତମ ସ୍ତବକରେ ଏକ ମିଥିକ୍ ଚେତନା ମଧ୍ୟରେ ଶୀର୍ଷାରୋହୀ ହୁଏ—

"କିଏ ଆସେ ଆଖି ଡୋଳା ଓଦା କରି
ଓଦା ହୁଏ ଶତ୍ରୁର ଭୟଉଦ୍ରେକକାରୀ ରାଜପୋଷାକ
× × ×
ହଁ ଅର୍ଜୁନ ତ, ଏଭଳି ନିସ୍ତବ୍ଧ କାହିଁକି,
ଏତେ ଖ୍ୟାତି ଓ ପ୍ରତିଷ୍ଠା ପରେ ।" (୨୬)

କବିତାର ଶେଷ ସ୍ତବକରେ ଏ କାରୁଣ୍ୟ ଓ ଅନ୍ତର୍ଦାହର ସ୍ୱରୂପ ସ୍ପଷ୍ଟ ହୋଇଯାଏ—

"ମନେହୁଏ ସେଇ ଦୁଇ ଆଖି
ହେଉ ସିଏ ଅଭିମନ୍ୟୁ ବା ବଭ୍ରୁବାହନର;

୨୪ । ଶ୍ରୀ ଦୀପକ ମିଶ୍ର : 'ସପ୍ତମ ପୃଥିବୀ', 'ପ୍ରେତାତ୍ମା', ପୃ. ୨୧

୨୫ । ଶ୍ରୀ ଦୀପକ ମିଶ୍ର : 'ସପ୍ତମ ପୃଥିବୀ', 'ପ୍ରେତାତ୍ମା' ପୃ. ୨୨

୨୬ । ତତ୍ରୈବ

Digitized by srujanika@gmail.com

ଜନ୍ମେଜୟର ବା ଧୃତରାଷ୍ଟ୍ରଙ୍କ ଶଙ୍କାର,
ଗାଣ୍ଡିବଶୂଆଳର ବା ରାଜଜେମାଙ୍କର
ସେଇ ଆଖି ତାକୁ କୋରି ଖାଏ
ଖାଲ କୋରି ଖାଏ
ଖାଉଥିବ ଶେଷ ଜନ୍ମ ଯାଏ ।" (୧୭)

ମନେହୁଏ ଅର୍ଜୁନ ଏଠାରେ ଚିରନ୍ତନ ପିତୃହୃଦୟର ପ୍ରତୀକ । ରୁଗ୍ଣ ଓ ମୃତ ସନ୍ତାନ ନୂତନ ମୂଲ୍ୟବୋଧର ପ୍ରତୀକ । ଯୁଦ୍ଧଗ୍ରସ୍ତ ଏ ପୃଥିବୀ ଉତ୍ସାସୁର ଭଳି ସ୍ୱୟଂ ସୃଷ୍ଟ ମୂଲ୍ୟବୋଧକୁ ଧ୍ୱଂସ କରେ । ଯୁଦ୍ଧଗ୍ରସ୍ତ ଏ ମାନବାତ୍ମା ଏଇ ପରିପ୍ରେକ୍ଷୀରେ ଏକ 'ପ୍ରେତାତ୍ମା'ରେ ରୂପାନ୍ତରିତ ।

କବି ସୌଭାଗ୍ୟ ବାରିକଙ୍କ 'ଉପଭାରତ'ରେ ମହାଭାରତର କେତେକ ଚରିତ୍ର ମଧ୍ୟରେ ମାନବ ତଥା ଯୁଗଚେତନାର ବୈଶିଷ୍ଟ୍ୟ ପ୍ରମୂର୍ତ୍ତ । ଏଠାରେ ପ୍ରସଙ୍ଗକ୍ରମେ ସୂଚାଇ ଦିଆଯାଇପାରେ ଯେ, 'ଉପଭାରତ'ର ସମସ୍ତ କବିତା ମିଥିକ୍ ନୁହେଁ । 'ଭୟ', 'ମିନତି', 'ଚକ୍ଷୁଷ୍ମାନ୍', 'କୋଟି ସୂର୍ଯ୍ୟର ଅନ୍ଧକାର' ଓ 'ଅଳି ତକ୍ଷକର' ଆଦି କବିତା 'ମହାଭାରତ'ର କେତେକ ଚରିତ୍ର ଓ ଘଟଣାର ମର୍ମବିନ୍ଦୁ ଉପରେ ଆଧାରିତ । ତହିଁରେ ଏକ ଏକ ଗଭୀର ଦାର୍ଶନିକ ଜିଜ୍ଞାସା ରହିଛି ସତ; ମାତ୍ର ତାହା ମିଥିକ୍ ନୁହେଁ । କାରଣ ସେହି ଚରିତ୍ର ଓ ଘଟଣା ଯୁଗଚେତନାର ପରିସରକୁ ଅତିକ୍ରମ କରି ସାଂପ୍ରତିକ କାଳ ସହ ଏକ ଯୋଗସୂତ୍ରରେ ଗ୍ରଥିତ ହୋଇପାରିନାହିଁ । କିନ୍ତୁ 'କୃଷ୍ଣ ଅକୃଷ୍ଣ', 'ରକ୍ତ-ନଈକୂଳେ', 'ଶରଶଯ୍ୟା' ଓ 'ପ୍ରତିଧ୍ୱନି' ଆଦି କବିତାରେ ଏକ ସ୍ୱୟଂ-ସଂପୂର୍ଣ୍ଣ ମିଥିକ୍ ଗଢ଼ଣ ରହିଛି ।

'କୃଷ୍ଣ ଅକୃଷ୍ଣ'ରେ 'କୃଷ୍ଣ' ବ୍ରହ୍ମଙ୍କର ମୂର୍ତ୍ତ ରୂପ ଓ ଅକୃଷ୍ଣ ଅମୂର୍ତ୍ତ ରୂପ । ଦେହ ଓ ଅଦେହ ମଧ୍ୟରେ ପାର୍ଥକ୍ୟର ସୀମାରେଖା ତହିଁରେ ସୁସ୍ପଷ୍ଟ—

"ଆଜି ଏହି ଅନ୍ତିମ ପ୍ରହରରେ
ଯବନିକା ପତନର ପୂର୍ବ ମୁହୂର୍ତ୍ତରେ

୧୭ । ଶ୍ରୀ ଦୀପକ ମିଶ୍ର; 'ସପ୍ତମ ପୃଥିବୀ', 'ପ୍ରେତାତ୍ମା', ପୃ. ୨୨

Digitized by srujanika@gmail.com

"... ଏ କି ଯୁଦ୍ଧ, ଏ କି ଆଲୋଡ଼ନ କୃଷ୍ଣ ଅକୃଷ୍ଣର
ଦେହ ଅଦେହର।" (୨୮)

ଏ ଯୁଦ୍ଧ, ଏ ଆଲୋଡ଼ନ ଦେହ୍ଯ ସତ୍ତା ସହ ବିଦେହ୍ଯ ସତ୍ତାର । ମାୟା ସହ ସତ୍ୟର । ମୃତ୍ୟୁ ଓ ଜୀବନର । ଯାହା ପରେ ଏକ ମହାମାରବତାର ଜନ୍ମ । ସେ ମହାମାରବତାରୁ ଏକ ନୂତନ ସୃଷ୍ଟିର ସନ୍ଦୀପନ—"ଏହା ପରେ / କେଉଁ ଯୁଗ / କେଉଁ ପାପ / କେଉଁ କୃଷ୍ଣ / କେଉଁ ଅବତାର ?" (୨୯)

ବସ୍ତୁତଃ ଯୁଗ ଓ ଜୀବନର କଲ୍ୟାଣ ପାଇଁ ବ୍ରହ୍ମଙ୍କର ଅଦେହ୍ଯ ସତ୍ତା ବାରମ୍ବାର ଧରାବତରଣ କରେ । ବିଶ୍ବର ମଙ୍ଗଳ ପାଇଁ ଆପଣାଛାଏଁ ଆପେ ପାପ ବରଣ କରେ ।

'ରକ୍ତନଈକୂଳେ'ରେ ଦୁର୍ଯ୍ୟୋଧନ ଦଗ୍‌ଧ ଏକ ନିଃସଙ୍ଗ ଅସ୍ତିତ୍ୱ । ସେଥିପାଇଁ ତା'ର ହାହୁତାଶମୟ ଅଭିବ୍ୟକ୍ତି—"ଜୀବନଟା ଖାଲି ଏକ ଶୂନ୍ୟର ଅନ୍ୱେଷା / ଶୂନ୍ୟତା କସ୍ତୁରୀ ଗନ୍ଧ / ପ୍ରତାରିତ ହେବା / ରଚିଯିବା ପରେ / କୁରୁକ୍ଷେତ୍ରର ଶ୍ମଶାନ । ରକ୍ତ ନଈ କୂଳ ପୁଣି / ଶୂନ୍ୟକୁ ଗୃହିବା ।" (୩୦)

ଏ ନିଃସଙ୍ଗତା ତଥା ଶୂନ୍ୟତାବୋଧ କବିତାର ପଞ୍ଚମ ତଥା ଶେଷ ସ୍ତବକରେ ଏକ ଦାର୍ଶନିକ ଉପସଂହାର ମଧ୍ୟରେ ପ୍ରମ୍ଳାନ ।

"ବିଚ୍ଛେଦ ହେ ପୂର୍ବ, ହେ ମହାପୂର୍ଣ୍ଣତା
କେଉଁ ଶୂନ୍ୟତାରୁ ନିଅ କେଉଁ ଶୂନ୍ୟତାକୁ
କେଉଁ ପୂର୍ଣ୍ଣତାର ଋଣ କର ପରିଶୋଧ
କେଉଁ ପ୍ରାଣ ବଞ୍ଚାଉଛ କେଉଁ ମୃତ୍ୟୁ
ପୁଣି ମରିବାକୁ ।" (୩୧)

୨୮ । ଶ୍ରୀ ସୌଭାଗ୍ୟ ବାରିକ : 'ଉପଖ୍ୟରତ', 'କୃଷ୍ଣ ଅକୃଷ୍ଣ', ପୃ. ୧୭

୨୯ । ତତ୍ରୈବ

୩୦ । ଶ୍ରୀ ସୌଭାଗ୍ୟ ବାରିକ : 'ଉପଖ୍ୟରତ', 'ରକ୍ତନଈ କୂଳେ', ପୃ. ୧୯

୩୧ । ଶ୍ରୀ ସୌଭାଗ୍ୟ ବାରିକ : 'ଉପଖ୍ୟରତ', 'ରକ୍ତନଈ କୂଳେ', ପୃ. ୧୯

Digitized by srujanika@gmail.com

'ବିଂଶପତ୍ର ପୁଷ୍ପ' ଏଠାରେ ବିଂଶପତ୍ରରେ ଶାୟିତ ବସ୍ତୁଙ୍କୁ ପ୍ରଶ୍ନାକାୟିତ କରେ—ସେ ଶୂନ୍ୟତାକୁ ପୂର୍ଣ୍ଣତାରେ, ପୁଣି ପୂର୍ଣ୍ଣତାକୁ ଶୂନ୍ୟତାରେ ରୂପାନ୍ତରିତ କରିପାରନ୍ତି । ସୁତରାଂ କବିତାର ପ୍ରଥମ ପର୍ଯ୍ୟାୟରେ ଯେଉଁ ବ୍ୟଥା ଓ ବେଦନାର ସ୍ୱର ସୃଷ୍ଟି ହୋଇଥିଲା, ସେହି ବ୍ୟଥା ଓ ବେଦନା କବିତାର ପରିସମାପ୍ତିରେ ଏକ ଦାର୍ଶନିକ ଉପଲବ୍ଧି ମଧ୍ୟରେ ଆଶ୍ୱାସନା ଲଭିଛି । ଏହି ଦାର୍ଶନିକ ଉପଲବ୍ଧି ହେଉଛି, ଜନ୍ମ-ମୃତ୍ୟୁର ବିବର୍ତ୍ତନ ଚକ୍ର, ଶୂନ୍ୟତା ଓ ପୂର୍ଣ୍ଣତାର କାୟା ପରିବର୍ତ୍ତନ ।

'ଊରୁଭଙ୍ଗ'ରେ ଧର୍ମ ଓ ଈଶ୍ୱରଙ୍କ ପ୍ରତି ଜାନ୍ତବ ଚେତନା (Id.)ର ବ୍ୟଙ୍ଗ ଓ ବିଦ୍ରୂପ ପ୍ରମୂର୍ତ୍ତ । ଧର୍ମୀୟ ମୂଲ୍ୟବୋଧ, ଆଧ୍ୟାତ୍ମିକ ଚେତନା ଏ ଜାନ୍ତବ ଚେତନାକୁ ଅପସାରିତ କରିପାରେ ନାହିଁ । ସେଥିପାଇଁ କେଉଁ ଏକ ଅସତର୍କ ମୂହୂର୍ତ୍ତରେ ସେ ମାନବଚେତନାର ଚୌହଦ୍ଦକୁ ଛୁଏଁ—"ସବୁ ଚେଷ୍ଟା ସତ୍ତ୍ୱେ ଧର୍ମ / ପାରିଲାନି ନାଶି / ଛପିଯାଇ ତା' ଭିତରେ / ତୁମକୁ ହିଁ ଭୁଆଁ ବୁଲାଇଲା ।" (୩୨)

ବସ୍ତୁତଃ ବାରମ୍ବାର ଧର୍ମଯୁଦ୍ଧ ଓ ଗୀତାର ଉଚ୍ଚାରଣ ସତ୍ତ୍ୱେ ଦୁର୍ଯ୍ୟୋଧନର ଊରୁଭଙ୍ଗ ଓ ଭୀମ ତଥା ପାର୍ଥଙ୍କର ରଣକୌଶଳ ସତ୍ତ୍ୱେ ଜାନ୍ତବ ଚେତନାର ସଞ୍ଚରଣ ଅନିବାର୍ଯ୍ୟ ।

ସୁତରାଂ ତ୍ୟାଗ ଓ ତପସ୍ୟା ଭଳି ଉଚ୍ଚତର ମାନବୀୟ ମୂଲ୍ୟବୋଧ ତା' ପାଇଁ ଅର୍ଥହୀନ । ଏଇ ପରିପ୍ରେକ୍ଷୀରେ 'ଶରଶଯ୍ୟା'ରେ ଖ୍ରୀଷ୍ଟଚରିତର ଭିନ୍ନ ରୂପ ପ୍ରକଟିତ । 'ଶରଶଯ୍ୟା'ରେ ଅତୀତର ସ୍ମୃତିଚାରଣ ତା'ର ସବୁ ଶାନ୍ତିକୁ ସଂହାରକରେ, ତୀବ୍ର ଅପୂର୍ଣ୍ଣତାବୋଧ ମଧ୍ୟରେ ଉଦ୍‌ବେଳିତ କରେ—

"ସବୁ ମନେପଡେ଼
ସ୍ମୃତିର ତୀରଠାରୁ ତୀକ୍ଷ୍ଣ ହୋଇ
ଶରଶଯ୍ୟାର ଶାନ୍ତିକୁ ସଂହରେ ।" (୩୩)

୩୨ । ଶ୍ରୀ ସୌଭାଗ୍ୟ ବାରିକ : 'ଉପସଂହାର', 'ଊରୁଭଙ୍ଗ', ପୃ. ୮

୩୩ । ଶ୍ରୀ ସୌଭାଗ୍ୟ ବାରିକ : 'ଉପସଂହାର', 'ଶରଶଯ୍ୟା', ପୃ. ୬

Digitized by srujanika@gmail.com

ଏ ସ୍ମୃତି ଓ ଅନୁଭୂତି ହେଉଛି ଦେବବ୍ରତ ସତ୍ତାର—ଯାହା ମୃତ୍ୟୁମ୍ଳାନ । ସଂସାରକୁ ଉପଲବ୍ଧି କରିବାର ପ୍ରୟାସ ତାହା ମଧ୍ୟରେ ଉଚ୍ଚକିତ— "ଶୃଙ୍ଗରାଜ ପରି ମହାନ୍ ହୋଇ / ସ୍ତୂପ ସ୍ତୂପ ବରଫ ତଳେ / ଦେବବ୍ରତଙ୍କୁ / ପୋତି ଦେଇଥିଲି / ଦେବବ୍ରତ କିନ୍ତୁ ମଲା ନାହିଁ / ତାକୁ ମାରି ପାରିଲିନି ।" (୩୪)

ସୁତରାଂ ସେ ମୃତ୍ୟୁମ୍ଳାନ ଅପୂର୍ଣ୍ଣତାବୋଧକୁ କ୍ଷମା ମାଗେ—

"ଦେବବ୍ରତ କ୍ଷମା କର ମୋତେ
ଜୀବନର ଶେଷ ମୁହୂର୍ତ୍ତରେ ଏ ବିରାଟ ଶୂନ୍ୟତା
ଶୂନ୍ୟରହିଯାଉ
ଶରଶଯ୍ୟାରେ ପଡ଼ିରହୁ ଏ ମହାନ୍ ଅପୂର୍ଣ୍ଣତା ।" (୩୫)

କବି ଶ୍ରୀମତୀ ପ୍ରତିଭା ଶତପଥୀଙ୍କ 'ଦେବକୀ'ର କ୍ୟାନ୍‌ଭାସ୍ ଏକ ଫଟା ଭୂଇଁ । ମାନବାତ୍ମା ସେଠାରେ ସଂଶୟଗ୍ରସ୍ତ । ଏ ସଂଶୟ ସନ୍ଦେହୀ, ଅତ୍ୟାଚାରୀ କଂସର । ଆପଣାର ସମ୍ଭାବ୍ୟ ମୃତ୍ୟୁଶଙ୍କାରେ ସେ ମ୍ରିୟମାଣ । ମଥୁରା ନଗରୀ କ୍ଲାନ୍ତ, ବେଦନାଗ୍ରସ୍ତ—

"କଂସର ସଂଶୟାଚ୍ଛନ୍ନ ଗୃହାଣି ଓ
ଅଭିଶପ୍ତ ସମୟର ଛାଇ
ଜଳିଯାଏ ଗଛବୃଛ, ମାଡ଼ି, ଘାସ
ଶୁଖି ଫାଟିଯାଇଥିବା ଭୂଇଁର ଆକୁଳ ଡାକ
ବର୍ଷା ଟୋପେ ପାଇଁ
× × ×
ମାଟି ମୋ କଷଣ ସହେ
ନଇଁପଡ଼େ ମଥୁରା ନଗରୀ ।" (୩୬)

---

୩୪ । ଶ୍ରୀ ସୌରୀନ୍ଦ୍ର ବାରିକ : 'ଉପଭାରତ', 'ଶରଶଯ୍ୟା', ପୃ. ୬

୩୫ । ତତ୍ରୈବ

୩୬ । ଶ୍ରୀମତୀ ପ୍ରତିଭା ଶତପଥୀ : 'ଦେବକୀ'

Digitized by srujanika@gmail.com

'ଦେବକୀ'ରେ କବି ସୀତାକାନ୍ତ ମହାପାତ୍ରଙ୍କ 'କୁବ୍ଜା ପାଇଁ ଗୋଟିଏ ସଙ୍ଗୀତ' ଓ 'ମାଟି ଓ ମଣିଷ'ର ପରୋକ୍ଷ ପଦପାତ ଶୁଣିବାକୁ ମିଳେ । 'ଦେବକୀ'ର ପ୍ରକାଶଭଙ୍ଗୀ ମଧ୍ୟ ବେଶ୍ କାବ୍ୟିକ । ଯେପରିକି—"ସମୁଦ୍ର ମନ୍ଦିରେ / କ୍ରମେ ବୁଡ଼ି ବୁଡ଼ି ଯାଉଥିବା / ବାଲି ଚରିଯାଉଥିବା ଦ୍ୱୀପ ମାତୃତ୍ୱ ମୋର ।" (୩୭) କିନ୍ତୁ—"ସେମାନେ ଝୁଣିଦେଲେ / ମୋ ରକ୍ତମାଂସ ପଳ ପଳ / ସଫଳ ବିନମାନଙ୍କୁ / ମହାମୂଲ୍ୟ ସମ୍ପଦକୁ / ନାଶିଭିକୁ ମୋର / ଚିକି ଚିକି ଛିଣ୍ଡାଇଲେ / ଫିଙ୍ଗିଦେଲେ ମାଟିରେ ଧୂଳିରେ ।" (୩୮) ପଂକ୍ତି କାବ୍ୟିକ ସୌକୁମାର୍ଯ୍ୟମଣ୍ଡିତ ହୋଇ-ଥିବାଭଳି ମନେହୁଏନାହିଁ ।

'ଦେବକୀ'ରେ 'ଆଦ୍ୟଜନନୀ' ଆର୍କିଟାଇପ୍‌ର ପ୍ରୟୋଗ ଲକ୍ଷ୍ୟ କରାଯାଏ । ଆଦ୍ୟଜନନୀ ଆର୍କିଟାଇପ୍‌ର ଥିମ୍ ମୃତ୍ୟୁ ଓ ପୁନର୍ଜନ୍ମ (Death and Rebirth), 'ଦେବକୀ'ରେ କିନ୍ତୁ କେବଳ ମୃତ୍ୟୁର ସଞ୍ଚରଣ । କାରଣ ସମସ୍ତ ସେଠାରେ ଅଭିଶପ୍ତ, ପୌରୁଷ ଅପହୃତ, ମାତୃତ୍ୱ ନିର୍ଯାତିତ । ବସୁଦେବ ଓ ଦେବକୀ ଏଠାରେ ଅପହୃତ ପୌରୁଷ ଓ ନିର୍ଯାତିତ ମାତୃତ୍ୱର ପ୍ରତୀକ—"ବିଷାକ୍ତ ମାକଡ଼ସାର ଜାଲରେ / ରୁଦ୍ଧ ରହିବା ବନ୍ଦୀରାଏ ଘର / ସମୁଦ୍ର ମନ୍ଦିରେ / କ୍ରମେ ବୁଡ଼ି ବୁଡ଼ି ଯାଉଥିବା / ବାଲି ଚରିଯାଉଥିବା ଦ୍ୱୀପ / ମାତୃତ୍ୱ ମୋର / ବିଚରା ବସୁଦେବଙ୍କ ଆସ୍ଫାଳନ ପରେ ପରେ / ଆପଣାକୁ ଧିକ୍କାରିବା / ନିଜ ହାତେ କେଶ ଛିଣ୍ଡାଇବା / ଏସବୁ ତ ନିତିଦିନ କଥା ।" (୩୯)

ଏହିଭଳି ଏକ ଅବକ୍ଷୟଗ୍ରସ୍ତ ପରିବେଶ ମଧ୍ୟରେ ଦେବକୀ ଅଷ୍ଟମ ଗର୍ଭର ସନ୍ତାନ ଶ୍ରୀକୃଷ୍ଣଙ୍କ ପାଇଁ ପ୍ରତୀକ୍ଷମାଣା । କିନ୍ତୁ କବିତାର ଉପସଂହାର ପର୍ଯ୍ୟନ୍ତ ସେ ନୂତନ ସୃଷ୍ଟି ଓ ସମ୍ଭାବନା ଅନାଗତ । ଏଇ ପରିପ୍ରେକ୍ଷୀରେ ଏକ ତୀବ୍ର ବ୍ୟଥା ବେଦନା ଓ ବିଷାଦବୋଧ କବିତାର ପ୍ରାରମ୍ଭରୁ ପରିଣତି ପର୍ଯ୍ୟନ୍ତ ପ୍ରଲମ୍ବିତ ।

ଚଳିତ ଦଶନ୍ଧିରେ ରମାକାନ୍ତଙ୍କ ମିଥ୍‌ଧର୍ମୀ କବିତା 'ଶ୍ରୀରାଧା' ଓ 'ସପ୍ତମ ଅଧ୍ୟାୟ' ଗୀତିଗୁଚ୍ଛ ସଂକଳନର 'ଦୁର୍ଗା' ଶୀର୍ଷକ କବିତାରେ ମିଥ୍‌ର ପ୍ରତିଭା-ଦୀପ୍ତ କାବ୍ୟିକ ପ୍ରୟୋଗ ଲକ୍ଷ୍ୟକରାଯାଏ ।

---

୩୭ । ଶ୍ରୀମତୀ ପ୍ରତିଭା ଶତପଥୀ : 'ଦେବକୀ'

୩୮ । ତତ୍ରୈବ,   ୩୯ । ତତ୍ରୈବ

Digitized by srujanika@gmail.com

'ଶ୍ରୀରାଧା' କବି ସୀତାକାନ୍ତ ମହାପାତ୍ରଙ୍କ 'ପରକୀୟା'ର ଏକ ଆପାତ ସମାନ୍ତରାଳ ସୃଷ୍ଟି । ଆପାତ 'ସମାନ୍ତରାଳ ସୃଷ୍ଟି' କହିବାର ତାତ୍ପର୍ଯ୍ୟ ଉଭୟର ନାୟିକା 'ଶ୍ରୀରାଧା' । କିନ୍ତୁ ସୀତାକାନ୍ତଙ୍କ ଭାଷାରେ—'ପରକୀୟା, ମୃତ୍ୟୁ ଓ ଜୀବନ ମଧ୍ୟରେ, ଏକ ଟେନ୍‌ସନ୍‌ର ସ୍ୱର ।" (୪୦) ଏହାର ଭାବାବବୋଧ ଏକ ଶାଶ୍ୱତ ଦୁଃଖ ଓ ବିଷାଦବୋଧ । ମୃତ୍ୟୁ ସେଠାରେ ରବୀନ୍ଦ୍ରନାଥଙ୍କ ଭାଷାରେ 'ଶ୍ୟାମ ସମାନ' ନୁହେଁ । ମୃତ୍ୟୁ ବଡ଼ ଦୁଃଖଦ, ଭୀଭତ୍ସ, ନିଷ୍ଠୁର । ସମାନ୍ତରାଳଭାବେ ଜୀବନ ମଧ୍ୟ ବଡ଼ ଶୋକାବହ । ମୃତ୍ୟୁର ଦୁଃଖଦ ଆବେଶରୁ ଜୀବନ ପରିଧିକୁ ପ୍ରତ୍ୟାବର୍ତ୍ତନ କାବ୍ୟନାୟିକାର ସ୍ୱେଚ୍ଛାକୃତ ନୁହେଁ । ନାୟିକା ଜୀବନର ଅସୁନ୍ଦରତାକୁ ଜାଣି ମଧ୍ୟ ଜୀବନ-ପରିଧିକୁ ଫେରିଆସେ—ଯେହେତୁ ଏଇ ଫେରିବା ବ୍ୟତୀତ ତା'ର ଗତ୍ୟନ୍ତର ନାହିଁ । 'ପରକୀୟା' ଆଧୁନିକ ଜୀବନର ଏକ ବ୍ୟଙ୍ଗ ଭାଷ୍ୟ । 'ଶ୍ରୀରାଧା'ରେ ଜୀବନ ଓ ପ୍ରଣୟର ଝଲକ ତଥା ମୃତ୍ୟୁରେ ଅମୃତର ଆସ୍ୱାଦ ସୂଚିତ । ଆଧୁନିକ ବ୍ୟକ୍ତିମାନସର ଆଧ୍ୟାତ୍ମିକ ଜିଜ୍ଞାସା ମଧ୍ୟରେ ଆତ୍ମାର ଅଭୀପ୍‌ସା ଓ ଭାଗବତ ପରମ୍ପରାର ଏକ ଭାଷ୍ୟ । ପ୍ରେମ ଓ ମୃତ୍ୟୁ ତହିଁରେ ଯୁଗପତ୍ ପ୍ରସାରିତ । ମୃତ୍ୟୁ ପୂର୍ବବର୍ତ୍ତୀ କାବ୍ୟଚେତନା ଭଳି ଏଠାରେ ଭୟଙ୍କର ନୁହେଁ, ଶ୍ଳାଘ୍ୟ । ମୃତ୍ୟୁର ଏ ଅନୁଭୂତିରେ କୀଟ୍‌ସ୍‌ଙ୍କ ରୋମାଣ୍ଟିକ୍ କାମନାର ସ୍ୱର ସୁସ୍ପଷ୍ଟ ।

'ସବିନ ଅନ୍ଧାର'ର 'ଦୁର୍ଗା'ରେ ଏକ ପରସ୍ପର ବିପରୀତଧର୍ମୀ କାବ୍ୟ-ଜିଜ୍ଞାସାର ପରିଚୟ ମିଳେ । ଏକ ପକ୍ଷରେ ଅସତ୍ୟ, ଅନ୍ଧକାର, ପକ୍ଷାନ୍ତରେ ସତ୍ୟ ଓ ଆଲୋକ । ଜଣେ ମହିଷାସୁର, ଅନ୍ୟ ଜଣେ ଦୁର୍ଗା—ଦୁଇ ମାନବୀୟ ପ୍ରବୃତ୍ତି । ଜଣେ ମାନବ-ସଭ୍ୟତାର ଅବକ୍ଷୟକାରୀ, ଅନ୍ୟ ଜଣେ ସୃଷ୍ଟିଶୀଳ ଜୀବନର ପ୍ରତୀକ ।

ଏକ ଦୁରନ୍ତ ପ୍ରତିକୂଳ ପରିବେଶ ମଧ୍ୟରେ ମାନବ ସଭ୍ୟତା ଚିରକାଳ ଯୂପକାଠରେ ବନ୍ଦୀ । ମାନବୀୟ ମୂଲ୍ୟବୋଧ ତା'ର ଅଶ୍ୱମେଧ ଯଜ୍ଞରେ ଆହୁତ । କବି ବ୍ରଜେନ୍ଦ୍ର ପଣ୍ଡାଙ୍କର 'ଯୌକାଠରେ ଚିରକାଳ' ସଙ୍କଳନର 'ଅଶ୍ୱମେଧ' ଶୀର୍ଷକ କବିତାରେ ମାନବାତ୍ମାର ଏ କରୁଣାୟ ପରିଣତି,

୪୦ । କବିତା ବିଷୟରେ କଥାବାର୍ତ୍ତା : ସମାବେଶ, ମାର୍ଚ୍ଚ ୧୯୮୩, ପୃ. ୭୫

Digitized by srujanika@gmail.com

ପ୍ରଶ୍ନାତ୍ମକ ସ୍ୱରରେ ସୂଚିତ । ଶଂସିତ ମିଥିକ୍ କବିତାଟି ଏକ ଦ୍ୱି-ପାର୍ଶ୍ୱିକ (bi-dimensional) ଚେତନା ମଧ୍ୟରେ ବିବର୍ତ୍ତିତ । ସେଥିପାଇଁ ଭୌତିକ ପ୍ରାଚୁର୍ଯ୍ୟ ଭିତରେ ମଧ୍ୟ ସେ ପ୍ରତୀକ୍ଷା କରେ ଏକ ସୃଜନଶୀଳ, ସବୁଜିମା-ମଣ୍ଡିତ ଜୀବନକୁ । "ଓଠ ଲମ୍ବେଇ ଦିଏ ସୁଦୂର ହ୍ରଦର ମିଠା ପାଣି ଆଡ଼େ । ଘାସଫୁଲ ମଥାନାଡ଼େ । ଆକାଶ ତଳେଇ ଆସେ । ଦିଗନ୍ତ ପାଖେଇ ଆସେ ।" (୪୧)

କିନ୍ତୁ ସୁଦୂର ହ୍ରଦର ମିଠା ପାଣି, ଘାସଫୁଲ, ଆକାଶ ଓ ଦିଗନ୍ତକୁ ଛୁଇଁବା ପୂର୍ବରୁ ହିଁ ସେ ସେଇ ଚୌକାଠରେ ଚିରକାଳ ବନ୍ଦୀ ହୁଏ । ଅସ୍ତାବଳ ହୁଏ ତା'ର ସାମ୍ରାଜ୍ୟ ।

ଅସ୍ତାବଳ ମୋର ସାମ୍ରାଜ୍ୟ
ସାମ୍ରାଜ୍ୟ ମୋର ଅସ୍ତାବଳ ।
ଫଜେର୍ର ଫାଟେ × × ×
ଘୋଡ଼ାମୁହାଁ ଉତ୍ତରାଧିକାରୀ
ହିନ୍ହିନୋଉଥାଏ, ହିନ୍ହିନୋଉଥାଏ ।" (୪୨)

ଦିଗ୍‌ବିଜୟ ପାଇଁ ଉଦ୍‌ଗ୍ରୀବ ମାନବାତ୍ମାର 'ଘୋଡ଼ାଶାଳ', ପକ୍ଷାନ୍ତରେ ସୀମିତ ପୃଥିବୀରେ ବନ୍ଦୀ ହେବାର ପରିଣତି ଯେଉଁଭଳି ଦୁଃଖାବହ, ତା'ର ଉତ୍ତରଦାୟାଦ ଉତ୍ତରପୁରୁଷର ଅନୁରୂପ ପରିଣତି ତାହାଠାରୁ ଅଧିକ ବ୍ୟଥା ଓ ବେଦନା-ଜର୍ଜରିତ । ଶଂସିତ କବିତାରେ ମାନବାତ୍ମାର ଏ ଦ୍ୱୟୀଭୂତ ବିପର୍ଯ୍ୟୟ ଆପାତତଃ ଏକ ନୈରାଶ୍ୟବାଦୀ ଚିନ୍ତା ଓ ଚେତନାକୁ ପ୍ରମୂର୍ତ୍ତ କରୁଥିବା ଭଳି ମନେହୁଏ । କିନ୍ତୁ ଏ ବିପର୍ଯ୍ୟୟ ମଧ୍ୟରେ ମାନବାତ୍ମାର ମୁକ୍ତି ପାଇଁ ଏକ ଆଶା ଓ ଅଭୀପ୍‌ସା ଧ୍ୱନ୍ୟାତ୍ମକ ସ୍ୱରରେ ସୂଚିତ ।

---

୪୧ । ଶ୍ରୀ ରାଜେନ୍ଦ୍ର କିଶୋର ପଣ୍ଡା : 'ଚୌକାଠରେ ଚିରକାଳ', 'ଅଶ୍ୱମେଧ', ପୃ. ୧୦

୪୨ । ଶ୍ରୀ ରାଜେନ୍ଦ୍ର କିଶୋର ପଣ୍ଡା : 'ଚୌକାଠରେ ଚିରକାଳ', 'ଅଶ୍ୱମେଧ', ପୃ. ୧୦

Digitized by srujanika@gmail.com

'ଶୈଳକଳ୍ପ'ର 'ଜରତା'ରେ ଜରତା ଏକ ବାରନାରୀ ନୁହେଁ; ମାତ୍ର ସେ ଶାକମ୍ଭରୀ ଦେବୀଙ୍କର ପ୍ରତୀକ । ପ୍ରାକ୍ ବୈଦିକ ଦ୍ରାବିଡ଼ ସଭ୍ୟତାରେ ଶାକମ୍ଭରୀ ଶସ୍ୟର ଦେବୀ । ଜରତା ଅନୁରୂପ ଭାବେ ଋଷ୍ୟଶୃଙ୍ଗଙ୍କୁ ଆଣି ଅଙ୍ଗ ରାଜ୍ୟକୁ ଶସ୍ୟଶ୍ୟାମଳମାମଣ୍ଡିତ କରିଚନ୍ତି ।

"ତୋରି ଇଙ୍ଗିତରେ ଆଖି
ଆକାଶକୁ ଟେକ ହୋଇଗଲା ତ
ଏଇ ଯେ ଶ୍ରାବଣ ଝରିପଡ଼ୁଛି ବୈଶାଖରେ,
× × × ×
ପ୍ଳାବିତ କରିଦଉଚି
ଅଙ୍ଗଦେଶ, ଅଖିଳ ଲୋକ
ତୋଠୁ ଉଦ୍‌ଭୂତ ଶାକ ଶସ୍ୟ ସବୁଜିମାରେ
ଭରିଯାଉଚି ଭୁବନ ଭୁବନ ଶାକମ୍ଭରୀ !" (୪୩)

'ଜରତା' ଏଠାରେ ଆଦି ଜନନୀ ଆର୍କିଟାଇପ୍ । 'ଅଙ୍ଗ ଦେଶ' ନିଖିଳ ବିଶ୍ୱର ପ୍ରତୀକ । ଏହାର ଥିମ୍ ହେଉଚି ମୃତ୍ୟୁ ଓ ପୁନର୍ଜନ୍ମ ।

'ସତ୍ୟ ଆମ୍ବ', 'ମହାଭାରତ'ର 'ସତ୍ୟାମ୍ବ ଉପାଖ୍ୟାନ' ପ୍ରତି ଏକ ଶାଣିତ ଆହ୍ୱାନ । କାରଣ ଜୀବନ-ଦେବତା ନିକଟରେ ସତ୍ୟ-ମିଥ୍ୟାର ଭେଦ ଗୌଣ, ଆପାତଃ । ଜୀବନ-ଦେବତା ସ୍ୱୟଂ ମାୟାବିଧୃତ କଳେବର । ସତ୍ ଓ ଅସତ୍ ଚେତନାର ମୂର୍ତ୍ତିମାନ ବିଗ୍ରହ—

"ଆଉ କେଉଁ ସତ୍ୟ ଆମ୍ବ ?
ମୁଁ ଯେ ମାୟା ବୃକ୍ଷ ।
ମୁଁ ସତ୍ୟ, ମୁଁ ଇ ସ୍ୱୟଂ ମିଥ୍ୟା ।" (୪୪)

ବସ୍ତୁତଃ, ସତ୍ୟ ଓ ମିଥ୍ୟାର ଊର୍ଦ୍ଧ୍ୱରେ ଜୀବନର ଏକ ନିଜସ୍ୱ ସ୍ୱାଦ ରହିଚି । ଅନୁକଂପା ନୁହେଁ, ଅନୁରାଗ ହିଁ ତା'ର ଲକ୍ଷ୍ୟ---"ସତ୍ୟ ଆମ୍ବ : ସାଦା ଆମ୍ବ । ଅସ୍କନ୍ଦବନର ଆମ୍ବ : ଗାଆଁ ତୋଟା ଆମ୍ବ । ଏଇ ଭେଦ ତ ।

୪୩ । ଶ୍ରୀ ରାଜେନ୍ଦ୍ର କିଶୋର ପଣ୍ଡା : 'ଶୈଳକଳ୍ପ', 'ଜରତା' ପୃ ୨୧

୪୪ । ଶ୍ରୀ ରାଜେନ୍ଦ୍ର କିଶୋର ପଣ୍ଡା : 'ଶୈଳକଳ୍ପ', 'ସତ୍ୟ ଆମ୍ବ' ପୃ. ୪୪

Digitized by srujanika@gmail.com

ଫରକ ଆଣେନା ସୁଆଦରେ / ଗୁମର ମୋର / ଅନୁକଂପାରେ ନାଇଁରେ ପିଲଏ / ଅଛୁ ଡମର ଅନୁରାଗରେ ।" (୪୫)

ଶଂସିତ କବିତାରେ ବସ୍ତୁନିଷ୍ଠ ନୈତିକତା (Objective Morality) ପରିବର୍ତ୍ତେ ଏକ ନବ ନୈତିକତାବାଦ (Neomoralism)ର ସ୍ୱର ସୁସ୍ପଷ୍ଟ ।

ଆଧୁନିକ ଓଡ଼ିଆ ମିଥ୍‌ଧର୍ମୀ କବିତା ପରଂପରାର ଏହା ଏକ ସାମଗ୍ରିକ ଭାଷ୍ୟ ନୁହେଁ, ଏକ ବିହଙ୍ଗାବଲୋକନ ମାତ୍ର । ଏହି କବିତା ପରଂପରାରେ ଭାରତୀୟ ସଭ୍ୟତା ଓ ସଂସ୍କୃତି ପ୍ରତି ବିଶ୍ୱସ୍ତତା ପ୍ରକଟିତ ହୋଇଛି । ବସ୍ତୁତଃ ଏ ବିଶ୍ୱସ୍ତତାବୋଧର ଜଣେ ବିଶିଷ୍ଟ ରୂପକାର ହେଉଛନ୍ତି କବି ସୀତାକାନ୍ତ ମହାପାତ୍ର । ସୁତରାଂ କବି ଶ୍ରୀ ମହାପାତ୍ରଙ୍କ ମିଥ୍‌ଧର୍ମୀ କବିତା ସମ୍ପର୍କରେ ଏକ ସ୍ୱତନ୍ତ୍ର ପରିଚ୍ଛେଦରେ ଆଲୋଚନା କରାଯାଉଛି ।

□□□

---

୪୫ । ଶ୍ରୀ ରାଜେନ୍ଦ୍ର କିଶୋର ପଣ୍ଡା 'ଶୈଳକଳ୍ପ', 'ସତ୍ୟ ଆତ୍ମ' ପୃ. ୪୫

Digitized by srujanika@gmail.com

ଚତୁର୍ଥ ପରିଚ୍ଛେଦ

ସୀତାକାନ୍ତ ମହାପାତ୍ରଙ୍କ କବିତାରେ ମିଥ୍ ପ୍ରୟୋଗର ବୈଶିଷ୍ଟ୍ୟ

ଆଧୁନିକ ଓଡ଼ିଆ କବିତା ପରଂପରାରେ ଜଣେ ସଂସ୍କୃତି ସଚେତନ ଶିଳ୍ପୀ-ଭାବେ, କବି ସୀତାକାନ୍ତ ମହାପାତ୍ରଙ୍କର ଭୂମିକା ଉଲ୍ଲେଖଯୋଗ୍ୟ । ଏହି ସଂସ୍କୃତି ସଚେତନାର ପୃଷ୍ଠପଟରେ କବିଙ୍କ ମିଥ୍‌ଧର୍ମୀ କବିତାଗୁଚ୍ଛର ଅବଦାନ ଅବିସ୍ମରଣୀୟ । ମିଥ୍ ମାଧ୍ୟମରେ ଅତୀତର ସଭ୍ୟତା ଓ ସଂସ୍କୃତି ପରଂପରାର ସେ ପୁନର୍ମୂଲ୍ୟାୟନ କରନ୍ତି । ବସ୍ତୁତଃ, ସାଂପ୍ରତିକ ସଭ୍ୟତା ଓ ସଂସ୍କୃତି ବିଜ୍ଞାନ ଓ ଟେକ୍‌ନୋଲଜିର ପ୍ରଚଣ୍ଡ ବିସ୍ଫୋରଣ ମଧ୍ୟ ଦେଇ ଗତି କରୁଛି । ତାହା ମଧ୍ୟରେ ଯୁଗ ଓ ଜୀବନର ଗୃହାଣି ଓ ଚଳଣିର ବ୍ୟାପକ ରୂପାନ୍ତର ଘଟିଛି । ମଣିଷର ଆଧ୍ୟାତ୍ମିକ ଚେତନା ଆଜି ଖଣ୍ଡିତ । ଈଶ୍ୱରଙ୍କୁ ସେ ଉପାସନା କରୁଥିଲେ ମଧ୍ୟ, ତାଙ୍କର ସ୍ଥିତି ଓ ଶକ୍ତି ସଂପର୍କରେ ସନ୍ଦିଗ୍ଧ । ଅସ୍ତିତ୍ୱବାଦ (existencialism) ଓ ଅତିବାସ୍ତବବାଦ (Sur-realism), ଏଇ ପରିପ୍ରେକ୍ଷୀରେ ଅତି ସ୍ପଷ୍ଟଭାବେ ଈଶ୍ୱରଙ୍କ ସ୍ଥିତି ବିରୋଧରେ ଆହ୍ୱାନ ଦେଇଛି । ମାନବ ସଭ୍ୟତା ତା'ର ଐତିହ୍ୟ ଓ ସଂସ୍କୃତିରୁ ବିଚ୍ଛିନ୍ନ ହୋଇ-ପଡ଼ିଛି । ଅଥଚ ଅନ୍ୟ ଏକ ପ୍ରଗତିଶୀଳ ସଭ୍ୟତା ଓ ସଂସ୍କୃତିର ଗଠନ ପାଇଁ ସେ ସମର୍ଥ ହୋଇପାରି ନାହିଁ । ତୀବ୍ର ସଂକଟ ମଧ୍ୟରେ ଗତି କରୁଥିବା ଏ ସଭ୍ୟତା ଓ ସଂସ୍କୃତିର ସ୍ୱରୂପ ବଡ଼ ଦୟନୀୟ । ସେ ସ୍ୱୟଂ 'ରାମାୟଣ'ର 'ତ୍ରିଶଙ୍କୁ' ଅଥବା ସଲ୍‌ବେଲୋଙ୍କର 'ଦୋଳାୟମାନ ମାନବ' (Dangling Man)ରେ ରୂପାନ୍ତରିତ । କାରଣ ଐତିହ୍ୟ ଓ ସଂସ୍କୃତି ପରଂପରାରୁ ବିଚ୍ଛିନ୍ନ କୌଣସି ଜାତି ବା ବ୍ୟକ୍ତିର ଉତ୍ତରଣ ସମ୍ଭବ ନୁହେଁ । ମିଥ୍ ଏଇ କ୍ଷେତ୍ରରେ ଏକ ସଂଯୋଜକ ସେତୁର ଭୂମିକା ଗ୍ରହଣ କରିପାରେ । ସୁତରାଂ ବିଶ୍ୱ ସାହିତ୍ୟ ପରମ୍ପରାରେ, ଏଇ ପରିପ୍ରେକ୍ଷୀରେ ସଭ୍ୟତା ଓ ସଂସ୍କୃତିର ପୁନର୍ମୂଲ୍ୟାୟନ ପାଇଁ ମିଥ୍ ଚେତନା (Myth consciousness)ର ସୂତ୍ରପାତ ଘଟିଛି ।

Digitized by srujanika@gmail.com

ସୀତାକାନ୍ତ ମହାପାତ୍ର କେବଳ ଜଣେ କବି ନୁହନ୍ତି, ଜଣେ ବହୁଶାସ୍ତ୍ରଦର୍ଶୀ ଗବେଷକ ମଧ୍ୟ । ନୃତତ୍ତ୍ୱ ଓ ସମାଜତତ୍ତ୍ୱଠାରୁ ଆରମ୍ଭ କରି ବିଶ୍ୱସାହିତ୍ୟର ଆଧୁନିକତମ ଚିନ୍ତାଧାରା ସହ ସେ ପରିଚିତ । ସୁତରାଂ ସ୍ୱକୀୟ କାବ୍ୟ ପରଂପରାରେ ବିଶ୍ୱସାହିତ୍ୟର ଏହି ବଳିଷ୍ଠ ବିଭାବ—ମିଥ୍ ଚେତନାକୁ ସେ ପ୍ରମୂର୍ତ୍ତ କରିଚନ୍ତି । କିନ୍ତୁ ତାଙ୍କର ମିଥ୍ ଚେତନା ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତିରୁ ଆହୃତ ନୁହେଁ, ସବିଶେଷ ମୌଳିକ, ପ୍ରାଚ୍ୟ ଭାରତୀୟ ସଭ୍ୟତା ଓ ସଂସ୍କୃତି ସହ ସଂପୃକ୍ତ । ଏ ସଂପର୍କରେ ତାଙ୍କର ନିଜସ୍ୱ ସ୍ୱୀକାରୋକ୍ତି—"ମୁଁ ଭାବେ, ମୋ ଉପରେ ସବୁଠୁ ଗଭୀର ପ୍ରଭାବ ଆମରି ଏଠାକାର ଭକ୍ତ କବି-ମାନଙ୍କର । ଏପରି କବି ହେଲେ ସାରଳା ଦାସ ଓ ଜଗନ୍ନାଥ ଦାସ × × ମୁଁ ଭାବୁଚି ପାଶ୍ଚାତ୍ୟ ଲେଖକମାନେ ମୋ ସୃଜନାତ୍ମକ ବ୍ୟକ୍ତିତ୍ୱ ଉପରେ କୌଣସି ପ୍ରଭାବ ପକେଇନାହାନ୍ତି ।" (୧)

ସୀତାକାନ୍ତଙ୍କ ମିଥ୍‌ଧର୍ମୀ କବିତାର ମୂଳ ଉତ୍ସ ହେଉଚି 'ରାମାୟଣ', 'ମହାଭାରତ' ଓ 'ଶ୍ରୀମଦ୍‌ଭାଗବତ' । 'ଅଷ୍ଟପଦୀ' କାବ୍ୟ ଗ୍ରନ୍ଥର 'ନିଃଶଙ୍କୁର ମଧ୍ୟସ୍ୱର୍ଗ'ରେ 'ରାମାୟଣ'ର ମିଥ୍ ପ୍ରତିଫଳିତ । 'ଜାରାଶବରର ସଙ୍ଗୀତ', 'ଦୁର୍ଯୋଧନ', 'ଯୁଧିଷ୍ଠିର', 'ବିସ୍ତର ଦର୍ପଣରେ ସୂର୍ଯ୍ୟାସ୍ତ' (ଦୀପ୍ତି ଓ ଦ୍ୟୁତି), 'ମୃତ୍ୟୁ ନାଚ', 'ସ୍ତନନ୍ଧୟର ଉପକଥା', 'ରକ୍ତନଦୀ ସନ୍ତରଣ ପରେ', 'ମାଟି ଓ ମଣିଷ' ('ଅଷ୍ଟପଦୀ'), 'କୁରୁକ୍ଷେତ୍ର', 'ଶରଶଯ୍ୟା', 'ଅଭିମନ୍ୟୁ' ('ଶବ୍ଦର ଆକାଶ') 'ମହାଭାରତ'ର ମିଥ୍ ଉପରେ ଆଧାରିତ । 'ସହରରେ ଗ୍ରୀଷ୍ମ' (ଦୀପ୍ତି ଓ ଦ୍ୟୁତି), 'କୁବୁଜା ପାଇଁ ଗୋଟିଏ ସଙ୍ଗୀତ' ('ଅଷ୍ଟପଦୀ') 'ସୂର୍ଯ୍ୟ ପୂଜା' (ସମୁଦ୍ର), 'ତକ୍ଷକ' ଓ 'ଆରଣ୍ୟକ' ('ଆରଣ୍ୟକ')ରେ 'ଶ୍ରୀମଦ୍‌ଭାଗବତ'ର ମିଥ୍ ପ୍ରଯୁକ୍ତ । ଏହା ସହ ଉତ୍ପାଦିକା ଶକ୍ତି ସଂପର୍କିତ ତଥା କର୍ମାନୁଷ୍ଠାନ ଭିତ୍ତିକ (Fertility Ritual) ମିଥ୍ ଚେତନାରେ ଅଷ୍ଟ୍ରୋଏସିଏଟିକ୍ ସଂପ୍ରଦାୟର ବିଶ୍ୱାସବୋଧ ପ୍ରମୂର୍ତ୍ତ । ଏହି ମିଥ୍ ପ୍ରୟୋଗର ପୃଷ୍ଠପଟରେ ରହିଚି କାଳର ଅବକ୍ଷୟରୁ ଉତ୍ତରଣ ପ୍ରୟାସ । 'ଦୀପ୍ତି ଓ ଦ୍ୟୁତି' (୧୯୬୩)ରୁ 'ଆରଣ୍ୟକ' ପର୍ଯ୍ୟନ୍ତ ଦୃଷ୍ଟି ସଂପ୍ରସାରିତ କଲେ ଏହି ଉତ୍ତରଣ ପ୍ରୟାସର ସ୍ୱର ଓ ସ୍ୱାକ୍ଷର ସ୍ପଷ୍ଟ ହୁଏ ।

---

୧ । କବିତା ବିଷୟରେ କଥାବାର୍ତ୍ତା : ସମାବେଶ, ମାର୍ଚ୍ଚ ୧୯୮୩, ପୃ. ୭୬

Digitized by srujanika@gmail.com

'ଦୀପ୍ତି ଓ ଦ୍ୟୁତି'ର ମିଥ୍ ଚେତନାରେ ସ୍ୱାଭିମାନୀ ମାନବାତ୍ମାର ଅଙ୍ଗୀକାର—

'ଦୀପ୍ତି ଓ ଦ୍ୟୁତି'ରେ ସଙ୍କଳିତ ହୋଇଥିବା ମିଥ୍‌ଧର୍ମୀ କବିତା ଗୁଚ୍ଛରେ ଏକ ସ୍ୱାଭିମାନୀ ମାନବାତ୍ମାର ସ୍ୱଚ୍ଛ ଅଙ୍ଗୀକାରବୋଧ ପ୍ରମୂର୍ତ୍ତ । 'ଜାରାଶବରର ସଙ୍ଗୀତ'ରେ ଜାରାଶବରର ସଙ୍ଗୀତ ଯଥାର୍ଥତଃ ମାନବାତ୍ମାର ଜୀବନ ସଙ୍ଗୀତ । ଏ ଜୀବନ ସଙ୍ଗୀତରେ ମାନବାତ୍ମା ସ୍ୱକୀୟ ମୁକ୍ତି ପରିବର୍ତ୍ତେ ବିଶ୍ୱାଧୀଶ ବ୍ରହ୍ମଙ୍କୁ ପ୍ରମୁକ୍ତି ଦେବାର ଅଭିଳାଷ ପୋଷଣ କରେ—

"ହେ ମାୟାବୀ ବିଶ୍ୱରୂପ ଖାଲି ମୋର ଏତିକ ମିନତି
ଯୁଗେ ଯୁଗେ ଶର ମୋର ଦେଉ ତୋତେ
ତୋ ଆପଣା ଛଳନାରୁ ତଡ଼େଇ ମୁକତି ।" (୨)

ଭାରତୀୟ ପୁରାଣ ପରମ୍ପରାରେ ଭଗବାନଙ୍କର ଦ୍ୱିବିଧ ରୂପ ପରିଲକ୍ଷିତ । ବୈକୁଣ୍ଠରେ ତାଙ୍କର ମାୟାରହିତ କଳେବର ଧରାବତରଣ କାଳରେ ମାୟାବିଧୃତ ହୁଏ । ଭକ୍ତର ମୁକ୍ତି ପାଇଁ ଏ ମାୟାବିଧୃତି । ଶଂମିତ କବିତାରେ କିନ୍ତୁ ଭକ୍ତ ଜାରା ସ୍ୱକୀୟ ମୁକ୍ତି କାମନା କରେନାହିଁ—ପକ୍ଷାନ୍ତରେ ଦୁଃଖ ଓ ଦାବଦାହକୁ ଜୀବନର ସ୍ୱାଭାବିକ ସତ୍ୟରୂପେ ସେ ଗ୍ରହଣ କରିନିଏ । 'ଉପନିଷଦ'ର ନଚିକେତା ଭଳି ସେ "ଜାଣିବାକୁ ମାଗେ ନାହିଁ / ଜୀବନ ଓ ମରଣର ଅମୋଘ ରହସ୍ୟ । (୩) ଅଥବା କୁରୁକ୍ଷେତ୍ରର ଅର୍ଜ୍ଜୁନ ଭଳି, ବିଷାଦ-ବୋଧରୁ ମୁକ୍ତି ପାଇଁ ସେ ଜ୍ଞାନ, କର୍ମ ଅଥବା ଭକ୍ତିଯୋଗର ବ୍ୟାଖ୍ୟା ଆବଶ୍ୟକ କରେ ନାହିଁ । କାରଣ ଯୁଗେ ଯୁଗେ ଜ୍ଞାନ, କର୍ମ, ଭକ୍ତି ଓ ବିଶ୍ୱରୂପର ବନ୍ଧନରେ ଭକ୍ତକୁ ସେ ପ୍ରତାରିତ କରିଆସିଛି । ସେଥିପାଇଁ ଜାରା ସ୍ପଷ୍ଟରୂପେ ଘୋଷଣା କରେ—

---

୨ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଦୀପ୍ତି ଓ ଦ୍ୟୁତି', 'ଜାରାଶବରର ସଙ୍ଗୀତ' ପୃ. ୩୫

୩ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଦୀପ୍ତି ଓ ଦ୍ୟୁତି' ଜାରାଶବରର ସଙ୍ଗୀତ— ପୃ. ୩୪

Digitized by srujanika@gmail.com

"ସବୁ ଖାଲି ମିଛ ଯିନା ସବୁ ପ୍ରତାରଣା
ଟିକି ମଣିଷ ସାଥିରେ ଲୁଚକାଳି ଖେଳୁ ଯିନା
× × ×
ସବୁ ତ ଜାଣୁଚୁ ଭୁଲି ଜୀବନ ଓ ମରଣ ରହସ୍ୟ
ଆମ ପାଇଁ ଦେଉ ଖାଲି ବିସ୍ମୃତିର ଅବୁଝା ଅନ୍ଧାର
ଛଳନାର ଯେତେ ମାୟା ଜାଲ ।" (୪)

ବସ୍ତୁତଃ ଛଳନାର ଏ ଭ୍ରମ୍ୟାଲୋକ ଭିତରେ ଉଭୟ ଜାରା ଓ କୃଷ୍ଣ ମୃତ୍ୟୁ ଲଭିବେ । ହୁଏତ ଉଭୟେ ପୁନର୍ଜନ୍ମ ପାଇବେ । କାରଣ ବସ୍ତ୍ର ଜୀର୍ଣ୍ଣ ହେବା ପରେ ଯେଭଳି ତାହାକୁ ପରିତ୍ୟାଗ କରାଯାଇ ନୂତନ ବସ୍ତ୍ର ପରିଧାନ କରାଯାଏ, ସେହିଭଳି ଶରୀର ଜୀର୍ଣ୍ଣ ହେବା ପରେ ଆତ୍ମା ତାହାକୁ ପରିତ୍ୟାଗ କରି ନୂତନ ଶରୀରରେ ପ୍ରବେଶ କରେ । ତ୍ରେତୟାର ଶ୍ରୀରାମ ଓ ଅଙ୍ଗଦ ଏହିଭଳି ପୁନର୍ଜନ୍ମ ଲାଭକରିଛନ୍ତି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଓ ଜାରାଶବର ରୂପରେ । ଗୋଟିଏ ଯୁଗ ପରେ ଗୋଟିଏ ମୃତ୍ୟୁରେ ଜାରାର ସ୍ମୃତି ବିଲୁପ୍ତ ହେବ । ଅଥଚ ମରଣଶୀଳ ଏ ମଣିଷର ହୃଦୟରେ ଆପଣା ସ୍ମୃତିର ଜାଗୃତି ପାଇଁ ଅଭୀପ୍ସା ଜନ୍ମିନି, କାରଣ ଅମରତ୍ୱ ପାଇଁ ତା'ର ଆସ୍ପୃହା ନାହିଁ । ତା'ର ସେଇ ଏକମାତ୍ର ଅଙ୍ଗୀକାର—ବିଶ୍ୱାତ୍ମାକୁ ସେ ତା'ର ମାୟାବଧୃତ କଳେବରରୁ ମୁକ୍ତ ଦେବ ।

'ଧାତ୍ରି ଓ ଦୁଃଖ'ରେ ସଂକଳିତ ଦୁର୍ଯ୍ୟୋଧନ ଶୀର୍ଷକ କବିତାରେ ଦୁର୍ଯ୍ୟୋଧନ ସ୍ୱାଭିମାନୀ ମାନବାତ୍ମାର ପ୍ରତୀକ । ନିୟତିର ଅଲଙ୍ଘ୍ୟ ବିଧାନ ଥିଲା କୁରୁକ୍ଷେତ୍ରରେ କୁରୁବଂଶର ବିନାଶ । ନିଜ ବଂଶର ଏ ଦୟନୀୟ ଦୁଃଖଦ ପରିଣତି ସମ୍ପର୍କରେ ସ୍ୱୟଂ ଦୁର୍ଯ୍ୟୋଧନ ମଧ୍ୟ ସଚେତନ ଥିଲେ । ସେ ଜାଣିଥିଲେ, 'ବିନା ଯୁଦ୍ଧେ ନ ଦେବାର ସୂଚ୍ୟଗ୍ର ମେଦିନୀ'ର ପରିଣତି । ସେ ଜାଣିଥିଲେ—'ଜାନାମି ଧର୍ମଂ ନ ଚ ମେ ପ୍ରବୃତ୍ତିଃ । ଜାନାମି ଅଧର୍ମଂ ନ ଚ ମେ ନିବୃତ୍ତିଃ'; ତଥାପି ନିଷ୍ଠୁର ନିର୍ମମ ନିୟତି ବିରୋଧରେ ସେ ସଂଗ୍ରାମର ସ୍ୱର ଉତ୍ତୋଳନ କରିଥିଲେ । ଏ ସଂଗ୍ରାମ ଏକାନ୍ତ ନିଃସଙ୍ଗ ସଂଗ୍ରାମ । ସେଥିପାଇଁ ସଂଗ୍ରାମୀ ସନ୍ତାନ ପାଇଁ ମା'ର ଆଶୀର୍ବାଦ ମଧ୍ୟ ନଥିଲା ।

---

୪ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଧାତ୍ରି ଓ ଦୁଃଖ' ଜାରାଶବରର ସଙ୍ଗୀତ— ପୃ. ୩୩

Digitized by srujanika@gmail.com

ଧର୍ମ ଓ ନ୍ୟାୟର ପକ୍ଷପ୍ରୟୀ ତଳେ ରହି ମହାସତୀ ମା’ ଗାନ୍ଧାରୀ ‘ଅକ୍ଷୟ ହେଉ ପୁଣ୍ୟ ଜଗତେ ଧର୍ମର ହେଉ ଜୟ’ ବୋଲି ଘୋଷଣା କଲେ । ବସ୍ତୁତଃ ପରାଜୟ, ହିଁ ଅବଶେଷରେ ହେଲା ତାଙ୍କର ଲଲାଟ ଲିଖନ । କିନ୍ତୁ ନିଷ୍ଠୁର ନିୟତି ନିକଟରେ ବ୍ୟକ୍ତିକ ମାନ ଅଭିମାନ—ଅହେତୁକ, ତୁଚ୍ଛ । ଏହି ପରିପ୍ରେକ୍ଷୀରେ ମାନବାତ୍ମା ଏକ ଶେଷହୀନ ଦୁରନ୍ତ ଅଭିମାନବୋଧରେ ଆଚ୍ଛନ୍ନ—

‘ହେ ଆହତ ପ୍ରାଣ
ହେ ଶାଶ୍ୱତ ଆତ୍ମ-କେନ୍ଦ୍ର ମୂର୍ତ୍ତି-ଅଭିମାନ
ନିଷ୍ଠୁର ନିର୍ମମ ଏକ ନିୟତି ବିରୋଧେ
ଅସହାୟ ମଣିଷ ର ଶର ଅଭିମାନ ।’’ (୫)

ଏ ସ୍ୱାଭିମାନବୋଧ ପ୍ରତି ବିଶ୍ୱସ୍ତତାବୋଧ ମାନବାତ୍ମାର ଆତ୍ମସମର୍ପଣ ବିହୀନ ଅଙ୍ଗୀକାରବୋଧକୁ ପ୍ରମୂର୍ତ୍ତ କରେ—

‘‘ଗଭୀର ତମିସ୍ରା ବୁକେ ରକ୍ତ ନଦୀ ସନ୍ତରଣ ପରେ
ଛଳନାର ଉଦ୍‌ଯାପନ ଗଦାଯୁଦ୍ଧେ ତୁମେ ଗଲ ଶୋଇ
ଗୋଟିଏ ଅଭିମାନରୁ ଆଉ ଅଭିମାନଟିକୁ ଉତ୍ତରଣ ପରେ ।’’ (୬)

ମୃତ୍ୟୁ ପରେ ଏ ଅଭିମାନବୋଧ (‘ଆଉ ଅଭିମାନ’) ଏକ ଗଭୀର ବ୍ୟଥା ଓ ବେଦନା ସୃଷ୍ଟି କରେ; କିନ୍ତୁ ବ୍ୟଥା ଓ ବେଦନା ସ୍ୱାଭିମାନୀ ମାନବାତ୍ମା ପାଇଁ ଶେଷ ସତ୍ୟ ନୁହେଁ, ଏହା ଏକ ଆପେକ୍ଷିକ ସତ୍ୟ (relative truth), ଜୀବନର ଗତିପଥରେ ଦୁର୍ବିନୀତ ସଂଗ୍ରାମୀ ମନୋବୃତ୍ତି ହିଁ ତାର ଅଭିପ୍‌ସିତ ଚରମ ସତ୍ୟ ।

‘ବସ୍‌ର ଦର୍ପଣରେ ସୂର୍ଯ୍ୟାସ୍ତ’ରେ ଏ ଦୃପ୍ତ ଚେତନା ଏ ଅଙ୍ଗୀକାର ବଦ୍ଧତାର ପରିସର ଭିନ୍ନଧର୍ମୀ । ‘ବସ୍’ ଶଂସିତ କବିତାରେ ଚଳମାନ ଜୀବନର ପ୍ରତୀକ । ‘ଦର୍ପଣ’ ଏ ଜୀବନର କ୍ୟାନ୍‌ଭସକୁ ପ୍ରତିଫଳିତ କରେ । ଜୀବନର ଏ କ୍ୟାନ୍‌ଭସରେ ସୂର୍ଯ୍ୟୋଦୟ ଭଳି ସୂର୍ଯ୍ୟାସ୍ତ ମଧ୍ୟ ଏକ ଅନିବାର୍ଯ୍ୟ ସତ୍ୟ;

---

୫ । ଶ୍ରୀ ସୀତାକାନ୍ତ ମହାପାତ୍ର ‘ପ୍ରାପ୍ତି ଓ ଦୃଷ୍ଟି’—ଦୁର୍ଯ୍ୟୋଧନ—ପୃ.୧୦୦

୬ । ଶ୍ରୀ ସୀତାକାନ୍ତ ମହାପାତ୍ର ‘ପ୍ରାପ୍ତି ଓ ଦୃଷ୍ଟି’—ଦୁର୍ଯ୍ୟୋଧନ—ପୃ. ୧୦୦

Digitized by srujanika@gmail.com

ସେ ସତ୍ୟକୁ ମଣିଷ ସ୍ୱୀକାର କରେ । 'ମହାଭାରତ'ର ଅର୍ଜୁନ ଭଳି ବିଶ୍ୱରୂପ ଦର୍ଶନରେ ସେ ଶିହରିତ ହୁଏ । କାରଣ ଏ ଆଧୁନିକ ଅର୍ଜୁନ ଜାଣେ ଯେ— "ମାଳ ମାଳ ଏ ବ୍ରହ୍ମାଣ୍ଡ ଲୁଚିଯାଏ / ଛପିଯାଏ / ଶୋଷିନିଏ ଲୋମକୂପେ / ଏ ଆଦିମ ପିଣ୍ଡ / ସବୁ ଧରିନିଏ / ନିଜ ଶେଷରଶ୍ମି ଜାଳେ ଅଂଶୁମାନ ।" (୭) ସେଥିପାଇଁ ମୃତ୍ୟୁରେ ମଧ୍ୟ ତା' ପାଇଁ ଦୀପ୍ତିମନ୍ତ ଜୀବନ-ତରଙ୍ଗ ଉତ୍ତରଳ ହୁଏ, ଆକାଶକୁ ଛୁଏଁ । ଉଭୟ ମାଟି ଓ ଆକାଶକୁ ଦୀପ୍ତିମନ୍ତ କରିଦିଏ ।

'ସହରରେ ଗ୍ରୀଷ୍ମ'ରେ ସାଂପ୍ରତିକ ନଗରାଭିମୁଖୀ ସଭ୍ୟତା ଓ ସଂସ୍କୃତି ଅବକ୍ଷୟଗ୍ରସ୍ତ । ସଭ୍ୟତା ଓ ସଂସ୍କୃତିର ଏହି ବିପର୍ଯ୍ୟୟ ମଧ୍ୟରେ ଆଧୁନିକ ମାନବକୁ 'ଶାମ୍ବର ସନ୍ତାନ' ରୂପେ ଅଭିହିତ କରାଯାଇଛି । ସମଗ୍ର କବିତାରେ ସହର ବ୍ୟାଧିଗ୍ରସ୍ତ ଏକ କୁଷ୍ଠରୋଗୀ ରୂପେ ଚିତ୍ରିତ ।

"ଏ ସହର କୁଷ୍ଠରୋଗୀ
ବିକୃତ ଓ ଖଂଜ ଏ ସହର

× ×

ଅକରୁଣ ଅର୍ଥହୀନ ସୂର୍ଯ୍ୟ ଜଳେ
ଆକାଶର ତାମ୍ରବର୍ଣ୍ଣ ପିଙ୍ଗଳ ମରୁରେ
ଶାମ୍ବର ସନ୍ତାନ ଆମେ
ମିଳିତ କଣ୍ଠରେ ଗାଉ
ପ୍ରଣତୋସ୍ମି ଦିବାକରଂ ।" (୮)

କିନ୍ତୁ ପୁରାଣର ଶାମ୍ବ ପାଇଁ ଥିବା ସୂର୍ଯ୍ୟର ଆଶୀର୍ବାଦ ଏଠାରେ ସୁଦୂର ପରାହତ । କାରଣ ସ୍ୱୟଂ ସୂର୍ଯ୍ୟ ଏଠାରେ 'ଅକରୁଣ' ଓ 'ଅର୍ଥହୀନ' । ମଣିଷର ସକଳ ଚେତନା ମୃତ । ଏ ମୃତ୍ୟୁ ଏକ ସ୍ୱାଭାବିକ ମୃତ୍ୟୁ ନୁହେଁ, ଏକ ଅପମୃତ୍ୟୁ । ଏ ଅପମୃତ୍ୟୁ ମଧ୍ୟରେ ସାଂପ୍ରତିକ ମଣିଷର ସବୁ ଆଶା, ଅଭୀପ୍‌ସା, ସ୍ମୃତି, ସମ୍ଭାବନା ଅସ୍ତଯାଏ । ଏ ଅସ୍ତ ଯିବା ପରେ ମଧ୍ୟ ଆଉ କିଛି ବାକି ରହିଯାଏ ।

---

୭ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଦୀପ୍ତି ଓ ଦ୍ୟୁତି'—'ବିସ୍‌ର ଦର୍ପଣରେ ସୂର୍ଯ୍ୟାସ୍ତ' ପୃ. ୩

୮ । ଶ୍ରୀ ସୀତାକାନ୍ତ ମହାପାତ୍ର ; ଦୀପ୍ତି ଓ ଦ୍ୟୁତି—'ସହରରେ ଗ୍ରୀଷ୍ମ', ପୃ.୨୭

Digitized by srujanika@gmail.com

ସେଥିପାଇଁ 'ସହରର ଇତିକଥା'ରେ 'କୁବ୍ଜା' ଭଳି ସେ ଶ୍ରୀକୃଷ୍ଣଙ୍କ ଶୁଭ ଆଗମନକୁ ପ୍ରତୀକ୍ଷା କରେ--

"ଯେତେ ନଆଁ ଝୁଲି ପରେ
ଅତନ୍ଦ୍ର ମଳିମା ମାଗେ ଗନ୍ଧର ଆଶ୍ଳେଷ ।
କୃଷ୍ଣ କେବେ ପାଦ ଦେବେ ମଥୁରାରେ
କୁବୁଜାର ଘରେ ।" (୯)

ବସ୍ତୁତଃ, ମୃତ୍ୟୁମୁଖୀ ଏ କାଳର ଅବକ୍ଷୟ ଓ ଯନ୍ତ୍ରଣା ଭିତରେ ଏକ ଶେଷହୀନ ଅମୃତ ଆକାଂକ୍ଷା 'ଅଷ୍ଟପଦୀ ଓ ଦୁଃଖ'ର ଅନ୍ୟତମ ମିଥ୍ଧର୍ମୀ କବିତା 'ଯୁଧିଷ୍ଠିର'ର ପ୍ରତିପାଦ୍ୟ ବକ୍ତବ୍ୟ । ଏଠାରେ ମଧ୍ୟ ମାନବାତ୍ମା ସ୍ୱାଭିମାନୀ, ଯୁଗ ଓ ଜୀବନର ଅବକ୍ଷୟ ତଥା ଧ୍ୱଂସ ଓ ମୃତ୍ୟୁ ଚେତନା ମଧ୍ୟରେ ଜୀବନଧର୍ମୀ ସଂଗ୍ରାମ ପାଇଁ ଅଙ୍ଗୀକାରବଦ୍ଧ । ଶଂସିତ କବିତା ପୋଲାଣ୍ଡ ଭାଷାର ଚଳଚ୍ଚିତ୍ର 'କାନାଲ'ର ଏକ ପ୍ରତିଧ୍ୱନି । କବିଙ୍କର ଏ ସଂପର୍କରେ ସ୍ୱୀକାରୋକ୍ତି—

"ପୋଲାଣ୍ଡୀୟ ଭାଷାରେ 'କାନାଲ' ଅର୍ଥ ଯୁଦ୍ଧ । ଦ୍ୱିତୀୟ ମହାସମର କାଳରେ ପୋଲାଣ୍ଡ ରାଜଧାନୀ ଓ୍ୱାର୍ସ ଉପରେ ଜର୍ମାନ ଆକ୍ରମଣକୁ ଭିତ୍ତି କରି ଏ ଚଳଚ୍ଚିତ୍ର ନିର୍ମିତ । ମଣିଷର ଜୀବନ ପିପାସା ଓ ସ୍ୱପ୍ନବିଳାସୀ ମନର ଏପରି ନିଚ୍ଛକ ପ୍ରତିଛବି ଖୁବ୍ କମ୍ ଚଳଚ୍ଚିତ୍ରରେ ମୁଁ ଦେଖିବାକୁ ପାଇଛି । ସିଉରେଜ୍ ନଳା ଭିତରେ ପାଞ୍ଚଜଣ ପଳାତକ । ତା'ଭିତରେ ଜଣେ ସଙ୍ଗୀତ-ଶିଳ୍ପୀ । ସିଉରେଜ୍ର ପୂତିଗନ୍ଧ ଉପରେ ତାଙ୍କର ବଂଶୀର ମୂର୍ଚ୍ଛନା । ସେ କିନ୍ତୁ ହୋଇଚାନ୍ତି ପାଗଳ । ଅନ୍ୟମାନେ ସିଉରେଜ୍ରୁ ବାହାରୁ ବାହାରୁ ହୋଇଚାନ୍ତି ନାତ୍ସୀ ଗୁଳିର ଶିକାର । ରାଷ୍ଟ୍ରନୀତି, ରାଜନୀତି, ଯୁଦ୍ଧ ଓ ବିଦ୍ୱେଷର କୁତ୍ସିତ କାଳିମା ବିରୋଧରେ କଳାର ନୀରବ ଅଭିଯୋଗ । (୧୦)

---

୯ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଅଷ୍ଟପଦୀ ଓ ଦୁଃଖ' : 'ସହରର ଇତିକଥା' ପୃ. ୮୫

୧୦ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଅଷ୍ଟପଦୀ ଓ ଦୁଃଖ', ପୃ. ୮୭

Digitized by srujanika@gmail.com

ବସ୍ତୁତଃ, ଶ୍ରୀ ମହାପାତ୍ରଙ୍କ 'ଯୁଧିଷ୍ଠିର' କବିତାର ସିଉଡରେଜ୍ ସାଂପ୍ରତିକ ଯୁଗ ଓ ଜୀବନର ପ୍ରତୀକ—

"ଏଇ ସିଉଡରେଜ୍ ହିଁ ଆମ ଜୀବନ
ମଉରସୀ ଓ ସ୍ୱୋପାର୍ଜିତ
ନାକଫଟା ପୂତିଗନ୍ଧ ଏଇ ନର୍କଦ୍ୱାର ।" (୧୧)

ସିଉରେଜ୍‌ର ପୂତିଗନ୍ଧ ଉପରେ ବଂଶୀର ମୂର୍ଚ୍ଛନା ଆପାତତଃ ମନେହୁଏ ଏକ ବିରୋଧାଭାସ । କାରଣ ଯୁଦ୍ଧ ଓ ଧ୍ୱଂସଲୀଳା ମଧ୍ୟରେ ସଙ୍ଗୀତ ଭଳି ସୁକୁମାର କଳା ଓ ସୁକୁମାର ମୂଲ୍ୟବୋଧ ଅସ୍ତମିତ । ସେଥିପାଇଁ କବିଙ୍କର ଜିଜ୍ଞାସା—

"× × ସଙ୍ଗୀତର କବର ଉପରେ
ବଂଶୀ ସ୍ୱରେ ଏ ଘାସ କାହିଁକି ରୋଉଚ ? (୧୨)

ବଂଶୀସ୍ୱନକୁ 'ଘାସ' ସହ ତର୍କଣା କରିବା ମଧ୍ୟରେ ବଂଶୀସ୍ୱରରେ କୋମଳତା ଓ ପ୍ରତିକୂଳ ପରିବେଶ ମଧ୍ୟରେ ବଞ୍ଚିବାର ଅଦମ୍ୟ ସଂଗ୍ରାମ ମୂର୍ତ୍ତିମନ୍ତ । ସେଥିପାଇଁ କବିତାର ଶେଷ ପର୍ଯ୍ୟାୟରେ ବଂଶୀ ଓ ତା'ର ମୂର୍ଚ୍ଛନା ଅସ୍ତ ଯାଇଥିଲେ ମଧ୍ୟ ବଂଶୀ ମୂର୍ଚ୍ଛନାର ସ୍ମୃତି ଅନାକ୍ରାନ୍ତ—

× × ତେଣୁ ତମେ ସେ ବଂଶୀକୁ
(କିନ୍ତୁ ଏ କଣ ?
ତମ ହାତରେ ତ ବଂଶୀ ନାହିଁ)
ହେଉ ତା'ହେଲେ
ବଂଶୀ ଧ୍ୱନିର ସେ ସ୍ମୃତିକୁ
ପୋତିଦିଅ ଏଇ ପଥଧାରେ ।" (୧୩)

ଯୁଦ୍ଧଗ୍ରସ୍ତ ପୋଡ଼ା ଭୂଇଁ ଉପରେ ଯିଏ ବଂଶୀସ୍ୱନର ସ୍ମୃତିକୁ ରୋପଣ କରିବାର ସ୍ୱାଭିମାନବୋଧ ଓ ସ୍ପର୍ଦ୍ଧା ପ୍ରକାଶ କରିପାରେ ସେ ହିଁ ଶିଳ୍ପୀଙ୍କ

---

୧୧ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଘାସ୍ତି ଓ ଦ୍ୟୁତି', ଯୁଧିଷ୍ଠିର, ପୃ. ୮୬

୧୨ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଘାସ୍ତି ଓ ଦ୍ୟୁତି', ଯୁଧିଷ୍ଠିର, ପୃ. ୮୬

୧୩ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଘାସ୍ତି ଓ ଦ୍ୟୁତି', 'ଯୁଧିଷ୍ଠିର' ପୃ. ୮୮

Digitized by srujanika@gmail.com

ଭାଷାରେ ମାନବିକତାବୋଧର ଅଧିଷ୍ଠିର । ପୂତଗନ୍ଧମୟ ମିଉରେନ୍‌କୁ ସେ ସ୍ୱର୍ଗରେ ରୂପାନ୍ତରିତ କରିଦେଇପାରେ । ରାଜନୀତିକ ତଥା ରାଷ୍ଟ୍ରୀୟ ଅଧୋଗତି, ସାଂସ୍କୃତିକ ବିପର୍ଯ୍ୟୟ ତଥା ଯୁଦ୍ଧ ଓ ବିଦ୍ୱେଷର କୁତ୍ସିତ ବିଭୀଷିକା ବିରୋଧରେ ସେ ସଂଗ୍ରାମର ଜୟଯାତ୍ରା ଘୋଷଣା କରେ । ଏ ସଂଗ୍ରାମ ଏକ ସୁନିର୍ଦ୍ଦିଷ୍ଟ ଭୂମିଖଣ୍ଡ ଭିତରେ ସୀମାବଦ୍ଧ ନରହି, ସମଗ୍ର ବିଶ୍ୱଚେତନାକୁ ପ୍ରସରିଯାଏ ।

'ଅଷ୍ଟପଦୀ'ର ମିଥ୍-ଚେତନାରେ ମୃତ୍ୟୁଲୋକରେ ଅମୃତର ସନ୍ଧାନ—

'ଅଷ୍ଟପଦୀ'ର ସାମଗ୍ରିକ କାବ୍ୟଚେତନା ଏକ ମର୍ମଦାହୀ ବିଷାଦବୋଧର ଅଭିବ୍ୟକ୍ତି । ଏଲିୟଟ୍‌ଙ୍କ 'ଦ ୱେଷ୍ଟଲ୍ୟାଣ୍ଡ' (The Waste Land) ଭଳି ଜୀବନର ପୋଡ଼ା ଭୂଇଁରେ ମୃତ୍ୟୁ ନାଚର କରୁଣ ଚିହ୍ନରେ ସୁସ୍ପଷ୍ଟ । କିନ୍ତୁ ମାନବାତ୍ମାର ଅମୃତ-ପିପାସା ତଥାପି ଅବାରିତ ।

ପ୍ରଥମ କବିତା 'ମୃତ୍ୟୁ ନାଚ'ରେ ସାଂପ୍ରତିକ କାଳର ବିପର୍ଯ୍ୟୟ, ଯୁଦ୍ଧଖୋର ମନୋବୃତ୍ତି ତଥା ବିଦ୍ୱେଷ ଓ ଅନ୍ତର୍ଦାହକୁ ପ୍ରତିପାଦିତ କରିବାକୁ ଯାଇ ପ୍ରାରମ୍ଭରୁ ପରିଣତି ପର୍ଯ୍ୟନ୍ତ ମୃତ୍ୟୁଗ୍ରସ୍ତ ପରିବେଶ ସୂଚିତ ।

"ସେମାନେ ଆସୁଅଛନ୍ତି ଭୟଙ୍କର କଳାମୁଖା ପିନ୍ଧି
ମୃତ୍ୟୁ ନାଚ ନାଚି ନାଚି
ଧରି ଓ ଧରାଇ ସବୁ ଠାବେ ଠାବେ ନିଆଁ ଜାଳି ଜାଳି
ସେମାନେ ଆସୁଅଛନ୍ତି ଅଗ୍ନି-ବାଣ ଚହଲାଇ
ଜଳିଯାଏ ମସ୍କୋ, ରୋମ୍, ହିରୋସୀମା ଆଉ ନୂଆଖାଲି
କାଠ ଓ ବାଉଁଶ ଜଳେ ଢୋ ଢୋ ଫୁଟେ ସବୁ
ଜଳିଉଠେ ଲୁହା ଓ ପଥର
ହୋ ହୋ ଘୋ ଘୋ ଚିତ୍କାର ଓ ମଣିଷର ବିକଳ କ୍ରନ୍ଦନ
ଭୟଙ୍କର ଶବ୍ଦେ ଭରେ ଅଭିଶପ୍ତ ଏରକାର ବନ ।" (୧୪)

ମୃତ୍ୟୁମୁଖୀ ଏ ପୃଥିବୀକୁ 'ଏରକାର ବନ' ରୂପେ ତର୍କଣା କରିବା ମଧ୍ୟରେ, କାଳର ଆତ୍ମଘାତୀ ମନୋବୃତ୍ତି ସୂଚିତ ହୋଇଥିବା ଭଳି

୧୪ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଅଷ୍ଟପଦୀ', 'ମୃତ୍ୟୁନାଚ' ପୃ. ୭

Digitized by srujanika@gmail.com

ମନେହୁଏ । 'ଏରକାର ବନ' ଶାମ୍ବଙ୍କ ଗର୍ଭରୁ ଜନ୍ମ ନେଇଥିବା ଲୌହ ମୂଷଳ ଚୂର୍ଣ୍ଣରୁ ଉଦ୍‌ଭୂତ ସେହି ସ୍ଥାନ, ଯେଉଁଠାରେ ମଦ୍ୟପ୍ରମତ୍ତ ଯାଦବଗଣ ନିଜେ ନିଜ ବଂଶନାଶର କାରଣ ହୋଇଥିଲେ । ସାଂପ୍ରତିକ ମାନବ ସଭ୍ୟତା ଅନୁରୂପଭାବେ ନିଜେ ହିଁ ନିଜ ସୃଷ୍ଟ ସଭ୍ୟତା ଓ ସଂସ୍କୃତିର ସଂହାରକର୍ତ୍ତା । 'ଜଳିଯାଏ ମସ୍କୋ, ରୋମ୍, ହିରୋସୀମା ଆଉ ନୂଆଖାଲି' ପଂକ୍ତିରେ, ଏହି ଆତ୍ମଘାତି ମନୋବୃତ୍ତି ସୁସ୍ପଷ୍ଟ । ମୃତ୍ୟୁଚେତନାଗ୍ରସ୍ତ ମାନବାତ୍ମା କିନ୍ତୁ ଅହରହ ମୁକ୍ତିପ୍ରୟାସୀ । ସେଥିପାଇଁ ସମ୍ମୁଖରେ ତପ୍ତ-ବୈତରଣୀ ଦେଖି ସେ—'ମୁକ୍ତି ମାଗେ । ଶକ୍ତି ମାଗେ । ଶୁଦ୍ଧା ମାଗେ । ସ୍ୱପ୍ନ ମାଗେ ।' (୧୫)

ମଣିଷର ଏ ମୁକ୍ତି କିନ୍ତୁ 'ମୃତ୍ୟୁନାଚ'ରେ ସୁଦୂରପରାହତ । ତେଣୁ ତା'ର ପରିଣତିରେ ହତଭାଗ୍ୟ ମଣିଷର କରୁଣ ଭାଗ୍ୟଲିପି—

ଆଜି ଏ ଆଖିରେ ଖାଲି ବିକୃତ ସ୍ୱରୂପ ତା'ର,
ସୂର୍ଯ୍ୟ ଆଉ ଆକାଶର ମୃତ୍ୟୁ-ନାଚ
(ହାୟ ମୋର ଝାଙ୍କିଂଝୁଲ୍ ଭାଗ୍ୟେ ଥିଲ !)
ଶବାଧାର ଆମନ୍ତ୍ରଣ, ମୁଖାଗ୍ନିର ଅନ୍ତିମ ଉବାଚ ।" (୧୬)

'ସ୍ତନନ୍ଧୟର ଉପକଥା'ରେ ମାନବର ଅନୁରୂପ ଭାଗ୍ୟଲିପି ସମାନ୍ତରାଳ ଭାବେ ପ୍ରମୂର୍ତ୍ତ । ଶାମ୍ବଗର୍ଭଜାତ ଲୌହମୂଷଳରୁ ଯଦୁବଂଶର ବିଲୟ ଆପାତତଃ ଏହାର ପ୍ରତିପାଦ୍ୟ ବକ୍ତବ୍ୟ ।

"ଆପଣାର ରେତଜାତ, ସ୍ୱେଦଜାତ ସେ ଲୌହମୂଷଳ
ସମୁଦ୍ରର ଲୁଣିପାଣି ଦେଇ ଆଉ ପଥରରେ ଘୋରି ଘୋରି
ଥକ୍କା ହେଲା ମଣିଷର ମହାଶ୍ରମ ବଳ
ହାତମୁଠା ବନ୍ଧି ହେଲା, କେଶ ପକ୍ୱ, ପଳିତ ତା ଚର୍ମ
ଘୋରି ଘୋରି ସମସ୍ତ କଳଙ୍କ ହେଲା
ନସରେ ସେ ସୀମାହୀନ ଶାପ ।" (୧୭)

---

୧୫ । ତତ୍ରୈବ

୧୬ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଅଷ୍ଟପଦୀ', 'ମୃତ୍ୟୁନାଚ' ପୃ. ୧୦

୧୭ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଅଷ୍ଟପଦୀ', 'ସ୍ତନନ୍ଧୟର ଉପକଥା' ପୃ. ୧୭

Digitized by srujanika@gmail.com

ମାନବଜାତି ଓ ମାନବସଭ୍ୟତାର ବିପର୍ଯ୍ୟୟ ଏଠାରେ ନିୟତିକୃତ ନୁହେଁ, ସେହି ମାନବ ହେଉଛି ତାର ସ୍ରଷ୍ଟା । 'ଲୌହ ମୁଷଳ' ଓ 'ଏରକାର ବନ' ତା'ର ଆପଣାର ସ୍ୱେଚ୍ଛଜାତ ଓ ଦ୍ୱେଷଜାତ । ଦ୍ୱାପର ଯୁଗର ଯାଦବଗଣଙ୍କ ପରି ଏ ଆତ୍ମକୃତ ପାପରୁ ତା'ର ନିଷ୍କୃତି ନାହିଁ । ମନେହୁଏ ସ୍ୱନିର୍ଭୟ ଅମୃତସ୍ୟ ପୁତ୍ରାଃ ମାନବ ଶିଶୁର ଏହାହିଁ ଉପକଥା ।

'ତ୍ରିଶଙ୍କୁର ମଧ୍ୟସ୍ୱର୍ଗ'ରେ ଏ ମାନବ ଶିଶୁର ସ୍ଥିତି ଆହୁରି ଦୋଳାୟମାନ । 'ରାମାୟଣ'ର ତ୍ରିଶଙ୍କୁ ସହ ଆଧୁନିକ ମଣିଷର ସାମଞ୍ଜସ୍ୟ କବି ଲକ୍ଷ୍ୟ-କରିଛନ୍ତି । ବସ୍ତୁତଃ, ପୁରାଣର ଇତିକଥା ମାଧ୍ୟମରେ ସାଂପ୍ରତିକ କାଳର ବିବଦମାନ ମୂଲ୍ୟବୋଧ ଏ କବିତାରେ ପ୍ରମୂର୍ତ୍ତ । ପାରମ୍ପରିକ ସାମାଜିକ, ସାଂସ୍କୃତିକ, ଧର୍ମୀୟ ତଥା ରାଜନୀତିକ ମୂଲ୍ୟବୋଧ ମାନବକୁ ସୁରକ୍ଷିତ କରିପାରୁନାହିଁ । ରାଜନୀତି ଆଜି ଶ୍ରେଣୀହୀନ ସମାଜଗଠନ କ୍ଷେତ୍ରରେ ଅସମର୍ଥ । ଜର୍ଜ ଅର୍‌ୱେଲ୍‌ଙ୍କ ଆନିମଲ୍ ଫାର୍ମ (Animal Farm)ରେ ମାନବସଭ୍ୟତାର ଏ ବୈରାଜ୍ୟ ସମ୍ପର୍କରେ ଏକ ଧ୍ୱନ୍ୟାତ୍ମକ ସୂଚନା ଦିଆଯାଇଥିବାର ଲକ୍ଷ୍ୟ କରାଯାଏ । ସାଂପ୍ରତିକ କାଳର ତଥାକଥିତ ସାମ୍ୟବାଦ ପ୍ରତି ଏକ ତୀବ୍ର ବ୍ୟଙ୍ଗ ବିଦ୍ରୂପ ତହିଁରେ ପ୍ରତିଫଳିତ । ଏହି ତଥାକଥିତ ସାମ୍ୟବାଦରୁ ମୁହଁ ଫେରାଇ ସେ ଆଧ୍ୟାତ୍ମିକ ଆସ୍ପୃହା ଅବଶ୍ୟ ପ୍ରକାଶକରୁଛି । କିନ୍ତୁ ଧର୍ମୀୟ ମୂଲ୍ୟବୋଧ ତାକୁ ଆଧ୍ୟାତ୍ମିକ ଶାନ୍ତି ଦେଇପାରୁନି । ଏଇ ପରିପ୍ରେକ୍ଷୀରେ ପୁରାଣର ତ୍ରିଶଙ୍କୁ ଭଳି ତା'ର ସ୍ଥିତି ଦୋଦୁଲ୍ୟମାନ । ମାଟିରୁ ସେ ପରିତ୍ୟକ୍ତ । ଆକାଶ ତା' ପାଇଁ ସ୍ୱପ୍ନ । ସଲ୍‌ବେଲୋଙ୍କ 'ଡାଙ୍ଗଲିଙ୍ଗ୍ ମ୍ୟାନ୍' (Dangling Man) ଭଳି ତାର ସ୍ଥିତି ଦୟନୀୟ ଓ ସ୍ୱଭାବେ ଲକ୍ଷ୍ୟହୀନ ।

"ଯେହେତୁ ପ୍ରତ୍ୟେକ ରାସ୍ତା ଶେଷେ ସରେ ଲକ୍ଷ୍ୟହୀନତାରେ
ଯେହେତୁ ଆକାଶ ଶେଷ ଯେଉଁଠାରେ ମୃତ୍ୟୁ ହାଇମାରେ
କାହିଁକି ବା ଏତେ ଚିନ୍ତା କେଉଁ ରାସ୍ତା ତୁମେ ନେବ ବାଛି
ଅସଲ କଥା ହେଉଛି, ଭିତରର ଅଥୟତା, ଲକ୍ଷ୍ୟହୀନ ଗତି ।" (୧୮)

୧୮ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଅଷ୍ଟପଦୀ', 'ତ୍ରିଶଙ୍କୁର ମଧ୍ୟସ୍ୱର୍ଗ' ପୃ. ୫୨

Digitized by srujanika@gmail.com

ବ୍ୟକ୍ତିର ଏ ଦୋଳାୟମାନ ଲକ୍ଷ୍ୟହୀନ ସ୍ଥିତି, ଅନ୍ତର୍ମୁଖୀ ମାନସିକ ଚେତନା ସ୍ତରରେ ସଂଘଟିତ । ସୁତରାଂ ଜୀବନର ଗତିପଥରେ ବହିର୍ମୁଖୀ ସ୍ଥିତି ଅନ୍ୱେଷଣ ପରିବର୍ତ୍ତେ, ମାନସିକ ସ୍ଥିତିବିନ୍ୟାସ ତା'ର କାମ୍ୟ । 'ତ୍ରିଶଙ୍କୁର ମଧ୍ୟସ୍ୱର୍ଗ'ରେ ବହୁ ଚରିତ୍ରର ସମାବେଶ ଘଟିଚି । ଘୋଷବାବୁ, ଲିଲି ରଥ, ପ୍ରଫେସର ପ୍ରଧାନ ଓ ସର୍ଦ୍ଦିବାବୁଙ୍କଠାରୁ ଆରମ୍ଭ କରି, ଚଂପାବତୀ ଇତ୍ୟାଦି ଲୋକପରଂପରାରୁ ଆହୃତ ଚରିତ୍ର ଜୀବନର ସ୍ଥିତିବିନ୍ୟାସ ପାଇଁ ଉଦ୍ୟମ କରିବା ପୂର୍ବରୁ ହିଁ ଲକ୍ଷ୍ୟଭ୍ରଷ୍ଟ ହୋଇଚନ୍ତି । ଏକ ଚରମ ନିଃସଙ୍ଗତାବୋଧ ଏଇ ପରିପ୍ରେକ୍ଷୀରେ ସମଗ୍ର ଜୀବନାନୁବୋଧକୁ ଆକ୍ରାନ୍ତ କରିବସିଚି ।

"ଘୋଷବାବୁ, ଲିଲି ରଥ, ନଗରଲୋକ ଅନେକ ଜୀବନ
ମରୁ ପଦଚିହ୍ନ ସବୁ ଗହଳର ଠେଲାପେଲା ସତ୍ତ୍ୱେ ଆହା
ସବୁ ଯେ କେତେ ଏକାକୀ କେତେ ସାଥୀହୀନ ।" (୧୯)

ଦେବତାର ପୂଜାପାଠ ଆରାଧନା ସତ୍ତ୍ୱେ ବି ସେଇ ଅନ୍ଧକାର 'ଗ୍ରନ୍ଥି ଓ ରହସ୍ୟ' । ସେ ରାତିର କେବେ ଶେଷ ନାହିଁ—'କଳା ମିଶ୍ ମିଶ୍ ରାତି / ସମୁଦ୍ର କୂଆର ପିଏ / ନାହିଁ ଯାର କେବେ ହେଲେ ଶେଷ ।" (୨୦କ)

ଏ ନିଃସଙ୍ଗ, ବଣ୍ଡିଷିକାଗ୍ରସ୍ତ ଅନ୍ଧକାର ପରିବ୍ୟାପ୍ତ ହୋଇଗଲା ବେଳେ— "× × ଡାକେ ପୁଣି ଚମ୍ପାବତୀ / ଗୁଣୀ ଓ ଗାରେଡ଼ି ଯେତେ / ସମ୍ମୋହନ, ଉଚ୍ଚାଟନ / ବଶୀକରଣର ମନ୍ତ୍ର / ଚଉଷଠୀ କାମ କଳା / ଯେତେ ଦେହ ଗ୍ରନ୍ଥୀ ।" (୨୦ଖ)

ଯୁଗ ଓ ଜୀବନର ଅବକ୍ଷୟ ଜାତି ଓ ସଂସ୍କୃତିକୁ ଅଧଃପତନର ପଥକୁ ଟାଣିନିଏ । ଏହିଭଳି ଅବକ୍ଷୟର ସଙ୍କେତ ଏଲିୟଟ୍‌ଙ୍କ 'ଊଷର ଭୂମି' (Waste Land) ଗ୍ରନ୍ଥରେ ପ୍ରତିଫଳିତ । 'ଅଷ୍ଟପଦୀ'ର କାବ୍ୟ-ଭୂମି ସେହିଭଳି ସାମାଜିକ ଅବକ୍ଷୟର ସ୍ୱରରେ ପ୍ରତିଧ୍ୱନିତ ।

---

୧୯ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଅଷ୍ଟପଦୀ', 'ତ୍ରିଶଙ୍କୁର ମଧ୍ୟସ୍ୱର୍ଗ', ପୃ. ୫୦

୨୦ । (କ) ତତ୍ରୈବ, ପୃ. ୬୧

୨୦ । (ଖ) ତତ୍ରୈବ

"× × ଜରା ଓ ବାର୍ଦ୍ଧକ୍ୟ ରୋଗ, ବାଧକା ମାଡି ଅଇଲା ।
ଘରେ ନିଆଁ ଲାଗିଗଲା
ଫସଲ ଇନ୍ଦ୍ର ରାଜା କୋପରେ ନଷ୍ଟ ହେଲା
ବନ୍ଦଘର ପାଗରେ ବାଘ ମାଡିଲା
ଆଉ ମୋ ସନ୍ତାନ-ସନ୍ତତି କେଜାଣି ବଞ୍ଚିଲେନି । (୨୧)

ଏ ଜରା, ବ୍ୟାଧି, ରୋଗ ଓ ମୃତ୍ୟୁରୁ ରକ୍ଷା ପାଇବା ପାଇଁ ଆଧୁନିକ ତ୍ରିଶଙ୍କୁ ଆପ୍ରାଣ ଚେଷ୍ଟା କରେ । କିନ୍ତୁ ମୁକ୍ତି ତା' ପାଇଁ ସୁଦୂରପରାହତ । ସେଥିପାଇଁ କବିତାର ପରିଶେଷରେ ସମବେତ କଣ୍ଠସ୍ୱର—"ଆମର ସବୁଠୁ ସ୍ୱପ୍ନ / ସ୍ମୃତି ଯେତେ ହଜିଲା ପୃଥିବୀର / ଆମର ସବୁଠି ଆଶା, ଉଦ୍ଦୀପନା / ପ୍ରତିଶ୍ରୁତି ନୂତନ ସଂସାର ।" (୨୨)

ଅନ୍ତତଃ ପୃଥିବୀ ତା' ପାଇଁ ଏକ ପବିତ୍ର ସ୍ମୃତି ମାତ୍ର । ତା'ର ସ୍ୱପ୍ନ ଶେଷ । ଆଶା, ଉଦ୍ଦୀପନା ମୃତ । ନୂତନ ସଂସାର ରଚିବାର ପ୍ରତିଶ୍ରୁତି ଅସ୍ତମିତ । ସେଥିପାଇଁ ମୃତ୍ୟୁକୁ ସେ ଜୀବନ୍ମୃତ ଅପେକ୍ଷା ଅଧିକ ଶ୍ରେୟସ୍କର ମଣେ । ମାନବର ଏ 'ମୃତ୍ୟୁପ୍ରବୃତ୍ତି' (Death Drive) 'ଅଷ୍ଟପଦୀ'ର ଅନ୍ୟତମ କବିତା 'ରକ୍ତନଦୀ ସନ୍ତରଣ ପରେ'ରେ ସୂଚିତ । ପୌରାଣିକ ଦୁର୍ଯ୍ୟୋଧନଙ୍କର ବଞ୍ଚିବାର ଆକାଂକ୍ଷା ଥିଲା ପ୍ରବଳ । କିନ୍ତୁ ସାଂପ୍ରତିକ ଦୁର୍ଯ୍ୟୋଧନ ପକ୍ଷାନ୍ତରେ ଆଧୁନିକ ମାନବର ଜୀବନ ପ୍ରତି ବିମୁଖ ଓ ବୀତସ୍ପୃହ ।

"ଏତିକି ମିନତି ପ୍ରଭୁ
ଭୁଲାଇଦିଅ ହେ ମୋତେ
ଆସନ୍ନା କାଳର ସ୍ୱପ୍ନ
ଭୁଲିଯାଏ ସମସ୍ତ ଅତୀତ
କର ମୋତେ ଦୃଷ୍ଟିହୀନ, ଶ୍ରୁତିହୀନ, ମୂକ ଓ ନିର୍ବାକ

୨୧ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଅଷ୍ଟପଦୀ', 'ତ୍ରିଶଙ୍କୁର ମଧ୍ୟସ୍ୱର୍ଗ' ପୃ. ୭୯

୨୨ । ତତ୍ରୈବ, ପୃ. ୭୩

Digitized by srujanika@gmail.com

ରବର ଛଡି ଲିଭାଅ ସମସ୍ତ ରେଖା ଓ ଶବ୍ଦ
ପଡ଼ିରହୁ ଖାଲି ଗୋଟେ ନେତିର ପ୍ରତୀକ ।" (୨୩)

ଜୀବନ ପ୍ରତି ଏ ନେତିଧର୍ମୀ ଦୃଷ୍ଟିଭଙ୍ଗୀ ଆପାତତଃ ମନେହୁଏ ଏକ ଆତ୍ମଘାତୀ ମନୋବୃତ୍ତି, କାରଣ ବ୍ୟକ୍ତିସତ୍ତା ଏଠାରେ ନିଜେ ହିଁ ନିଜ ଜୀବନର କ୍ୟାନ୍‌ଭାସ୍‌କୁ ବିବର୍ଣ୍ଣ କରିଦେବା ପାଇଁ କାମନା କରେ । ଅତୀତ ଓ ଆସନ୍ତା ଦିନକୁ ସେ ବିସ୍ମୃତ ହେବାକୁ ଚାହେଁ । କିନ୍ତୁ ବର୍ତ୍ତମାନ ମଧ୍ୟ ତା'ପାଇଁ ସବୁଜ ସ୍ୱପ୍ନିଳ ନୁହେଁ, ତାହା ସ୍ୱୟଂ ଏକ 'ନେତିର ପ୍ରତୀକ ।' ନେତିଧର୍ମୀ ଏ ଅବକ୍ଷୟମାଣ କାଳରୁ ମୁକ୍ତ ହୋଇ ସେ ଏକ ଚିରନ୍ତନ ପ୍ରମୁକ୍ତି ଲୋଡ଼େ, ଗୁରୁପ୍ରସାଦଙ୍କ ଅନ୍ତର ଭଳି—"ତୁମ ଗଢ଼ା ପୃଥିବୀରୁ / ତୁମ ଭୃତ୍ୟ ନେଉ ଆଜି / ଅନ୍ତିମ ବିଦାୟ / ଏ ଦୀନ ଅନାଥେ କର / ଏତିକ କରୁଣା ବାରେ / ହେ କରୁଣାମୟ ।" (୨୪)

'କୁବୃଜା ପାଇଁ ଗୋଟିଏ ସଙ୍ଗୀତ'ରେ ମୃତ୍ୟୁଗ୍ରସ୍ତ ମାନବାତ୍ମାର ଅମୃତ କାମନା ବେଶ୍ ସ୍ପଷ୍ଟ ଓ ବଳିଷ୍ଠ । ତ୍ରାଣକର୍ତ୍ତା ଆର୍କିଟାଇପ୍ (Hero-Saviour)ର ପ୍ରୟୋଗ ମାଧ୍ୟମରେ ଅଭିଶପ୍ତ ମାନବାତ୍ମାକୁ ଶାପମୁକ୍ତ କରିବାର ପ୍ରୟାସ ତହିଁରେ ସୁସ୍ପଷ୍ଟ ।

କବିତାର ଉପୋଦ୍‌ଘାତରୁ ଏକ ପ୍ରତୀକ୍ଷମାଣ ହୃଦୟର ଆବେଗ ଲକ୍ଷ୍ୟ କରାଯାଏ—ନିର୍ମେଘ ଆକାଶ, ଯେଉଁଠାରେ ଏକ ମେଘମୟ ବେଳ ପାଇଁ ପ୍ରତୀକ୍ଷା । ମନ ଜରାଗ୍ରସ୍ତ । ରତ୍ନୁଚକ୍ରର ବିବର୍ତ୍ତନ ଧାରାରେ ଚଇତର ପତଝଡ଼ର କାରୁଣ୍ୟ । ଆକାଶର ମୁହଁ ଶୁଖିଲା, କାଉଁଦା । ଜରାଗ୍ରସ୍ତ ମନର କ୍ୟାନ୍‌ଭାସ୍‌ରେ ସମୟର ଆବର୍ତ୍ତନ ଯାହା ଭିତରେ ସଜଳ ବଉଦ ପାଇଁ ପ୍ରତୀକ୍ଷା—

"ଅନେକ ବର୍ଷ ଗୁହାଁଚି ମଥୁରାର ରାଜଦାଣ୍ଡେ
ନିର୍ମମ ନିର୍ମେଘ ଏଇ ନୀରବ ଶୂନ୍ୟ ଆକାଶେ

---

୨୩ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ରକ୍ତନଦୀ ସନ୍ତରଣ ପରେ', 'ଅଷ୍ଟପଦୀ', ପୃ. ୧୦୦

୨୪ । ତତ୍ରୈବ, ପୃ. ୧୦୧

Digitized by srujanika@gmail.com

କାଚ ଆଖି ଡୋଳା ନେଇ
ହାଡ଼ଭଙ୍ଗା ଜାଡ଼ର ବାଉଟେରେ
ଚଇତର ଝରାପତ୍ର କରୁଣ ରାଗିଣୀ
ଆକାଶ ପାଣିଚଆ ଶୁଖିଲା କାଉଁଦା ମୁହଁ
• ଜରାଗ୍ରସ୍ତ ସୀମିତ ଏ ମନର ଝରକା ପାଙ୍କେ
ଅସରନ୍ତ ସମୟର ଆବର୍ତ୍ତନେ
ଗଣି ଗଣି ବର୍ଷ, ମାସ, ଦିନ, ଦଣ୍ଡ, ପଳ ।
ନିଦାଘର ରୌଦ୍ର ଡେଇଁ ଗୁରୁଗମ୍ଭୀର ନିନାଦେ
ମନର ଦିଗନ୍ତେ କେବେ ଉଦେ ହେବ ବଉଦ ସଜଳ ।" (୨୫)

କବିତାର ପ୍ରଥମ ସ୍ତବକରେ ଏ ପ୍ରତୀକ୍ଷା ଯେ ଅଭିଶପ୍ତା କୁବୁଜାର, ତାହା ଦ୍ୱିତୀୟ ସ୍ତବକରେ ସ୍ପଷ୍ଟ ହୋଇଯାଏ—"ସୁଗନ୍ଧ ଗନ୍ଧ ଚନ୍ଦନ / ନିତ ନେଇ / ଭେଟେ ମୁଁ ଯେ / କଂସର ରାଜପୁରେ । ପ୍ରଜାପାଳକ ମୁଁ କରେ / ରାଜା ଦେହେ ସସ୍ନେ ଗନ୍ଧ ଲାଗି / ଆଜନ୍ମ ମୁଁ ଅଭିଆଡ଼ୀ / ସ୍ୱାମୀ ନାହିଁ ଶୂନ୍ୟ ମୋର କୋଳ ।" (୨୬)

କୁବୁଜା ହୃଦୟରେ ଏଇ ପରିପ୍ରେକ୍ଷୀରେ ଏକ ମର୍ମଦାହୀ ଜ୍ୱାଳା, ଏକ ଅସୀମ ଶୂନ୍ୟତାବୋଧ । ଏ ମର୍ମଦାହୀ ଜ୍ୱାଳା, ଏ ଅସୀମ ଶୂନ୍ୟତାବୋଧ କୁବୁଜା ହୃଦୟରୁ ସମଗ୍ର ମଥୁରା ନଗରଲୋକଙ୍କ ହୃଦୟକୁ ସଞ୍ଚରି ଯାଇଥିବା ଭଳି ମନେହୁଏ : "ପ୍ରାଣହୀନ ମଥୁରାରେ / ଅନେକ ମୃତ ହୃଦୟ / ଅଭିଶପ୍ତ ନଗରଲୋକେ / ଚନ୍ଦନରେ ଅଭିଳିପ୍ତ / ସତେ ଅବା ମୃତ ଦେହ, ମୃତ ପ୍ରାଣ ।" (୨୭)

---

୨୫ । ଶ୍ରୀ ସୀତାକାନ୍ତ ମହାପାତ୍ର : 'କୁବୁଜା ପାଇଁ ଗୋଟିଏ ସଙ୍ଗୀତ', 'ଅଷ୍ଟପଦୀ' ପୃ. ୧୦୯

୨୬ । ତତ୍ରୈବ

୨୭ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଅଷ୍ଟପଦୀ', 'କୁବୁଜା ପାଇଁ ଗୋଟିଏ ସଙ୍ଗୀତ' ପୃ. ୧୧୦

Digitized by srujanika@gmail.com

ବସ୍ତୁତଃ, ଏ ମଥୁରା ସାଂପ୍ରତିକ ପୃଥିବୀର ପ୍ରତୀକ । 'କଂସ' ପର୍ଯ୍ୟାୟରେ ପ୍ରତିକୂଳ ପରିବେଶଦ୍ୱାରା ଏହା ସାମଗ୍ରିକ ଭାବେ ଅତ୍ୟାଚାରିତ । ଏ ପ୍ରତିକୂଳ ପରିବେଶ ମଧ୍ୟରେ କୁବୁଜାର ଅଭୀପ୍‌ସିତ ସ୍ୱପ୍ନ—

"ଆଜ ସତେ ମଳୟ ଏ ପୋଡ଼ାଜଳା
ଅପରାହ୍‌ଣ ପ୍ରାନ୍ତରରେ
ଶ୍ୟାମଘନ ବଉଦର ପ୍ରାଣଛୁଆଁ ଗୀତ

× × ×

ମୋର ମନ ଯାଏ କଦମ୍ବ କୁସୁମ ସମ
ମୁକୁଳିତ ହୋଇ ।" (୨୮)

କୁବୁଜାର ମେଘମ୍ଳାନ ହୃଦୟରେ ଆଜ ମେଘମୟ ବେଳର ଉଦୟ । କାରଣ କୃଷ୍ଣ ଆଜ 'ପରିତ୍ରାତା' ରୂପେ ମଥୁରାରେ ପାଦ ଦେବେ, 'ଶ୍ମଶାନରେ ମଲ୍ଲହାଡ଼ରେ ସଙ୍ଗୀତର ଶିହରଣ ଖେଳିବ ।' ଏହି ଜୀବନଧର୍ମୀ ଶିହରଣ ତଥା ପ୍ରାଣପ୍ରାଚୁର୍ଯ୍ୟର ପୁନରାବର୍ତ୍ତନ ପାଇଁ ଅଭିଶପ୍ତ ସମଗ୍ର ମଥୁରାବାସୀ ସାମଗ୍ରିକ ଭାବେ ପ୍ରାର୍ଥନାରତ :

"ହେ ପରମ ଆତ୍ମମୂଳ
ତେଣୁ ଆଜ ମୁକ୍ତି ମାଗେ
ଅଭିଶପ୍ତ ମଥୁରାର ବନ୍ଦୀ ନରଲୋକ
ତୋ ଚରଣରେଣୁ ସ୍ପର୍ଶେ
ଝରିଯାଉ ଜୀବନର ଅସାର ନିର୍ମୋକ ।" (୨୯)

ଜୀବନର ଏ ଅସାର ନିର୍ମୋକ ଅପସରି ଯିବା ପରେ ହିଁ ଶୁଚି-ଶୁଭ୍ର ଚେତନାବୋଧ ଜନ୍ମନେବ । ମାନବାତ୍ମା ସେହି ଶୁଚି-ଶୁଭ୍ର ଚେତନାବୋଧର ପୁନରାବର୍ତ୍ତନ ପାଇଁ ଅଙ୍ଗୀକାରବଦ୍ଧ ।

'ମାଟି ଓ ମଣିଷ'ରେ କବି ଆଦ୍ୟଜନନୀ ଆର୍କିଟାଇପ୍‌ର ସଫଳ ପ୍ରୟୋଗ କରିଛନ୍ତି । ଆଦ୍ୟଜନନୀ ଆର୍କିଟାଇପ୍‌ର ଥିମ୍—ମୃତ୍ୟୁ ଓ ପୁନର୍ଜନ୍ମ (death &

---

୨୮ । ତତ୍ରୈବ, ପୃ. ୧୧୧ ୨୯ । ତତ୍ରୈବ, ପୃ. ୧୧୨

Digitized by srujanika@gmail.com

rebirth) । ମୃତବାଂ ମୃତ୍ୟୁଲୋକରେ ଅମୃତ ଆସ୍ପୃହା ତହିଁରେ ସୂଚିତ । କବିତାର ପ୍ରାରମ୍ଭରୁ ଏକ ମୃତ୍ୟୁମୁଖୀ ପରିବେଶ--

"ଭିତରେ ଖାଲି ଅଂଧାର
ଅଂଧାରର ଜନ୍ତୁ ସବୁ ଛନ୍ଦାଛନ୍ଦି ଘୁରେଇଭୁରେଇ
× × ×
ପଥରର ବନ୍ଦଶାଳା, ଭିତରେ ଅଂଧାର
× × ×
ଆକାଶରେ ବଳପିଡ ମାଳ ମାରବତା ।" (୩୦)

ପଥରର ବନ୍ଧଶାଳାରେ, ନିରନ୍ଧ୍ର ଅନ୍ଧକାରର ଏହି ସଞ୍ଚରଣ ଏକ ମୃତ୍ୟୁମୁଖୀ ଚେତନା ସଞ୍ଚାର କରେ । ମୃତ୍ୟୁଚେତନାର ଏହି ନିରବଚ୍ଛିନ୍ନ ସଞ୍ଚରଣ ବେଳେ ମାନବାତ୍ମାର ସକଳ ସ୍ୱପ୍ନ ଓ ସମ୍ଭାବନା କଭଳ ବିଡ଼ମ୍ବିତ ତାର ସୂଚନା ମିଳେ ପରବର୍ତ୍ତୀ ପର୍ଯ୍ୟାୟରେ :

"ସ୍ୱରସବୁ ବାରମ୍ବାର ଧକ୍କା ଖାଇ, ପିଚିହୋଇ
ପଥର କାନ୍ଥରେ ମାରିବଲେ,
ସ୍ୱପ୍ନସବୁ ଚର୍ବିତ କର୍କିର ପରି
ମଥା ପିଟି, ଡେଣା ପିଟି ବନ୍ଧ୍ୟା ବିସ୍ତାରରେ
ଝରିପଡ଼ି ମଲେ ।" (୩୧)

ମାନବର ଜୀବନ-ସ୍ୱପ୍ନ ବିଡ଼ମ୍ବିତ ହୋଇଥିବା ବନ୍ଧଶାଳାରେ ବସୁଦେବ ଓ ଦେବକୀ କାରାରୁଦ୍ଧ । ପ୍ରଥମ ପର୍ଯ୍ୟାୟରେ କାରାଗାରରେ ଏ ମୃତ୍ୟୁମୁଖୀ ପରିବେଶ, ଦ୍ୱିତୀୟ ପର୍ଯ୍ୟାୟରେ ଅନାକ୍ରାନ୍ତ । 'ମହାକାଳର ମୃତ୍ୟୁ' ଶୀର୍ଷକ କବିତାରେ କାଳର ଅବକ୍ଷୟ ଲିପିବଦ୍ଧ । କିନ୍ତୁ ତୃତୀୟ ପର୍ଯ୍ୟାୟରେ 'ପ୍ରେତାତ୍ମା'ର ଶୋଭାଯାତ୍ରା ଓ ପରିବୃତ୍ତିରେ ଉତ୍ପାଦିକା ଶକ୍ତି ସମ୍ପର୍କିତ କର୍ମାନୁଷ୍ଠାନ (fertility ritual) ମାଧ୍ୟମରେ ଶସ୍ୟହୀନ ଏ ପୃଥିବୀକୁ ଶସ୍ୟ-ଶ୍ୟାମଳ କରିବାର ସମ୍ଭାବନା ଉଜ୍ଜ୍ୱଳ :

୩୦ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଅଷ୍ଟପଦୀ', 'ମାଟି ଓ ମଣିଷ' ପୃ. ୨୩-୨୪

୩୧ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଅଷ୍ଟପଦୀ', 'ମାଟି ଓ ମଣିଷ' ପୃ. ୨୫

Digitized by srujanika@gmail.com

"ବସୁଦେବ ହକାରୁଚ
ହେ ଟୁଥିଙ୍ଗ, ହେ ଦେବଙ୍ଗ,
ମଧୁମଙ୍ଗ, ମଧୁଛର ହେ ଆଦିଜନନୀ
ସମସ୍ତ କଅଁଳା ପିଲ ଆମେ ସବୁ ଡାକମାରୁ
ଆଦିମାତା, ହେ ସିଞ୍ଚଲ୍, ସୁଆ ଓ ଇସ୍ତର୍
କେତେ ବଣବୁଦା ହାଣି ସଫା କରି ଡଙ୍ଗର ପାହାଡ଼
× × ଇଏ ମୋର ପ୍ରଥମ ବୀଜ ବପନ ।" (୩୨)

ଶସ୍ୟକ୍ଷେତ୍ରରେ ଫସଲର ପ୍ରାଚୁର୍ଯ୍ୟ ପାଇଁ ସେ ମେରିଆ ବଳିଦେଇଛି—

"ଦଶହରା ଆଗରୁ ମୁଁ ନଣ୍ଡା କଲି କେଶ କାଟି
ମେରିଆର ମୁଣ୍ଡ, ନୂଆ ଲୁଗା ପିନ୍ଧାଇଲି
ଦେହରେ ତା ତେଲ, ଘିଅ, ହଳଦୀ ବୋଳିଲି
ସଜାଇଲି ବାଅଁ ଘର ନାନା ଜାତି ଜଙ୍ଗଲି ଫୁଲରେ
× × ×
ଫସଲ ଓ ଭଲପାଗ ବିଦ୍ୟସୁଖ ବର ମାଗି
ଦମୁଁ ଓ ଦର୍ତ୍ତିମାଠାରୁ ।" (୩୩)

କିନ୍ତୁ ଅଭିଶପ୍ତ ଏ ମାଟି ତଥାପି ଶୂନ୍ୟ । ଏଇ ପରିପ୍ରେକ୍ଷୀରେ ମଣିଷର ଚରମ ନୈରାଶ୍ୟବୋଧ—"ଶସ୍ୟ କାହିଁ ? / ସ୍ୱପ୍ନ କାହିଁ ? ରସ କାହିଁ ? ତଥାପି ତ ଶୂନ୍ୟ ଏ କିଆରି ?" ତା'ପରେ ମଣିଷର ଆର୍ତ୍ତି ଚିତ୍କାର—"ହେ ଅପଦେବତା ମୋର / ଫିଙ୍ଗସୀସୁ କାର୍ଥାଜେନ୍ : ଡୁଇଡ୍ ଓ ଆଜ୍‌ଟେକ୍ / ଜାଗୁଳେଇ / ବାସୁଳେଇ / ହରଚଣ୍ଡୀ / ରାମଚଣ୍ଡୀ / ମଙ୍ଗଳା / ବିମଳା / ସବୁ ତ ଖାଇଲୁ ବଳି—ରକ୍ତ, ମାଂସ, ଅସ୍ଥି, ମେଦ, ମଜ୍ଜା / ଉଷୁମ କଅଁଳା ପିଲ / ରକ୍ତ, ମାଂସ ସବୁ ଦେଲି ତୋତେ / ବାହୁନି ଫଟାଇବାକୁ ନିରବଚ୍ଛିନ୍ନ ଏ ନୀଳ ଆକାଶ ।" (୩୪)

---

୩୨ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଅଷ୍ଟପଦୀ', 'ମାଟି ଓ ମଣିଷ', ପୃ. ୩୦

୩୩ । ତତ୍ରୈବ, ପୃ. ୩୧

୩୪ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଅଷ୍ଟପଦୀ', 'ମାଟି ଓ ମଣିଷ', ପୃ. ୩୨–୩୩

Digitized by srujanika@gmail.com

କବି ଆଦ୍ୟଜନନୀ ଆର୍କିଟାଇପ୍‌ର ଅପଦେବତା ମୂର୍ତ୍ତିଟିକୁ ଏଠାରେ ଅଭିବ୍ୟଞ୍ଜିତ କରିଚନ୍ତି । ଅପଦେବତାର ସନ୍ତାନ-ସ୍ନେହ ମୃତ୍ୟୁଶଙ୍କା ସୃଷ୍ଟି କରେ । କବିତାର କ୍ୟାନ୍‌ଭାସ୍‌ରେ ଏଭଳି ମୃତ୍ୟୁଶଙ୍କା ସଞ୍ଚରୁଥିବା ବେଳେ, ହଠାତ୍ ଏକ ଛାୟାର ଆବିର୍ଭାବ ଘଟେ । ସେ ଛାୟା ଅନ୍ୟ କେହି ନୁହେଁ—ସେ ମଣିଷର ନିଜସ୍ୱ ସତ୍ତା, ତା'ର ଛାୟା-ଇଗୋ (shadow-ego) । ସ୍ୱୟଂ କଂସାସୁର ଅହେତୁକ ଜୈବିକ ମୋହରେ ଅବଶେଷରେ ସେ ନିଜକୁ ହିଁ ନିଜେ ହତ୍ୟା କରେ । କିନ୍ତୁ ଏ ହତ୍ୟା ଓ ମୃତ୍ୟୁ ଆଦ୍ୟଜନନୀ ଆର୍କିଟାଇପ୍‌ର ଏକ ପାର୍ଶ୍ୱିକ ଚେତନା । ଏହି ଚେତନାର ଅନ୍ୟ ଏକ ପାର୍ଶ୍ୱ ମଧ୍ୟ ରହିଚି— ତାହା ହେଉଚି ପୁନର୍ଜନ୍ମ । ସେଥିପାଇଁ 'ଦୁଃସ୍ୱପ୍ନର ରାତ୍ରି'ରେ ମୃତ୍ୟୁର ହିମଶୀତଳତା ଛୁଇଁଯାଇଥିଲେ ମଧ୍ୟ 'ପ୍ରତିଧ୍ୱନି'ରେ ଆଶା ଓ ଆଶ୍ୱାସନାର ସଙ୍କେତ ପ୍ରମୂର୍ତ୍ତ । ମୃତ୍ୟୁହୀନ ମାଟି ଓ ଆକାଶର ଚିରନ୍ତନ ସ୍ଥିତି ମଧ୍ୟରେ ଏହା ସୂଚିତ ।

"ମୃତ୍ୟୁ ନାହିଁ ଆକାଶର, ଯାଦୁକରୀ ଆକାଶର
ମୃତ୍ୟୁ ନାହିଁ ଏ ମାଟିର, ତା'ର ଆଉ ଫସଲର
ମେଘ ଆଉ ସମୁଦ୍ର ହାଓ୍ୱାର ।" (୩୫)

ଏହିଭଳି ଏକ ଶୁଭଲଗ୍ନରେ ଦେବକୀ ପୁଣି ଥରେ ସନ୍ତାନସମ୍ଭବା । ତାଙ୍କର ଅଷ୍ଟମ ଗର୍ଭରେ ଶ୍ରୀକୃଷ୍ଣ ଜନ୍ମ ନେବେ ଶାନ୍ତି ଓ ସ୍ୱସ୍ତ୍ୟୟନର ପ୍ରତିଷ୍ଠା ପାଇଁ । ବନ୍ଧ୍ୟା ଭୂମି ଶସ୍ୟଶ୍ୟାମଳା ହେବ । ବନ୍ଦୀ ମାନବାତ୍ମାର ପ୍ରମୁକ୍ତି ପ୍ରସରିବ ।

"ଫସଲର ନିମନ୍ତ୍ରଣ, ରଜସ୍ୱଳା ମାଟିର ଆହ୍ୱାନ
ଅଷ୍ଟମ ଗର୍ଭର ସ୍ୱପ୍ନ ଲୁହା ଆଉ ପଥରର
ପରିଧି ଓ ଅନର୍ଗଳ କଳଣୀକୁ ଜିଣି
× × × ×
ପ୍ରତିଧ୍ୱନି ଫେରିଆସେ କୁସୁମିତ କୋଳାହଳେ
ସବୁଜ କ୍ଷେତ୍ରରେ
× × × ×
ପ୍ରତିଧ୍ୱନି—ଉତ୍ସବ ସେ ସୌମ୍ୟରୂପ ।" (୩୬)

---

୩୫ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଅଷ୍ଟପଦୀ', 'ମାଟି ଓ ମଣିଷ', ପୃ. ୪୫

୩୬ । ତତ୍ରୈବ, ପୃ: ୩୬-୩୭-୪୫

Digitized by srujanika@gmail.com

ଅବକ୍ଷୟଗ୍ରସ୍ତ ପୃଥିବୀରେ ସତ୍ୟ ଶିବ ସୁନ୍ଦରର ସଂସ୍ଥାପନା ପାଇଁ ଏ ଅରୁଣିମ ସୂର୍ଯ୍ୟୋଦୟ । 'ଅଷ୍ଟପଦୀ'ର ମୃତ୍ୟୁଲୋକରେ ସେଥିପାଇଁ ମୃତ୍ୟୁ ଶେଷ ସତ୍ୟ ନୁହେଁ, ଏକ ଚିରନ୍ତନ ଅମୃତ କାମନା ହିଁ ଏଠାର ଅଭୀପ୍ସିତ ସତ୍ୟ । 'ଶବ୍ଦର ଆକାଶ'ରେ ଏ ଅମୃତ ଆସ୍ପୃହା, ମୋକ୍ଷ ଓ ଉତ୍ତରଣ ପ୍ରସ୍ତାବନା ମଧ୍ୟରେ ପ୍ରଲୀନ ।

'ଶବ୍ଦର ଆକାଶ'ର ମିଥ୍-ଚେତନାରେ ମୋକ୍ଷ ଓ ଉତ୍ତରଣ ପ୍ରସ୍ତାବନା—

'ଶବ୍ଦର ଆକାଶ'ର ଗୀତିଗୁଚ୍ଛରେ 'କୁରୁକ୍ଷେତ୍ର', 'ଶରଶଯ୍ୟା' ଓ 'ଅଭିମନ୍ୟୁ' ଶୀର୍ଷକ ତିନୋଟି ମିଥ୍‌ଧର୍ମୀ କବିତା ସଂକଳିତ ।

'ଶବ୍ଦର ଆକାଶ'ର 'କୁରୁକ୍ଷେତ୍ର' ସାଂପ୍ରତିକ ବିଶ୍ୱର ପ୍ରତିଭୂ । ଏ କୁରୁକ୍ଷେତ୍ରରେ ମଣିଷ ନିୟତିର କ୍ରୀଡ଼ନକ । ଜୀବନଧାରଣ ପାଇଁ ତା'ର ଯେଉଁ ନଖଦନ୍ତ ସଂଗ୍ରାମ, ତହିଁରେ ସେ ନିମିତ୍ତମାତ୍ର । କବିତାର ଉପୋଦ୍‌ଘାତରେ ସାଂପ୍ରତିକ କାଳର ଏ ଅବକ୍ଷୟକୁ ସ୍ପଷ୍ଟଭାବେ ସୂଚାଇ ଦିଆଯାଇଛି—

> "ସଂଜର ଖୋଷା ଭିତରେ ଗୋଟିପୋକ
> ଘୁମୋଉଥିଲି ଏକଲା ବାରଂଡାର ଗୋଟିଏ କଣରେ
> ସାମ୍ନାରେ ମହାଶ୍ମଶାନ, ଦିନଟିର ଯୁଦ୍ଧକ୍ଷେତ୍ର
> କୁହୁଡ଼ି ଓ ଅଂଧାରରେ ନିଭିଆସୁଥିଲି ।" (୩୭)

'ସଂଜର ଖୋଷା' ସାଂପ୍ରତିକ ଅବକ୍ଷୟଗ୍ରସ୍ତ ପରିବେଶକୁ ପ୍ରତୀକାୟିତ କରେ । ଏ ଅବକ୍ଷୟଗ୍ରସ୍ତ ପରିବେଶ ଭିତରେ ମଣିଷ ମଣିଷ ନୁହେଁ; ସେ ଖୋଷା ଭିତରର ଗୋଟିପୋକ । ସାମ୍ନାରେ ମହାଶ୍ମଶାନ—କୁରୁକ୍ଷେତ୍ର । ପ୍ରତ୍ୟେକ ଦିନ ତା' ପାଇଁ ଏକ କୁରୁକ୍ଷେତ୍ର । କୁହୁଡ଼ି ଓ ଅନ୍ଧାରରେ ତା'ର ସ୍ଥିତି ଶେଷପ୍ରାୟ । ଆଉ ଏକ ସୂର୍ଯ୍ୟସ୍ନାତ ଦିନର ପ୍ରତ୍ୟାବର୍ତ୍ତନ ତା' ପାଇଁ ବିଡ଼ମ୍ବିତ । ତା'ର 'ସଜ ଛନଛନ ସ୍ୱପ୍ନ' ସେଥିପାଇଁ କବନ୍ଧ ପାଲଟେ । 'ନେଳି ନେଳି ଆଶା' ପକ୍ଷାନ୍ତରେ ବର୍ଣ୍ଣାଢ଼୍ୟ ଜୀବନ-ସ୍ୱପ୍ନ ଅସ୍ତଯାଏ । ସବୁଠାରୁ

୩୭ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଶବ୍ଦର ଆକାଶ', 'କୁରୁକ୍ଷେତ୍ର', ପୃ. ୩୮

Digitized by srujanika@gmail.com

ଅଧିକ ଦୁଃଖଦାୟକ ଇତିବୃତ୍ତ ହେଉଛି, ଏ ଯନ୍ତ୍ରଣାମୟ ପରିବେଶରୁ ମୁକ୍ତିପାଇବାକୁ ଚେଷ୍ଟା କଲେ ମଧ୍ୟ ସେ ମୁକୁଳି ପାରେନି; କାରଣ ସାମନାରେ ଲକ୍ଷ୍ମଣର ତିନି ଗାର—ସାମାଜିକ ପରିମଣ୍ଡଳର ରକ୍ତଚକ୍ଷୁ।

କିନ୍ତୁ କବିତାର ଦ୍ୱିତୀୟ ପର୍ଯ୍ୟାୟରେ—"ସେ ଆସିଲି କୁନିଝିଅ / ହାତ ଧରି ଟାଣି ଟାଣି ନେଲି ମୋତେ / ଆଜି ଗୋଟେ ସମରଭୂଇଁକୁ / ସ୍ନିଗ୍ଧ ତରଳ ଜକ୍ଳ ତା'ର / ଅନ୍ଧାରରେ ବାଟ କଢ଼େଇଲି / ସେ ଯେମିତି ମୋ ମାଷ୍ଟର / ମୁଁ ତା'ର ଅତି ବାଧ ପିଲି।" (୩୮)

'କୁନିଝିଅ' ଏଠାରେ ନିଷ୍ପତ୍ତିର ପ୍ରତୀକ। ସମରଭୂଇଁରେ ସମରୋତ୍ତୀର୍ଣ୍ଣ ବିଶ୍ୱର ଧ୍ୱଂସସ୍ତୂପ ମଧ୍ୟରେ କବିସତ୍ତା ଦ୍ୱନ୍ଦ୍ୱଗ୍ରସ୍ତ ସାଂପ୍ରତିକ କାଳର ବିଭୀଷିକା ଓ ଅବକ୍ଷୟକୁ ପ୍ରତିବିମ୍ବିତ କରେ। କିନ୍ତୁ ମାନବୀୟ ମୂଲ୍ୟବୋଧ ହିଁ ଶଂସିତ ମିଥ୍‌ଚେତନାର ପ୍ରତିପାଦ୍ୟ ସତ୍ୟ। ସେଥିପାଇଁ ଅନ୍ଧାରରେ କବିସତ୍ତା କ୍ରମଶଃ ନିଷ୍ପ୍ରଭ ହୋଇ ଆସୁଥିବା ବେଳେ, 'ସମୁଦ୍ରର ଶୂନ୍ୟତାରେ ଚନ୍ଦ୍ରମାର ପ୍ରଥମ କିରଣ' ଭଳି ତା'ର ହସ ସଞ୍ଚରିଯାଏ। ମୃତ୍ୟୁଗ୍ରସ୍ତ ମାନବାତ୍ମା ସେ ସ୍ନିଗ୍ଧ ଜ୍ୟୋତିରେ ପ୍ରଜ୍ୱଳିତ ହୁଏ।

'ଅଭିମନ୍ୟୁ' ଶୀର୍ଷକ କବିତାର 'ଅଭିମନ୍ୟୁ' ପୌରାଣିକ ଅଭିମନ୍ୟୁର ଏକ ଆଧୁନିକ ସଂସ୍କରଣ। 'ମହାଭାରତ'ର ଅଭିମନ୍ୟୁ ସପ୍ତରଥୀଙ୍କ ଚକ୍ରବ୍ୟୂହ ମଧ୍ୟରେ ବନ୍ଦୀ। କିନ୍ତୁ ସଂଗ୍ରାମୀ ଯୋଦ୍ଧା ଭଳି ଶେଷପର୍ଯ୍ୟନ୍ତ ସେ ନିଜର କର୍ତ୍ତବ୍ୟରେ ଅବିଚଳିତ। ସୁତରାଂ ମୃତ୍ୟୁ ତା'ପାଇଁ ଅମୃତର ଏକ ସୋପାନ। ଅଥଚ ସାଂପ୍ରତିକ କାଳର ଅଭିମନ୍ୟୁ ଯୁଗ ଓ ଜୀବନର ଚକ୍ରବ୍ୟୂହରେ ଅହରହ ଯନ୍ତ୍ରଣାଗ୍ରସ୍ତ ଓ ଜୀବନ୍ମୃତ। ଅବକ୍ଷୟଗ୍ରସ୍ତ ପରିବେଶର ନାଗପାଶରେ ସେ ବନ୍ଦୀ। 'ପଞ୍ଚତନ୍ତ୍ର'ର ବନ୍ଦିନୀ କପୋତ ଚିତ୍ରଗ୍ରୀବ ଭଳି ସେ ମୁକ୍ତି କାମନା କରେନାହିଁ, କାରଣ ମୁକ୍ତି ତା' ପାଇଁ ସ୍ୱପ୍ନ। 'ପଞ୍ଚତନ୍ତ୍ର'ର ଆକାଶ ଭଳି ଏ ଆକାଶ ମଧ୍ୟ ସୁନୀଳ ନୁହେଁ, ପ୍ରଶାନ୍ତ ଅଥବା ପରିବ୍ୟାପ୍ତ ନୁହେଁ। ଏ ଆକାଶ ଶ୍ୱାସରୁଦ୍ଧ ଏକ ମୃତ ଇଲାକା—"ଆକାଶ ଓ ପବନରେ / ଏବେ ସୋରିଷଟେ ଫିଙ୍ଗିବାକୁ ଜାଗା ନାହିଁ / ଦରନିଭା ଆଶା ଓ ଦରପୋଡ଼ା

୩୮। ଶ୍ରୀ ସୀତାକାନ୍ତ ମହାପାତ୍ର; 'ଶବ୍ଦର ଆକାଶ', 'କୁରୁକ୍ଷେତ୍ର', ପୃ. ୩୮

Digitized by srujanika@gmail.com

ସ୍ନାୟୁର ସଂଘାତରେ / ଶ୍ୱାସରୁଦ୍ଧ, ମୃତ ଏ ଇଲାକା / ଯା ଭିତରେ ଚିତ୍ତଣା ତ ଝାଡ଼ଜଙ୍ଗଲ । ଜାଲ ଭଲ ଉଠିବ କେମିତି ?" (୩୯)

ବସ୍ତୁତଃ, ଏ ଜାଲ ଏକ ସୁନିର୍ଦ୍ଦିଷ୍ଟ ଭୂମିଖଣ୍ଡ ଭିତରେ ସୀମାବଦ୍ଧ ନୁହେଁ—ସମଗ୍ର ବିଶ୍ୱଚେତନାକୁ ଏହା ପରିବ୍ୟାପ୍ତ । "ଏ ଜାଲରେ ସବୁ ରାସ୍ତା / ବିଭିନ୍ନ ପୃଥିବୀ / ଆଉ ବିଭିନ୍ନ ସମୁଦ୍ର / ପାଦୁକରେ ମୁହଁ ଜାକି / ଫେଡେ ତୃଷ୍ଣା / ଚେରର ଅନ୍ଧାର ।" (୪୦) ପଂକ୍ତିରେ ଏହା ପ୍ରମୂର୍ତ୍ତ ।

ପାରସ୍ପରିକ ଅବିଶ୍ୱାସବୋଧ, ଅବକ୍ଷୟ ଓ ବେଦନା ମଧ୍ୟରେ ମଣିଷର ଜୀବନ ଓ ଚେତନା ସ୍ପନ୍ଦିତ ନୁହେଁ; ପକ୍ଷାନ୍ତରେ ସରୀସୃପଧର୍ମୀ । ସଂସାର-ସମୁଦ୍ରରେ ତରଙ୍ଗ ପରେ ତରଙ୍ଗ ଡେଇଁ ଆଗେଇଗଲାବେଳେ ଏ ଅଗ୍ରଗତି ତା'କୁ ଆପାତତଃ ଅଗ୍ରଗତି ଭଳି ମନେହେଉଥିଲେ ମଧ୍ୟ ଏହା ତା'ର ଅଗ୍ରଗତି ନୁହେଁ । ତଥାକଥିତ ଅଗ୍ରଗାମୀ ମଣିଷ ଏଠାରେ ଗ୍ରୀକ୍ ମିଥ୍‌ର ସିସିଫସ୍ ଭଳି ପର୍ବତର ଶୀର୍ଷଦେଶରେ ପ୍ରସ୍ତର ଖଣ୍ଡଟି ଅବସ୍ଥାପିତ କରିବାର ଅବ୍ୟବହିତ ପୂର୍ବରୁ ହିଁ ଭୂମିସାତ୍ ହୁଏ । ଆଧୁନିକ ଅଭିମନ୍ୟୁ ଜୀବନର ଏହି ଅନିବାର୍ଯ୍ୟ ପରିଣତି ସମ୍ପର୍କରେ ଅନବହିତ ନୁହେଁ—ପକ୍ଷାନ୍ତରେ ତୀବ୍ର ସଚେତନ । ସୁତରାଂ ବ୍ୟାଧିର ଜାଲକୁ, ସଂସାରର ଚକ୍ରବ୍ୟୂହକୁ ସେ ସ୍ୱାଭାବିକ ଭାବେ ସ୍ୱୀକୃତି ଦିଏ ।

'ଶରଶଯ୍ୟା'ରେ କିନ୍ତୁ ଏ ଜୀବନ୍ମୃତ୍ୟୁରୁ ପ୍ରମୁକ୍ତି ଓ ପରିପ୍ରେକ୍ଷୀରେ ମୋକ୍ଷ ଓ ଉତ୍ତରଣର ସ୍ୱର ସୁସ୍ପଷ୍ଟ । ଭୀଷ୍ମ ଏଠାରେ ଉଚ୍ଚାଙ୍ଗ ମାନବୀୟ ମୂଲ୍ୟବୋଧର ପ୍ରତିଭୂ । ଭୀଷ୍ମ ଏଠାରେ ପ୍ରଚଣ୍ଡ ସ୍ପର୍ଦ୍ଧା ଓ ପୌରୁଷର ମୂର୍ତ୍ତିମାନ୍ ପ୍ରତୀକ । ଅଥଚ ଏ ପୃଥିବୀରେ ଉଚ୍ଚାଙ୍ଗ ଚେତନାର ସାୟୁଜ୍ୟ ସମୁଚ୍ଛିନ୍ନ । ସମୟର ଜରାୟୁ ବନ୍ଧ୍ୟା । ମନୁଷ୍ୟର ସ୍ୱପ୍ନପ୍ରବଣତା ବିଡ଼ମ୍ବିତ । ସୁତରାଂ କବିଙ୍କର ଆହ୍ୱାନ—

---

୩୯ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଶବ୍ଦର ଆକାଶ', 'ଅଭିମନ୍ୟୁ', ପୃ. ୫୩

୪୦ । ତତ୍ରୈବ, ପୃ. ୫୫

Digitized by srujanika@gmail.com

"ତେଣୁ ହେ ପୃଥିବୀ : ଅଗ୍ନିର ବନ୍ଧିରେ ତୁଅ ଧାତ୍ରିମାନ
ନପୁଂସକ ସମୟର ଜଠରପୁଟରେ
ବଂଚ ନାହିଁ ଆଉ ବଂଚ ନାହିଁ
ମିଛଟାରେ ସ୍ୱପ୍ନର ବନ୍ଧନ ।" (୪୧)

'ଭୀଷ୍ମ' ଏହି କବିତାରେ ସଂଗ୍ରାମୀ ମାନବାତ୍ମାର ପ୍ରତୀକ । ସେ ଶର ତ୍ୟାଗ କରୁଚି ମୃତ୍ୟୁର ଇଲାକାରୁ ମୁକ୍ତହୋଇ ଅମୃତର ସ୍ତୋତ୍ର ଗାଇବା ପାଇଁ । ଏଣୁ ମୋକ୍ଷ ଓ ଅନ୍ତିମ ଉତ୍ତରଣ ପାଇଁ ତାଙ୍କର ଅନ୍ତିମ ଶଯ୍ୟା ଉଦ୍ଦିଷ୍ଟ ।

'ସୂର୍ଯ୍ୟପୂଜା'ର ମିଥ୍‌ଚେତନାରେ ସୂର୍ଯ୍ୟଦୀପ୍ତ ଜୀବନବୋଧ—

'ସୂର୍ଯ୍ୟ-ପୂଜା' କବି ଶ୍ରୀ ସୀତାକାନ୍ତ ମହାପାତ୍ରଙ୍କ ଚତୁର୍ଥ ଗୀତିଗୁଚ୍ଛ ସଙ୍କଳନ 'ସମୁଦ୍ର'ର ଏକମାତ୍ର ମିଥ୍‌ଧର୍ମୀ କବିତା, ଯହିଁରେ ଏକ ସୂର୍ଯ୍ୟଦୀପ୍ତ ଜୀବନ-ବୋଧର ଉଦ୍‌ବର୍ତ୍ତନ ପାଇଁ ଆକୁଳ ଆକୂତି ମୂର୍ତ୍ତିମନ୍ତ । ଭାରତୀୟ ସଂସ୍କୃତି-ଚେତନାରେ 'ସୂର୍ଯ୍ୟ' ଶକ୍ତିର ଉତ୍ସ । ସୂର୍ଯ୍ୟ ଉପାସନା ରୋଗ ଓ ଶୋକ ନିବାକରଣ କରି ଶକ୍ତି ଓ ସ୍ଫୂର୍ତ୍ତି ପ୍ରଦାନ କରେ; ନୂତନ ଜୀବନ-ଉଚ୍ଛ୍ୱାସ ଜାଗ୍ରତ କରାଏ । ଏଭଳି ସୂର୍ଯ୍ୟପୂଜା କରିଥିଲେ କୁଷ୍ଠବ୍ୟାଧିଗ୍ରସ୍ତ ଭାରତୀୟ ପୁରାଣ ପରଂପରାର ଶାମ୍ବ । ଜୀବନ୍ମୃତ ସାଂପ୍ରତିକ ପୃଥିବୀକୁ ପ୍ରାଣପ୍ରାଚୁର୍ଯ୍ୟପୂର୍ଣ୍ଣ କରିବା ପାଇଁ ସୂର୍ଯ୍ୟପୂଜା ଏକାନ୍ତ ଅପରିହାର୍ଯ୍ୟ । ଅଥଚ ସରୀସୃପଧର୍ମୀ ଏହି ପୃଥିବୀ ସୂର୍ଯ୍ୟଙ୍କର ସ୍ଥିତି ସଂପର୍କରେ ମଧ୍ୟ ଅନବହିତ । କବି ଏଇ ପରିପ୍ରେକ୍ଷୀରେ କହନ୍ତି—

"ଏମାନେ ଜାଣିନାହାନ୍ତି...
ଆଲୁଅ କେମିତି ମିଶେ ପାଣି ଆଉ ପବନରେ ଓ ପାଲଟେ
ସାବୁଜା ରଙ୍ଗ ଘାସର ଗୁଦର । ତାଳପତ୍ରରେ ଯିଏ
ସୁଅ ହୋଇ ବହୁଥାଏ ସମ୍ରାଟଙ୍କ ସିଂହାସନ ଆଡ଼େ ।" (୪୨)

---

୪୧ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଶବ୍ଦର ଆକାଶ', 'ଶରଶଯ୍ୟା', ପୃ. ୪୩

୪୨ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ସମୁଦ୍ର' : 'ସୂର୍ଯ୍ୟପୂଜା', ପୃ. ୪

Digitized by srujanika@gmail.com

'ଶାମ୍ବ' ଶଂସିତ କବିତାରେ ମୁକ୍ତିଚେତନାର ବାର୍ତ୍ତାବହ । ସେଥିପାଇଁ ସେ ଆହ୍ୱାନ ଦିଅନ୍ତି—

"× × ଉତ୍ତରବାର କ'ଣ ଅଛି
ଶସ୍ୟଦାନ, ଅନ୍ନଦାନ, ଦଂସଦାନ ଘଟିପାରେ ।
କିନ୍ତୁ ସେ ସମ୍ରାଟ
ଯଦି କରୁଣା କରନ୍ତି, ସବୁ ପାପ, କୁଷ୍ଠ ଓ ଅନ୍ଧାର
ଶେଷ ହୁଏ । ଧବ୍ ଧବ୍ ଜଳଉଠେ ପ୍ରାଣର ଆଲୁଅ ।" (୪୩)

ସୁତରାଂ ଅସତ୍‌ରୁ ସତ୍, ତମିସ୍ରାରୁ ଆଲୋକ ଓ ମୃତ୍ୟୁରୁ ଅମୃତାପ୍ସିତ ଚେତନାକୁ ଯାତ୍ରା କରିବା ପାଇଁ ସୂର୍ଯ୍ୟ ପକ୍ଷାନ୍ତରେ ଶକ୍ତି-ଉତ୍ସର ଆବାହନ ଲାଗି ଶଂସିତ ସୃଷ୍ଟିରେ ଏକ ଅଙ୍ଗୀକାରବୋଧ ପ୍ରମୂର୍ତ୍ତ ।

'ଚନ୍ଦ୍ରନଦୀ'ର 'ପରକୀୟା'ରେ ଏ ଅଙ୍ଗୀକାର କିନ୍ତୁ ବଡ଼ ବିଷାଦଗ୍ରସ୍ତ । ମୃତ୍ୟୁ ଓ ଜୀବନର ବାସ୍ତବ ସ୍ୱରୂପ ପରିପ୍ରେକ୍ଷୀରେ ଏହା ଉନ୍ମୋଚିତ ।

'ଚନ୍ଦ୍ରନଦୀ'ର 'ପରକୀୟା'ରେ ଜୀବନ ଓ ମୃତ୍ୟୁଚେତନାର ସ୍ୱରୂପ—

କବି ଶ୍ରୀ ମହାପାତ୍ରଙ୍କ କବିତାର 'ପରକୀୟା' ଶୀର୍ଷକ ଆପାତତଃ ବୈଷ୍ଣବ ପରକୀୟା ପ୍ରେମତତ୍ତ୍ୱର ଏକ ଭାଷ୍ୟ ଭଳି ମନେହୁଏ । କବିତାର ଉପୋଦ୍‌ଘାତରୁ ପରିଣତିର ଅବ୍ୟବହିତ ପର୍ଯ୍ୟନ୍ତ ଅନୁରୂପ ଚେତନାବୋଧ ପ୍ରଲମ୍ବିତ । କିନ୍ତୁ ପରିଣତିମୁଖୀ ଶେଷ ପର୍ଯ୍ୟାୟରେ ଏହି ଚେତନାରୁ ଭିନ୍ନ ଏକ ବିପରୀତଧର୍ମୀ ଚେତନାର ସଞ୍ଚରଣ ପାଠକ ମାନସରେ ଏକ ପ୍ରଚଣ୍ଡ ବିସ୍ଫୋରଣ ସୃଷ୍ଟି କରେ ।

"ଏ କି ଅଘଟଣ ଶ୍ୟାମଘନ ଶୋଇଚନ୍ତି ତାଙ୍କ
ଗହଣରେ । ନମ୍ବା କଳ ନୁଖୁରା ମୁଣ୍ଡରେ ପୁଣି
ସ୍ତ୍ରୀଲୋକଙ୍କ ପରି ବାଳ
ସୋରିଷଫୁଲିଆ ଧୋତି, ମୟୂରପିଞ୍ଛ ମୁକୁଟ
ଫୁଲହାର କଣ୍ଠ ନାହିଁ

୪୩ । ଚନ୍ଦ୍ରଦୈବ, ପୃ. ୬

Digitized by srujanika@gmail.com

"ପରିଧାନ ଶରୀ ଗେଞ୍ଜି, ଶିଏ କଣା ସାବ୍‌ଜା ଲୁଙ୍ଗି
ପାଉଡ଼ର ରଙ୍ଗ ବୋଳା କଳା ମୁହଁ କୁଞ୍ଚିତ ବକଳ।" (୪୪)

ଅଥଚ କବିତାର ଉପୋଦ୍‌ଘାତରୁ ପରବର୍ତ୍ତୀ ସମସ୍ତ ବିକାଶ ଓ ବିବର୍ତ୍ତନ ଧାରା ମଧ୍ୟରେ ଏଯାବତ୍ ଶ୍ରୀକୃଷ୍ଣଙ୍କ ରୂପ ଶ୍ୟାମସ୍ନିଗ୍‌ଧ ରୂପେ ଚର୍ଚ୍ଚିତ ହୋଇଥିଲା । ଏହି ସ୍ନିଗ୍‌ଧ ଶ୍ୟାମଙ୍କ ପ୍ରତି ମମତ୍ୱବୋଧ ଓ ସାଂସାରିକ ବନ୍ଧନର ଦ୍ୱୈତ ସତ୍ତା ମଧ୍ୟରେ କବିତାଟି ଏଯାବତ୍ ଏକ ପ୍ରଣୟଧର୍ମୀ କବିତା ରୂପେ ପ୍ରତିପାଦିତ ହୋଇ ଆସିଥିଲା । ସେଥିପାଇଁ 'ପରକୀୟା'ର କାବ୍ୟ-ନାୟିକା ସ୍ୱାମୀ ଓ ସନ୍ତାନର ସଂସାର ଭିତରେ ଏକ ଚରମ ଶୂନ୍ୟତା ଅନୁଭବ କରେ ।

"ଏଠି କଣା, ତା' ପାଖକୁ ଆମ୍ବୁଲ ଓ ବଡ଼ିହାଣ୍ଡି
ଟ୍ରଙ୍କ, ବାକ୍‌ସ, ଧୋତି, ଶାଢ଼ୀ ପିଲଙ୍କର ଶାର୍ଟ, ଫ୍ରକ୍
× × ×
ଘରସାରା କିରସିନ
ବୋତଆ ମୂତର ଗନ୍ଧ
ଖଟସାରା ପିଲଙ୍କ ବିଛଣା
ତଳେ ସିଏ ଆଉ ମୁଁ, ଦରଚିରା ମଇଳା ମସିଆ।" (୪୫)

ଅଥଚ ଏଭଳି ଏକ ଆତ୍ମୀୟ ମୁହୂର୍ତ୍ତରେ ମାୟା ଅନ୍ଧାର ଭିତରେ ସେ କେଉଁ ଚରମ ଶୂନ୍ୟତା ଘେରିଆସେ । ଜୀବନ ଲାଗେ ନିରର୍ଥକ । ଠିକ୍ ଏତିକବେଳେ ବଂଶୀସ୍ୱନ ଭାସିଆସେ । ନାୟିକା ଉନ୍ମନା ହୁଏ । 'ଶ୍ୟାମ' ହିଁ ତାକୁ ଏକମାତ୍ର ସତ୍ୟ ଭଳି ମନେହୁଅନ୍ତି । ଅଥଚ ଶ୍ୟାମଙ୍କୁ ଆପଣେଇ ନେବାର ଅବ୍ୟବହିତ ପୂର୍ବରୁ ସଂସାର ପ୍ରତି ସେ ଆକର୍ଷିତ ହୋଇ ଆସେ । ଅଥଚ ଏ ଆକର୍ଷଣର ଶେଷ ପରିଣତି ପୂର୍ବରୁ ହିଁ ସେ ପୁଣି ଥରେ ଘନଶ୍ୟାମଙ୍କ ସହ ଏକାତ୍ମ ହେବାର ବାସନା ପୋଷଣ କରେ । ଏଭଳି ଏକ ଚରମ ମୁହୂର୍ତ୍ତରେ ଶ୍ରୀକୃଷ୍ଣଙ୍କ ନିଜ ରୂପ ଦେଖି ସେ ହତଚକିତ ହୁଏ । 'ପାଉଡ଼ର

୪୪ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଶବନଗ୍ନ', 'ପରକୀୟା', ପୃ. ୬୭

୪୫ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଶବନଗ୍ନ', 'ପରକୀୟା', ପୃ. ୬୭

Digitized by srujanika@gmail.com

ରଙ୍ଗ ବୋଳା ତାଙ୍କର କଳା ମୁହଁ ଏକାନ୍ତ ବୀଭତ୍ସ ।' ବସ୍ତୁତଃ, ଶ୍ରୀକୃଷ୍ଣ ଶଂସିତ କବିତାରେ ମୃତ୍ୟୁ-ଚେତନାର ପ୍ରଚ୍ଛକ । ଜୀବନ ପ୍ରତି ବିମୁଖ ଓ ବୀତସ୍ପୃହ ହୋଇ ଯେଉଁ ନାୟିକା ମୃତ୍ୟୁ ସହ ଏକାତ୍ମ ହେବାକୁ ବସିଥିଲ, ମୃତ୍ୟୁର ଏ ବୀଭତ୍ସ ସ୍ୱରୂପ ଦେଖି ସେ ହତବାକ୍ ହୁଏ । ଜୀବନର ପରିଧିକୁ ଅନିଚ୍ଛା ସତ୍ତ୍ୱେ ଫେରିବାକୁପଡ଼େ । ଏ ପ୍ରତ୍ୟାବର୍ତ୍ତନର ସ୍ୱର ମଧ୍ୟ ବଡ଼ ମର୍ମସ୍ପର୍ଶୀ । କବିତାର ଶେଷ ଦୁଇ ପାଦ—"କିଏ ଅନେଇ ବସିଚି / ମୋ ଲେଉଟାଣି ବାଟକୁ / କୋଇଲର ଗୀତ ଖାଲି / ମୋ ଆଖିରେ / ଦିଏ ଲୁହଧାର"ରେ ଏହା ସୂଚିତ ।

ରମାକାନ୍ତଙ୍କ 'ଋଣୀ'ରେ ଶ୍ରୀକୃଷ୍ଣ ଅନୁରୂପ ଭାବେ ମୃତ୍ୟୁ-ଚେତନାର ପ୍ରଚ୍ଛକ । 'ମରଣ' ତେଣୁ ଆଧୁନିକ ଓଡ଼ିଆ କବିତା ପରମ୍ପରାରେ 'ଶ୍ୟାମ' ସମାନ କାନ୍ତ, କମନୀୟ ନୁହେଁ—ଏକାନ୍ତ କୁତ୍ସିତ ଓ କଦାକାର । ସେଥିପାଇଁ ସେ ଜୀବନ ଓ ମୃତ୍ୟୁର ଊର୍ଦ୍ଧ୍ୱରେ ଏକ 'ଆରଦୃଶ୍ୟ' ପ୍ରତି ସଚେତନ ହୁଏ ।

'ଆରଦୃଶ୍ୟ'ର ମିଥ୍‌ଚେତନାର ଆରଦୃଶ୍ୟ—

'ଆରଦୃଶ୍ୟ'ର 'ଆରଦୃଶ୍ୟ' ଶୀର୍ଷକ କବିତାର ନାୟିକା ହେଉଚନ୍ତି 'ଶ୍ରୀମଦ୍‌ଭାଗବତ'ର ଯଶୋଦା । ଶିଶୁ ଶ୍ରୀକୃଷ୍ଣଙ୍କ ମୁଖଗହ୍ୱରରେ ବିଶ୍ୱରୂପ ଦର୍ଶନ କରି ସେ ସ୍ତମ୍ଭୀଭୂତ । ଏ ନିଚ୍ଛୋଳା ଦୃଶ୍ୟ ଯଶୋଦାଙ୍କ ସ୍ମୃତିପଟରେ ବାରମ୍ବାର ଉଦ୍‌ଭାସିତ ।

> "ଅନେକ ଦିନ ହେଲାଣି ସେ ଘଟଣା
> ତଥାପି ମୁଁ ଅପାଠୋଇ ଗଉଡ଼ୁଣୀ
> ଭୁଲିପାରିନାହିଁ । ଦହି ଗୋଳାଇଲା ବେଳେ
> ସ୍ୱାମୀଙ୍କ ଥାଳି ସାମ୍ନାରେ ବସି ରହି
> ଆଉ ଦି'ଟା ଖାବୋଲି ବଳାଇବା ବେଳେ
> ଅଥବା ଗୋଠବାହୁଡ଼ା ଅପେକ୍ଷାରେ ନିର୍ଜନ ପ୍ରହରେ । (୪୫ କ)

ଅଥଚ, "ସ୍ୱାମୀ ସାଙ୍ଗସାଥି ସବୁ କେହି ବୁଝିବେନି / କେବେ ହେଲେ ବିଶ୍ୱାସ ଯିବେନି"—ଏ ଆରଦୃଶ୍ୟର ଅଦ୍‌ଭୁତ ଅନୁଭୂତିକୁ ସେଥିପାଇଁ ଏକ ତୀବ୍ର ବିଷାଦବୋଧ ଯଶୋଦାଙ୍କୁ ଉଦ୍‌ବେଳିତ କରେ—

୪୫ (କ) । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଆରଦୃଶ୍ୟ' ପୃ. ୬୩

Digitized by srujanika@gmail.com

"କିନ୍ତୁ ଏଇ ମୂଣ୍ଡଘୂରା, ଏ ଅନ୍ଧାର, ଏ ବିଷାଦ ?
ପାଟେଶ୍ୱରଙ୍କ ଏତେ ଶତଚେଷ୍ଟା ସତ୍ତ୍ୱେ

× × ×

•ଏଥି ଅନ୍ତେ ଦିନ ସବୁ ପାଣି ପରି ବୋହିଯିବ
ଆଖି କାନ ଦନ୍ତଡ଼ା ହେବା ସତ୍ତ୍ୱେ ବି
ଦିଶୁଥିବ, ଶୁଭୁଥିବ ସେ ଦୃଶ୍ୟ ଆରକ ।" (୪୬)

ଏବଂ ଶେଷରେ—"ସଭିଙ୍କ ଅଜଣା ଏଇ ଘନକୃଷ୍ଣ ଅନୁଭବ । ଚୁପ୍‌ଚାପ୍ ନିରେଖାରେ । ଗୁପ୍ତ ତଳେ ଛପି ରହି । ମୋ ସାଙ୍ଗରେ ଶ୍ମଶାନକୁ ଯିବ ।" (୪୭)

ବସ୍ତୁତଃ, ପ୍ରାତ୍ୟହିକ ଜୀବନଚର୍ଯ୍ୟା ମଧ୍ୟରେ ଏ ଆରଦୃଶ୍ୟର ଅନୁଭବ ଓ ତାହା ସହ ଏକାତ୍ମବୋଧ ଶିଳ୍ପୀସତ୍ତ୍ୱର ଏକ ସ୍ୱାଭାବିକ ପ୍ରକ୍ରିୟା । କବିଙ୍କ ଭାଷାରେ—

"ସବୁ ମଣିଷ ଭିତରେ ଯଶୋଦାଟିଏ । ସେ ଆରଦୃଶ୍ୟ ଦେଖେ । × × ସେ ଦୃଶ୍ୟ କଠିନତମ, ଦୃଢ଼ତମ, ସୂର୍ଯ୍ୟ ଭଳି ଦୀପ୍ତ । ଅଥଚ ଜହ୍ନ ଆଲୁଅଠୁଁ ସୂକ୍ଷ୍ମ ଓ ନରମ, ପାଣିଠୁଁ କୋମଳ, ସ୍ୱପ୍ନଠାରୁ ଆହୁରି ସ୍ୱପ୍ନାୟିତ ହୋଇ ରହେ । × × ମନ କହେ, ମନ କାନ୍ଦେ, ଆଉ ଜଣେ ଭଲି ଦେଖିଥାନ୍ତା ସେ ଦୃଶ୍ୟ । × × × ସବୁ ମଣିଷ ଭିତରର ଯଶୋଦା ସାକ୍ଷୀହୀନା ହୋଇ ଅର୍ଥ ଖୋଜିଲି ବେଳେ, ଦୁଃଖ ଭିତରେ ନଇଁଯାଏ ସିନା ଭାଙ୍ଗିଯାଏନି । ଭରା ଦେବା ପାଇଁ ମିଛ ସାନ୍ତ୍ୱନା ଲୋଡ଼େନି । ସେ ଜାଣେ ତାର ମୃତ୍ୟୁ ନାହିଁ । ଅଣ୍ଟାଳି ଅଣ୍ଟାଳି, ନିଜକୁ ବୁଝେଇ ବୁଝେଇ ଆଖି ବୁଜିଲି ପରେ, ଆଉ ଜଣେ କେହି ଠିକ୍ ସେମିତି ଖୋଜୁଥିବ । ତା ଆତ୍ମାର କୁହୁକ ପ୍ରତିଧ୍ୱନି ଶୁଭୁଥିବ ସେ ନୂତନ ଆତ୍ମାରେ । (୪୮)

---

୪୬ । ତତ୍ରୈବ, ପୃ. ୬୬

୪୭ । ତତ୍ରୈବ, ପୃ. ୬୭

୪୮ । 'ଆରଦୃଶ୍ୟ'—ମୁଖବନ୍ଧ

Digitized by srujanika@gmail.com

'ପରିକ୍ଷିତ ଉବାଚ'ରେ ପରିକ୍ଷିତ କବିଙ୍କ ବ୍ୟକ୍ତିସତ୍ତାର ପ୍ରତୀକ । ଏ ଆଧୁନିକ ପରିକ୍ଷିତ ପଶ୍ଚାତ୍ତରେ କବିଙ୍କ ବ୍ୟକ୍ତିସତ୍ତା ତକ୍ଷକର ଦଂଶନ ପାଇଁ ଉଦ୍‌ଗ୍ରୀବ ନୁହେଁ । 'ତକ୍ଷକ' ଶବ୍ଦିତ କବିତାରେ ସର୍ପବିଶେଷ ନୁହେଁ, ତାହା ମୃତ୍ୟୁ-ଚେତନାକୁ ପ୍ରତୀକାୟିତ କରେ । ଏହି ମୃତ୍ୟୁ-ଚେତନା ସହ କବିସତ୍ତା ଏକାତ୍ମ ।

"ଅର୍ବୁଦ ବର୍ଷ ତଳେ
ତୁ ଘୁଷୁରି ଘୁଷୁରି ଆସିଥିଲୁ
ମୃତ୍ୟୁ ପରି ନିଷ୍ଠୁର, ସମୟ ପରି ଅଦୃଶ୍ୟ
ହେ ମୋ କଳାଦେବତା
× × ×
ସେଇ ଦିନଠୁଁ ତୋ'ର ଅଦ୍‌ଭୁତ ସିଁ ସିଁ ସ୍ୱର
ମୁଁ ଶୁଣିଚି ।" (୪୯)

ତକ୍ଷକ ବସ୍ତୁତଃ ଶବ୍ଦିତ ସ୍ତବକରେ ମୃତ୍ୟୁ-ଚେତନା, ମହାକାଳ, ମହାସମୟର ପ୍ରତୀକ । ସେଥିପାଇଁ ତା'ର ସିଁ ସିଁ ସ୍ୱରରେ ବୁଡ଼ିଯାଇଚି ଶବ୍ଦଙ୍କର ସବୁ ସଡ଼େଇ ଖେଳ । 'ଶବ୍ଦଙ୍କର ସଡ଼େଇ ଖେଳ' ଏଠାରେ ସୃଷ୍ଟି ପ୍ରକ୍ରିୟାକୁ ପ୍ରତୀକାୟିତ କରୁଥିବା ଭଳି ମନେହୁଏ । ଏହି ସୃଷ୍ଟି ପ୍ରକ୍ରିୟା ମହାକାଳର କବଳିତ ହେବା ଏକ ଅନିବାର୍ଯ୍ୟ ସତ୍ୟ ।

କବିତାରେ ଏଯାବତ୍ ତକ୍ଷକକୁ ମୃତ୍ୟୁ ଓ ଅସତ୍ୟର ପ୍ରତିଭୂ ରୂପେ ଚିହ୍ନଣ କରାଯାଇଚି । ଅଥଚ ପରିସମାପ୍ତିରେ ତକ୍ଷକର ଭିନ୍ନ ରୂପ, ଚେତନାର ଆରଦୃଶ୍ୟ ଉନ୍ମୋଚିତ—

"ଉଖାରି ବାହାର କରିଆଣ
ଶୁଖିଲା ମାଟିରେ ମରିଯାଉଥିବା କୁନି ମଞ୍ଜିଟିକୁ ।" (୫୦)

ଯାହାର ଅନ୍ତିମ ପରିଣତି—"ସାବ୍‌ଜା ପାହୁଣ୍ଡ ପକେଇ / ପହଞ୍ଚିବା / ତୋ ଲେଳ ଜିହ୍ୱାରେ ।" (୫୦କ)

୪୯ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଆରଦୃଶ୍ୟ', 'ପରିକ୍ଷିତ ଉବାଚ', ପୃ. ୫

୫୦ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଆରଦୃଶ୍ୟ', 'ପରିକ୍ଷିତ ଉବାଚ', ପୃ. ୬

୫୦(କ) । ତତ୍ରୈବ, ପୃ. ୬

Digitized by srujanika@gmail.com

'ଶୁଖିଲା ମାଟି' ଏଠାରେ ପ୍ରତିକୂଳ ପରିବେଶର ପ୍ରତୀକ । ଏହି ପ୍ରତିକୂଳ ପରିବେଶରେ 'କୁନି ମଞ୍ଜି' ପର୍ଯ୍ୟନ୍ତରେ ପ୍ରାଣପ୍ରାଚୁର୍ଯ୍ୟପୂର୍ଣ୍ଣ ଜୀବନସତ୍ତା ବିକଶିତ ହେବା ପୂର୍ବରୁ ମୃତପ୍ରାୟ । ସେହି ମୃତ୍ୟୁଗ୍ରସ୍ତ ଜୀବନସତ୍ତା ମହାକାଳର ଇଙ୍ଗିତରେ ଜୀବନୋନ୍ମୁଖୀ ହୁଏ, ଯଦିଓ ତା'ର ଅନ୍ତିମ ଲକ୍ଷ୍ୟ ପହଞ୍ଚିବା 'ତୋ କୋଳ ଜହ୍ନାରେ' । ତଥାପି ସେ 'ସାବ୍ଜା ପାହୁଣ୍ଡ' ପକେଇ ସୃଷ୍ଟିର କଲ୍ୟାଣ ସାଧନ କରେ । 'ସାବ୍ଜା ପାହୁଣ୍ଡ' ଏଠାରେ ପ୍ରାଣପ୍ରାଚୁର୍ଯ୍ୟପୂର୍ଣ୍ଣ ବିବର୍ତ୍ତିତ ଜୀବନସତ୍ତାର ପ୍ରତୀକ । ସେଥିପାଇଁ କବିତାର ପରିସମାପ୍ତିରେ କବି ଆହ୍ୱାନ ଦେଇଛନ୍ତି—

> "ମାଟି ଖୋଳ, ପଥର ଭାଙ୍ଗ, ସମୁଦ୍ର ଉଝାଳ
> ଖୋଜ ଆଣ ସେଇ ଅଜଣା ଫରୁଆ
> ଯାହା ମୋ ଶେଷ ପରିଚୟର ଅକ୍ଷୟ ସଂଜ୍ଞା ।" (୫୧)

ସାତ ତାଳ ପାଣି ତଳ ଫରୁଆରେ ବୃଦ୍ଧୀ ଅସୁରୁଣୀର ଜୀବନକାଠି ସୁରକ୍ଷିତ ହୋଇ ରହିବା ଏକ ବହୁଚର୍ଚ୍ଚିତ ଲୋକବିଶ୍ୱାସ ।

ଆଧୁନିକ ପରିସ୍ଥିତିରେ ଜୀବନକାଠି ଦସ୍ୟୁମାୟୁଭାବେ ଅପହୃତ । ସେଇ ପରିଚୟର ଅକ୍ଷୟ ସଂଜ୍ଞା ଫେରି ପାଇବା ପାଇଁ ସେ ଉନ୍ମୁଖ । ଏଇ ଜୀବନସତ୍ତାକୁ ଫେରିପାଇବା ପରେ ମୃତ୍ୟୁ ସୁନିଶ୍ଚିତ । କିନ୍ତୁ ସେଇ ମୃତ୍ୟୁରେ ହିଁ ଏଠାରେ ଜୀବନର ସଂକେତ (life in death) ପ୍ରମୂର୍ତ୍ତ । କାରଣ ଜୀବନ୍ମୃତ୍ୟୁର ସୁଦୀର୍ଘ ପରିସର ପରିବର୍ତ୍ତେ, ସୀମିତ ଅଥଚ ପ୍ରାଣପ୍ରାଚୁର୍ଯ୍ୟପୂର୍ଣ୍ଣ ଜୀବନର ଉପଲବ୍ଧିକୁ ସେ ଶ୍ରେୟସ୍କର ମଣେ । ସୁତରାଂ ଆତ୍ମାମୀ କଣ୍ଠରେ ସେ ମୃତ୍ୟୁକୁ ଆମନ୍ତ୍ରଣ କରେ । ବସ୍ତୁତଃ ଏହି ଅପାରମ୍ପରିକ ଚେତନା ହିଁ ମାନବାତ୍ମାର ଆରଦୃଶ୍ୟ ।

'ଶ୍ରୀକୃଷ୍ଣଙ୍କ ମୃତ୍ୟୁ' ଶୀର୍ଷକ କବିତାରେ 'ଏ ଦୃଶ୍ୟ ଓ ଆର ଦୃଶ୍ୟ' ଯୁଗପତ୍ ପ୍ରତିଭାତ । ଶ୍ରୀକୃଷ୍ଣଙ୍କ ମୃତ୍ୟୁରେ ଜରାର ଶୋକରେ ଉଚ୍ଚାଙ୍ଗ ମାନବୀୟ ମୂଲ୍ୟବୋଧ ପରିଲକ୍ଷିତହୁଏ—

---

୫୧ । ତତ୍ରୈବ, ପୃ. ୭

Digitized by srujanika@gmail.com

"ଜାରା ସ୍ମୃତି ଭିତରେ ଅନେକ ଯୁଗ ଓ ଜନ୍ମର ଯନ୍ତ୍ରଣା ଶୋକ
କଳାସମୁଦ୍ର ଫୁଲିଲା
ଧୀରେ ଧୀରେ ସେ କଳା ସମୁଦ୍ର
ସୂର୍ଯ୍ୟଙ୍କୁ ବି ଗ୍ରାସିଲା ।" (୫୨)

ଜାରାର ଶୋକ ସିନ୍ଧୁ କଳା ସମୁଦ୍ରର ସୂର୍ଯ୍ୟଙ୍କୁ ଗ୍ରାସ କରିବାର ଦୃଶ୍ୟ ମାନବାତ୍ମାର ଦୁଃଖାବଲୋକନକୁ ସୂଚାଇଦିଏ ।

ପକ୍ଷାନ୍ତରେ, ସାଂପ୍ରତିକତାସର୍ବସ୍ୱ ବଣିକଧର୍ମୀ ସଭ୍ୟତାର ସ୍ୱରୂପ ମଧ୍ୟ ଏଠାରେ ସୂଚିତ । ଏ ସଭ୍ୟତା ଓ ସଂସ୍କୃତି ଶ୍ରୀକୃଷ୍ଣଙ୍କୁ ଅପରାଧୀ ମନୋଭାବର ଏକ ପ୍ରତିଭୂ ରୂପେ ସ୍ୱୀକୃତ ଦିଏ—

"ଘରେ ଘରେ ଭିତରେ ଆଉ ଲଢ଼େଇ ଲାଗିବନି
ସ୍ମୃତି ଭିତରେ ଆଉ ଅନ୍ଧାର ବଢ଼ିବନି

× × ×

ସ୍ୱାମୀମାନେ, ଗୋପିକାମାନେ ନିଶ୍ଚିନ୍ତ ନିଦ ଶୋଇବେ
ଅଜଣା ଆନନ୍ଦର ବଡ଼ବାନଳ ଆକାଶକୁ ଛୁଇଁଲା

× × ×

ଅପରାଧୀ ମନୋଭାବର ଯୁଗଟିଏ ଆଜି ସରିଲା ।" (୫୩)

ଏ ସଭ୍ୟତା ଓ ସଂସ୍କୃତି ଏକ ବହିର୍ମୁଖୀ ଜୀବନଚର୍ଯ୍ୟାରେ ବିଶ୍ୱାସୀ । ସେଥିପାଇଁ ବ୍ୟକ୍ତିବିଶେଷର ମୃତ୍ୟୁଦିବସଟିକୁ ସେ ସର୍ବସାଧାରଣ ଛୁଟି ଦିବସ ରୂପେ ଘୋଷଣା କରେ । ଶ୍ରୀକୃଷ୍ଣଙ୍କ ସମ୍ପର୍କିତ ମୂଲ୍ୟବୋଧ ମଧ୍ୟ ରୂପାନ୍ତରିତ ହୋଇଯାଏ । 'ମହାଭାରତ'ର ବିଶିଷ୍ଟ ଦାର୍ଶନିକ ତଥା ରାଜନୀତିଜ୍ଞ ଏକ ଲମ୍ପଟ, କପଟୀ ବ୍ୟକ୍ତିବିଶେଷକୁ ପ୍ରତିନିଧିତ୍ୱ କରନ୍ତି । କାରଣ ଏ ସଭ୍ୟତା, ଅନ୍ତର୍ନିହିତ ଚେତନା ତଥା ବିବେକବୋଧ ପରିପ୍ରେକ୍ଷୀରେ ବଞ୍ଚେନାହିଁ । ସମକାଳୀନ ସାମାଜିକ ଆବଶ୍ୟକତା ପରିପ୍ରେକ୍ଷୀରେ ତା'ର ଜୀବନର ଧାରା ନିୟନ୍ତ୍ରିତ ହୁଏ । ଜାରା ଭଳି ଶୋକର କୃଷ୍ଣାଭ ସମୁଦ୍ରରେ ସେ ଉଦ୍‌ବେଳିତ

---

୫୨ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଆରଦୃଶ୍ୟ', 'ଶ୍ରୀକୃଷ୍ଣଙ୍କ ମୃତ୍ୟୁ', ପୃ. ୮୧

୫୩ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଆରଦୃଶ୍ୟ', 'ଶ୍ରୀକୃଷ୍ଣଙ୍କ ମୃତ୍ୟୁ', ପୃ. ୮୦

Digitized by srujanika@gmail.com

ହୁଏନାହିଁ, ଅଥବା ଆନନ୍ଦରେ ଅଧୀର ହୁଏ ନାହିଁ । ଆନନ୍ଦ ଓ ବେଦନାକୁ ସାମାଜିକ ଦୃଷ୍ଟିଭଙ୍ଗୀ ପରିପ୍ରେକ୍ଷୀରେ ନିୟନ୍ତ୍ରିତ କରି ସେ ସୀମାବଦ୍ଧ ହୋଇଯାଏ ।

'ଲକ୍ଷ୍ମଣ'ରେ ସସୀମ ଦୃଶ୍ୟର ପରିଧିରୁ ମାନବାତ୍ମାକୁ ମୁକ୍ତ କରି ଅସୀମ ଆରଦୃଶ୍ୟକୁ ଉତ୍ତରଣ କରାଇବାର ଆହ୍ୱାନ ପ୍ରମୂର୍ତ୍ତ । ଏହି ସୀମାବଦ୍ଧ ମାନବ ଚେତନାକୁ କବି 'ଲକ୍ଷ୍ମଣ'ଙ୍କ ସହ ତର୍କଣା କରିଚନ୍ତି । 'ଲକ୍ଷ୍ମଣ' ଭାରତୀୟ ପୁରାଣ ପରଂପରାର ଏକମାତ୍ର ଚରିତ୍ର, ଯିଏ ଚଉଦ ବର୍ଷ କାଳ ଆହାର ନିଦ୍ରା ପରିତ୍ୟାଗ କରି ଅଖଣ୍ଡ ବ୍ରହ୍ମଚର୍ଯ୍ୟ ରକ୍ଷାକରିଥିଲେ । କବି ଚେତନା କିନ୍ତୁ ଏହାକୁ ସ୍ୱାଭାବିକଭାବେ ସ୍ୱୀକୃତି ଦେଇ ପାରେ ନାହିଁ । କାରଣ ଏଭଳି ସୀମାବଦ୍ଧ ଜୀବନର ଊର୍ଦ୍ଧ୍ୱରେ ଯେଉଁ ପ୍ରାଣପ୍ରାଚୁର୍ଯ୍ୟ ଜୀବନର ସତ୍ତା ରହିଚି, ତାହାର ଉପଲବ୍‌ଧି ପାଇଁ ସେ ଆହ୍ୱାନ ଦିଏ—

"ଆଜୀବନ ତମେ ଖାଲି ନତମୁଖେ ଭୂମିକି ଦେଖିଲ

× × ×

ଆକାଶକୁ ଚାହିଁଲନି,
ଦେଖିଲନି ସୌରକର ଉଦ୍‌ଭାସିତ
ହରିତ୍‌ରଙ୍ଗୀ ଆକାଶର ବର୍ଦ୍ଧିତ ମହିମା ।" (୫୪)

'ହରିତ୍‌ରଙ୍ଗୀ ଆକାଶ' ଏଠାରେ ପ୍ରାଣପ୍ରାଚୁର୍ଯ୍ୟପୂର୍ଣ୍ଣ ଏକ ବହୁପାର୍ଶ୍ୱିକ ଜୀବନ ସତ୍ୟକୁ ଉଦ୍‌ଘାଟିତ କରେ । ଏହି ବହୁପାର୍ଶ୍ୱିକ ଜୀବନ ସତ୍ୟର ଉପଲବ୍‌ଧି ପାଇଁ ଶଂସିତ କବିତା ଏକ କାବ୍ୟିକ ଆହ୍ୱାନ ।

'ଦୀପ୍ତି ଓ ଦ୍ୟୁତି' (୧୯୬୩)ଠାରୁ 'ଆରଦୃଶ୍ୟ' (୧୯୮୧) ପର୍ଯ୍ୟନ୍ତ ଦୃଷ୍ଟି ସଂପ୍ରସାରିତ କଲେ ଶ୍ରୀ ମହାପାତ୍ରଙ୍କ କବିତାରେ ମିଥ୍ ଚେତନାର ବ୍ୟାପକ ସ୍ୱରୂପ ସ୍ପଷ୍ଟଭାବେ ଉନ୍ମୋଚିତ ହୁଏ । ଏହି ମିଥ୍ ଚେତନାର ବକ୍ତବ୍ୟ ହେଉଚି ବିପର୍ଯ୍ୟସ୍ତ ସାମ୍ପ୍ରତିକ କାଳରୁ ଏକ ଶୁଚିସ୍ନାତ କାଳାନ୍ତରକୁ ଯାତ୍ରା କରିବାର ପ୍ରୟାସ । ସସୀମ ଦୃଶ୍ୟ ମଧ୍ୟରୁ ଏକ ସୀମାହୀନ ଆରଦୃଶ୍ୟର ସମୀକ୍ଷଣ ।

---

୫୪ । ଶ୍ରୀ ସୀତାକାନ୍ତ ମହାପାତ୍ର : 'ଆରଦୃଶ୍ୟ', 'ଲକ୍ଷ୍ମଣ' ପୃ. ୩୮

Digitized by srujanika@gmail.com

ମିଥ୍‌ର ଫଙ୍କା, ପରିସର ଓ କାବ୍ୟପରିଂପଟ୍‌ରେ ଏହାର ପ୍ରୟୋଗରେ ଏହା ଏକ ସଂକ୍ଷିପ୍ତ ଇତିବୃତ୍ତ । ଏହା ମାଧ୍ୟମରେ ମିଥ୍ କବିତାକୁ ପ୍ରାଚୀନ ସଂସ୍କୃତି ଓ ସଭ୍ୟତା ସହ କିଭଳି ସଂଶ୍ଲିଷ୍ଟ କରିଛି, ତାହା ସୂଚିତ ଦିଆଯାଇଛି । ସାଂପ୍ରତିକ ଆଧୁନିକ ଓଡ଼ିଆ କବିତା କ୍ରମଶଃ ପରିଂପରାବିଚ୍ୟୁତ ହେବା ଲକ୍ଷ୍ୟ କରାଯାଉଛି । ପାଠକ ଓ କବିତା ମଧ୍ୟରେ ପ୍ରତ୍ୟକ୍ଷ ଯୋଗାଯୋଗ ସମ୍ଭବ ନହୋଇପାରିବାରୁ କବିତା କ୍ରମଶଃ ଦୁର୍ବୋଧ ହୋଇପଡ଼ୁଛି । ମିଥ୍ ଏହି କବିତାକୁ ପରିଂମରା ସହ ସଂଯୁକ୍ତ କରିବା ସଙ୍ଗେ ସଙ୍ଗେ, କାବ୍ୟଚେତନାକୁ ଦେଇଛି ଏକ ଧ୍ରୁପଦୀ ସୌନ୍ଦର୍ଯ୍ୟ ଓ ଗାମ୍ଭୀର୍ଯ୍ୟ ।

□□□

Digitized by srujanika@gmail.com

ପରିଶିଷ୍ଟ

କବି ସୀତାକାନ୍ତ ମହାପାତ୍ରଙ୍କ ସହିତ ଏକ ସାକ୍ଷାତକାର

ପ୍ର: ୧—ଆପଣଙ୍କ ଦୃଷ୍ଟିକୋଣରେ ମିଥ୍‌ର ସଜ୍ଞା ଓ ପରିସର କ'ଣ ?

ଉ:—ମିଥ୍ ସାମୂହିକ ଅବଚେତନ ଓ ବ୍ୟକ୍ତିଚେତନା ଭିତରେ ସମ୍ପର୍କର ଯୋଗସୂତ୍ର । ତା'ର ପରିସର ଗୋଟିଏ ନିର୍ଦ୍ଦିଷ୍ଟ ସମାଜର ସାଂସ୍କୃତିକ ଐତିହ୍ୟର ପରିସର ଉପରେ ନିର୍ଭରଶୀଳ ।

ପ୍ର: ୨—ସାହିତ୍ୟ ଜୀବନର ପ୍ରତିଫଳକ ତଥା ବିଶ୍ୱସ୍ତ ଅନୁଲିପି । ଏଥିରେ ଯୁଗଚେତନା ଓ ସମୟସଚେତନତା ପ୍ରକଟିତ ହୁଏ । ବର୍ତ୍ତମାନ ବିଜ୍ଞାନ ଓ ଟେକ୍‌ନୋଲଜିର ଯୁଗ । ଏଇ ପରିପ୍ରେକ୍ଷୀରେ କବିତାରେ ମିଥ୍ ପ୍ରୟୋଗର ଆବଶ୍ୟକତା କ'ଣ ?

ଉ:—ବିଜ୍ଞାନ ଓ ଟେକ୍‌ନୋଲଜି ମୁଖ୍ୟତଃ ଉତ୍ପାଦନ ଓ ବସ୍ତୁବିଜ୍ଞାନର କଥା । ଅବଶ୍ୟ ମନୋବିଜ୍ଞାନ ଓ ସମାଜବିଜ୍ଞାନ ଜରିଆରେ ମଣିଷର ମନ ଓ ସମାଜର ମନ ସମ୍ପର୍କରେ ଅଧିକରୁ ଅଧିକ ଆମେ ଜାଣୁଛେ । ଟେକ୍‌ନୋଲଜିର role ମଣିଷର ମନକୁ ବୁଝିବାରେ ପ୍ରାୟ ନାହିଁ । ତେଣୁ ଅନ୍ୟ ଶତାବ୍ଦୀ ଅପେକ୍ଷା ବ୍ୟକ୍ତି-ସମ୍ପର୍କ ଓ ମଣିଷକୁ ବୁଝିବା ଆଜି ଯେତିକି ବେଶି ଜରୁରୀ, ମିଥ୍‌ର ଆବଶ୍ୟକତା ସେତିକି ବେଶି । ଅନ୍ୟ ପକ୍ଷରେ ବିଜ୍ଞାନ ଓ ଟେକ୍‌ନୋଲଜିର ନିଜସ୍ୱ ମିଥ୍ ବି ଅଛି ।

ପ୍ର: ୩—କ୍ଷୁରଧାରସ୍ୱ ବୌଦ୍ଧିକତା ଓ ଉଷ୍ମ ମାନବୀୟ ସମ୍ବେଦନଶୀଳତା ମଧ୍ୟରୁ ମିଥ୍‌ର ଅଧିକ ସମ୍ପର୍କ କାହା ସହିତ ?

ଉ:—ସମ୍ବେଦନଶୀଳ ମାନବିକତା ସହିତ, intuition ସହିତ, ଆବେଗ ସହିତ ।

Digitized by srujanika@gmail.com

ପ୍ର: ୪—ଆପଣ ମିଥ୍‌ଧର୍ମୀ କବିତା ରଚନା କରିବାବେଳେ ଆଧୁନିକ ଓଡ଼ିଆ ମିଥ୍‌ଧର୍ମୀ କବିତାର ଆବସ୍ଥା କିପରି ଥିଲା ?

ଉ:—ମୋର ମନେହୁଏ, ଆଙ୍ଗିକରେ ଅତିବୌଦ୍ଧିକତା ଓ ବକ୍ତବ୍ୟରେ ଅସ୍ପଷ୍ଟତା ସେତେବେଳେ ଅତି ବେଶି ଥିଲା । ମିଥ୍ କବିତାକୁ ମଣିଷର କେନ୍ଦ୍ରବିନ୍ଦୁକୁ ନେବାର ଅନ୍ୟତମ ଉପାୟ; କବିତାକୁ ସରଳ ଭାଷା ଓ ବକ୍ତବ୍ୟ ଦେବାର ଗୋଟିଏ ପନ୍ଥା ।

ପ୍ର: ୫—କବିତା, ସାହିତ୍ୟର ଅନ୍ୟାନ୍ୟ ବିଭବ ଅପେକ୍ଷା ଅଧିକ ବ୍ୟକ୍ତିସର୍ବସ୍ୱ । ବିଶେଷତଃ ସାଂପ୍ରତିକ ଆଧୁନିକ କବିତା ବିରୋଧରେ ସବୁଠୁ ବଡ଼ ଅଭିଯୋଗ ହେଉଛି ଦୁର୍ବୋଧତା, Communication gap. ମିଥ୍ ଏଥିପାଇଁ ସେତୁ ରୂପେ କାର୍ଯ୍ୟ କରିବ କି ? ମାନେ, ମିଥ୍ ପରିପ୍ରେକ୍ଷୀରେ ଏହାର ସମାଧାନର ପନ୍ଥା କ'ଣ ?

ଉ:—ଯୋଗସୂତ୍ର ସ୍ଥାପନ (ପାଠକ ସହ) ଗୋଟିଏ ଉଦ୍ଦେଶ୍ୟ । ମିଥ୍‌ର ସଂବେଦନ, ଆବେଗ ଓ ସମ୍ପର୍କ—ଏଇ ତିନୋଟି ଫଳରେ ଦୁର୍ବୋଧତା ଓ ଅସ୍ପଷ୍ଟତା କ୍ଷୀଣ ହୋଇପାରିବ ।

ପ୍ର: ୬—ଆପଣ ଲେଖିଥିବା ମିଥ୍‌ଧର୍ମୀ କବିତା ଓ ମିଥ୍ ପ୍ରୟୋଗ କରିନଥିବା କବିତାଗୁଡ଼ିକୁ ଯଦି ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରିଦିଆଯାଏ, ତେବେ କେଉଁ ପର୍ଯ୍ୟାୟରେ ଆପଣ ସହଜ, ସ୍ୱଚ୍ଛନ୍ଦ ତଥା ସ୍ୱତଃସ୍ଫୂର୍ତ୍ତି-ଭାବେ ନିଜର କାବ୍ୟଚେତନାକୁ ପ୍ରକାଶ କରିପାରିଛନ୍ତି ?

ଉ:—ମୁଁ ମିଥ୍ ସମ୍ବଳିତ କବିତା ଲେଖିବାବେଳେ ବା ମିଥ୍ ଅସମ୍ବଳିତ କବିତା ଲେଖିବାବେଳେ ପ୍ରଥମ କଥା ହେଲା—ନିଜକୁ ସ୍ୱତଃସ୍ଫୂର୍ତ୍ତି ଭାବେ ପ୍ରକାଶ କରିପାରିଛି କି ? ଯାହା ମତେ ବାନ୍ଧିପକାଇଛି, ଭାଷା ବା ବକ୍ତବ୍ୟର ମୁକ୍ତ ପରିପ୍ରକାଶ—ତାହା ମୋ ପାଇଁ ଅନାଦରର ବସ୍ତୁ—ତ୍ୟାଜ୍ୟ । ତେଣୁ ମିଥ୍ ଯେତେବେଳେ ମତେ ଅଧିକ ମୁକ୍ତ କରିଛି, ସେତିକିବେଳେ ହିଁ ମୁଁ ମିଥ୍ ବ୍ୟବହାର କରିଛି ।

ପ୍ର: ୭—ମିଥ୍‌ଧର୍ମୀ କବିତାରେ ନିଶ୍ଚିତ ଭାବେ ଏକ କମିଟ୍‌ମେଣ୍ଟ ବା ଅଙ୍ଗୀକାରବୋଧ ରହିବ । ଏହା ବ୍ୟକ୍ତିଗତ ଧର୍ମୀ (Individual

Digitized by srujanika@gmail.com

Centred), ସମାଜଧର୍ମୀ ନା ଏସବୁର ଊର୍ଦ୍ଧ୍ୱରେ ଆଉ ଏକ ତୃତୀୟ ସତ୍ତା, ଯାହାକୁ ଆଧ୍ୟାତ୍ମିକତାଧର୍ମୀ ବା ଅନ୍ୟ କିଛି କୁହାଯାଇପାରେ ?

ଉ:—ଅଙ୍ଗୀକାର ବୋଧହୁଏ ଏଠାରେ ମାନବଧର୍ମୀ, ଯାହା ଉଭୟ ବ୍ୟକ୍ତି ଓ ସମସାମୟିକ ସାମାଜିକ ଚେତନାଠାରୁ ସାମାନ୍ୟ ଊର୍ଦ୍ଧ୍ୱରେ। ତା'କୁ ଆଧ୍ୟାତ୍ମିକତାଧର୍ମୀ କୁହାଯାଇପାରେ—ବ୍ୟକ୍ତିର ଚିରନ୍ତନତା ବା ବିଶିଷ୍ଟ ସତ୍ତା ମଧ୍ୟ କୁହାଯାଇପାରେ ।

ପ୍ର: ୮—ଲୋକମୁଖରେ କଥିତ ସରଳ, ପ୍ରାଞ୍ଜଳ ଅଥଚ ବଳିଷ୍ଠ ବକ୍ତବ୍ୟଧର୍ମୀ ସ୍ୱୀତ ଆପଣଙ୍କ କାବ୍ୟ-ଚେତନାକୁ ପ୍ରଭାବିତ କରିଛି—ଏ ସମ୍ପର୍କରେ ଆପଣଙ୍କର ମତ କ'ଣ ?

ଉ:—ମୁଁ ବା କଣ କହିବି ? ତେବେ ଭାଷା ବକ୍ତବ୍ୟର ମାଧ୍ୟମ ହୋଇଥିବାରୁ ମୁଁ ଶକ୍ତିବାନ୍ ଚଳିତ କଥିତ ଭାଷା ହିଁ ଭଲପାଏ । ଆଉ ଗଭୀରତା ଓ ସରଳତା ଭିତରେ ନିଗୂଢ଼ ସମ୍ପର୍କ ଅଛି ବୋଲି ମୁଁ ସବୁବେଳେ ବିଶ୍ୱାସ କରିଆସିଛି ।

ପ୍ର: ୯—ମିଥ୍ ପ୍ରୟୋଗବେଳେ, ନିରୋଳା କଥିତ ଭାଷାକୁ କାବ୍ୟାୟିତ କଲାବେଳେ ଆପଣ କୌଣସି ଅସୁବିଧା ବା ପ୍ରତିବନ୍ଧକର ସମ୍ମୁଖୀନ ହୋଇଛନ୍ତି କି ?

ଉ:—ହୋଇଛି—'କୁବ୍ଜା' କବିତାରେ ପ୍ରଚୁର ତତ୍ସମ ଶବ୍ଦ ରହିଛି । କାରଣ ସେ କବିତାର ସ୍ୱର, ଆତ୍ମା ହୁଏତ ସହସ୍ର, ବେଶି Sophisticated. 'ଜାରି'ରେ ସରଳ ଗ୍ରାମୀଣ ଭାଷା, ବୋଧହୁଏ ଏଇଥିପାଇଁ ଯେ ଜାରି ଜଙ୍ଗଲ । 'ଜାମୁକୋଳି ଲିପା ପାଦ' 'କୁବ୍ଜା'ରେ କେୟୂର କଙ୍କଣ ଝିନବାସ ଚନ୍ଦ୍ରା ଯେ ଇତ୍ୟାଦି ।

ପ୍ର: ୧୦—ବ୍ୟକ୍ତିଗତଭାବେ ଆପଣଙ୍କର କେଉଁ କେଉଁ ମିଥ୍ଧର୍ମୀ କବିତା ଆପଣଙ୍କର ଅଧିକ ପ୍ରିୟ ?

ଉ:—'କୁବ୍ଜା', 'ଜାରି', 'ଆର ଦୃଶ୍ୟ'—ଏ ତିନୋଟି ।

Digitized by srujanika@gmail.com

ପ୍ର: ୧୧—ସାଂପ୍ରତିକ ଆଧୁନିକ କବିତା ପ୍ରାୟ ଆଙ୍ଗିକସର୍ବସ୍ୱ । ଗୁରୁପ୍ରସାଦ ଓ ରମାକାନ୍ତଙ୍କ ଭଳି କ୍ୱଚିତ୍ କବି କଥାବସ୍ତୁରେ ମୌଳିକ ପରୀକ୍ଷା-ନିରୀକ୍ଷା ଓ ଥିମାଟିକ୍ ଆସ୍‌ପେକ୍‌ଟ ବା ଭାବବସ୍ତୁ ସଂଯୋଜନାରେ କିଛିଟା ବ୍ୟତିକ୍ରମ ଆଣିଛନ୍ତି । ଅନ୍ୟଥା ମନେହୁଏ ଆପଣଙ୍କ ବ୍ୟତୀତ ପ୍ରାୟ ଅଧିକାଂଶ ଆଧୁନିକ କବି ରୋମାଣ୍ଟିକ୍ ବା ସ୍ୟୁଡୋ-ରୋମାଣ୍ଟିକ୍ । ଏହାର ମୂଳରେ ମିଥ୍‌ର ଏକ ଅପରିହାର୍ଯ୍ୟ ଭୂମିକା ରହିଛି ବୋଲି ମୋର ମନେହୁଏ । କାରଣ ମିଥ୍ ହିଁ ଆପଣଙ୍କ କବିତାକୁ ଛିନ୍ନମୂଳ ନକରି ସଂସ୍କୃତି ଓ ପରଂପରା ସହ ସଂପୃକ୍ତ କରିଛି । ଏ ସମ୍ପର୍କରେ ଆପଣଙ୍କର ମତ କଣ ?

ଉ:—ରୋମାଣ୍ଟିକ୍ ହେବାରେ କିଛି ଯାଏଆସେନି । କବିତା, ଭଲକବିତା, ଅନୁଭୂତିନିଷ୍ଠ ହେବା ଉଚିତ—ତା'ପରେ ବାକି ସବୁ ପ୍ରଶ୍ନ । ଦେଢ଼େ ସ୍ୱଚ୍ଛ, ନିର୍ଦ୍ଦିଷ୍ଟ ଆବେଗ ଓ ଅନୁଭବ ନଥିବା କବିତା ଉପରେ-ଠାଉରିଆ ହୁଏ । ତାହା ଅନେକିନ ଦିଶୁଛି ।

ପ୍ର:୧୨—ଆପଣଙ୍କ କାବ୍ୟିକ ବ୍ୟକ୍ତିସତ୍ତା କୌଣସି ମିଥ୍‌ଧର୍ମୀ କବିତାର ନାୟକ ସହ ଏକାତ୍ମ ହେବା ଆପଣ ଅନୁଭବ କରିଛନ୍ତି କି ? କାରଣ କବିତାର ଅନ୍ତରାଳରେ ହିଁ କାବ୍ୟିକ ବ୍ୟକ୍ତିସତ୍ତା ସହ କବି ଅନାୟତ୍ତ ଓ ଅଜ୍ଞାତସାରରେ ଏକାତ୍ମ ହେବାର ସମ୍ଭାବନା ଥାଏ ।

ଉ:—କହିବା ଭୁଲ ହେବନି—'କୁବ୍‌ଜା', 'ଜାରା' ଓ 'ଯଶୋଦା'—ତିନୋଟିଯାକ ଚରିତ୍ର ସହ ମୁଁ ଏକାତ୍ମ । ଅସହାୟ ଜାରା, ଅଭିଶାପ-ମୁକ୍ତା କୁବ୍‌ଜା, ସନ୍ଦେହଗ୍ରସ୍ତା ଯଶୋଦା—ତିନି ଜଣ ମୋ ଭିତରେ ଲୁଚିଛନ୍ତି ।

ପ୍ର:୧୩—ମିଥ୍‌ସଂପର୍କିତ ଚରିତ୍ର ନା ପରିବେଶ ଆପଣଙ୍କୁ ଅଧିକ ଆନ୍ଦୋଳିତ କରିଛି ?

ଉ—ଚରିତ୍ର—ମିଥ୍‌ରେ ଚରିତ୍ର ହିଁ ବଡ଼ । ସେଥିରେ ମଣିଷର ଭାଗ୍ୟ ପ୍ରତିଫଳିତ । କିନ୍ତୁ ଚରିତ୍ର ମିଥିକ୍ ଦୃଷ୍ଟିକୋଣରୁ ପରିବେଶ ସହ ଜଡ଼ିତ—ଯେମିତି ଜାରା, କୁବ୍‌ଜା ବା 'ଆରଦୃଶ୍ୟ'ର ଦ୍ରଷ୍ଟା ଯଶୋଦା ।

Digitized by srujanika@gmail.com

ପ୍ର:୧୪—ଆପଣ ମୂଳତଃ ସର୍ଜନଶୀଳ ସ୍ରଷ୍ଟା ହେଲେ ମଧ୍ୟ ସମାଲୋଚକ ହେବା ପାଇଁ କିଭଳି ଅନୁପ୍ରେରିତ ହେଲେ ? ମିଥ୍‌ସଂପର୍କିତ ବିସ୍ତୃତ ସମାଲୋଚନା ପାଇଁ ଆପଣଙ୍କର କୌଣସି ଯୋଜନା ଅଛି କି ?

ଉ:—ଏମିତି କବିତା, ସଂସ୍କୃତି ସମ୍ପର୍କରେ ମଝିରେ ମଝିରେ କିଛି କହିବି । ନାଁ ଯୋଜନା ନାହିଁ ।

ପ୍ର:୧୫—ଅନେକ ସମୟରେ ଏକ ନୈତିକତାଧର୍ମୀ ମାନବୀୟ ମୂଲ୍ୟବୋଧ ଆପଣଙ୍କ ମିଥ୍‌ଧର୍ମୀ କବିତାଗୁଡ଼ିକୁ ଆଚ୍ଛନ୍ନ କରିଥିବା ଭଳି ମନେହୁଏ । ଏଭଳି ଉଦ୍ୟମ ମଧ୍ୟରେ କବିତାର କଳାଧର୍ମ ବ୍ୟାହତ ହେବାର ଆଶଙ୍କା ଆପଣଙ୍କୁ ଶଙ୍କିତ କରିଛି କି ?

ଉ:—ନୈତିକତାରେ ମୁଁ ବିଶ୍ୱାସ କରେନି—ଅନ୍ତତଃ ଲୌକିକ ଧାରଣାରେ ଯାହା ନୈତିକ ସେ ଦୃଷ୍ଟିରୁ । ଇଂରାଜୀରେ ଗୋଟିଏ ବକ୍ତବ୍ୟ ଅଛି—an artist is one in whom ethics has become aesthetics. ମଣିଷର ଭାଗ୍ୟ, ନିୟତି ପରିପ୍ରେକ୍ଷୀରେ ତଥାକଥିତ ନୈତିକତା କେଡ଼େ ଅସାର ସତେ ?

ପ୍ର:୧୬—ଆପଣଙ୍କର ଅଧିକାଂଶ ମିଥ୍‌ଧର୍ମୀ କବିତା ଗୋଟିଏ ସ୍ଥାଣରେ ନିରବଚ୍ଛିନ୍ନଭାବେ ଲେଖାଯାଇଛି ନା ମଝିରେ ମଝିରେ ଲେଖି ଆପଣ ପରେ ତାହାକୁ ଏକତ୍ର କରିଛନ୍ତି ?

ଉ:—ମଝିରେ ମଝିରେ । ତେବେ 'ଅଷ୍ଟପଦୀ'ର କବିତାଗୁଡ଼ିକ ବର୍ଷେ ଭିତରେ ସବୁ ରଚିତ । 'ଜାରି' ୧୯୬୪ରେ, 'ଆରଣ୍ୟକ' ବୋଧହୁଏ ୧୯୭୬ରେ ।

ପ୍ର:୧୭—ସାଂପ୍ରତିକ ଆଧୁନିକ ଓଡ଼ିଆ କବିତାରେ ମିଥ୍‌ର ପ୍ରୟୋଗ ଓ ପରୀକ୍ଷା ସଂପର୍କରେ ଆପଣଙ୍କର ମତ କ'ଣ ?

ଉ:—ମିଥ୍ ସମ୍ପର୍କରେ କାବ୍ୟରଚନା ତଥା ସମାଲୋଚନା ଉଭୟରେ ଖୁବ୍ ଭ୍ରମାତ୍ମକ ଦୃଷ୍ଟିଭଙ୍ଗୀ ଲକ୍ଷଣୀୟ । ମିଥିକ୍ ଚରିତ୍ର ବା ପୁରାଣର ଚରିତ୍ରଟିଏର ନାମଲେଖା କବିତା ମିଥିକ୍ ହୁଏନି । ଆଗରୁ କହିଛି ଏହା କବିତାର ସାମଗ୍ରିକ ସତ୍ତ୍ୱ ବା ଆତ୍ମାର କଥା । ସେମିତି

Digitized by srujanika@gmail.com

ସମାଲୋଚନାରେ କେତେକ ସମାଲୋଚକ ଓ କବି ଭାବନ୍ତି ସତେ ଯେମିତି ମିଥ୍ ବ୍ୟକ୍ତି-ଅନୁଭବର ପରିପନ୍ଥୀ । କାହିଁକି କିନ୍ତୁ ସ୍ପଷ୍ଟ କରିହୁଏନି ।

ପ୍ର:୧୮—ଆପଣ ଯେଉଁଭଳି ଭାବେ କବିତାରେ ମିଥ୍‌ର ପ୍ରୟୋଗ ଓ ପରୀକ୍ଷା କରିଚନ୍ତି, ପରେ ପରେ ଆଧୁନିକ ଓଡ଼ିଆ କବିଙ୍କ ଲେଖାରେ ତାହାର କୌଣସି ନିର୍ଦ୍ଦିଷ୍ଟ ଅଗ୍ରଗତି ଲକ୍ଷ୍ୟ କରିଚନ୍ତି କି ?

ଉ:-- ସମାନ୍ତର ଗତି ଦେଖିଚି ନିଶ୍ଚୟ ।

ପ୍ର:୧୯—ମିଥ୍ ପରିପ୍ରେକ୍ଷୀରେ ରମାକାନ୍ତ ରଥଙ୍କ 'ଶ୍ରୀରାଧା' ଉପରେ ଆପଣଙ୍କର ମନ୍ତବ୍ୟ କ'ଣ ?

ଉ:—'ଶ୍ରୀରାଧା'ରେ ମିଥ୍‌ର ବୃଦ୍ଧିପ୍ରାପ୍ତ ପ୍ରୟୋଗ ଦେଖୁଚି—କିନ୍ତୁ କବିତାଟିକୁ ସାମଗ୍ରିକ ଭାବେ ପଢ଼ିବାର ଅପେକ୍ଷା ରଖିଚି ।

ପ୍ର:୨୦—ଆଧୁନିକ ଓଡ଼ିଆ କବିତାକୁ ଅପରିଚ୍ଛନ୍ନତା, ଦୁର୍ବୋଧତା, ଛିନ୍ନମୂଳତା ଓ ଆଙ୍ଗିକସର୍ବସ୍ୱତାରୁ ମୁକ୍ତ କରିବା ପାଇଁ ମିଥ୍‌କୁ ଏକ ଅପରିହାର୍ଯ୍ୟ ମାଧ୍ୟମ ରୂପେ ଗ୍ରହଣ କରିବାକୁ ଆପଣ ଉଚିତ ମନେକରୁଚନ୍ତି କି ?

ଉ:—ନାଁ ଅପରିହାର୍ଯ୍ୟ ନୁହେଁ--ଏକମାତ୍ର ନୁହେଁ, ହୁଏତ ଅନ୍ୟତମ ।

□□□

Digitized by srujanika@gmail.com

ସହାୟକ ଗ୍ରନ୍ଥସୂଚୀ

୧ । Architypal Patterns in Poetry : Moud Bodkin, Oxford University Press.

୨ । Analytical Psychology : Dr. C. G. Jung & Trans H. G. & C. F. Baynes. Kegan Paul. 1928

୩ । Culture in History : E. W. Court, Ed. S. Diamond, New York, 1960.

୪ । Encyclopaedia of Poetry & Poetics, Edtd. By Elex Preminger – Griechen – Vienna & Leipzig, 1939.

୫ । Encyclopaedia of Britanica Ltd. Chicago, London, Toronto. Vol. 16

୬ । Encyclopaedia of Social Sciences, New York, 1963

୭ । Essay : Ernest Cassirer. P. 86

୮ । Fables of Identity : N. Frye, New York, 1963

୯ । Greek Tragedy & Sacrificial Ritual—Sir Walter Burket—Greek, Roman & Byzantine Studies, VII-1966.

୧୦ । Indian Myth & Legend, Donald A Mackenzic, Sona Publication, Delhi—4.

୧୧ । Myth & Symbol—Studies in Honour of Micraca Elide, Edtd, by Joseph M kitagawa & Charftt Long with the collaboration of Jeraldc. Brauer & Marshall G. S. Hodgson.

୧୨ । Mythology & the Romantic Tradition in English Poetry : Douglas Bush, Harvard University Press, Cambridge, Massachusetts.

୧୩ । Myth in Premitive Psychology : Malinovski, 1927

Digitized by srujanika@gmail.com

୯୪ । Myth : Its Meaning & Function in Ancient & other Culture—G. S. Kirk, Cambridge University Press, University of California Press, Berkeley & Losange, Sather Classical Literature, Vol-40.

୯୫ । Myth & Literatura : William Righter.

୯୬ । Myth, Ritual & Kingship : Edtd. by S. H. Hooke, Oxford, 1958

୯୭ । Patterns of Culture Ruth Benedict, Boston & New York. IV-V

୯୮ । Structure & Function in Premitive Society : A. R. Rudciffe Brown, London, 1952.

୯୯ । Standard Dictionary of Folklore : Mythology & Legend under Folktale. Edtd. by Maria L' each, New York. 1949-80

୨୦ । Selected Poetry : P. B. Shelly : Edtd. by Keville Rogers. Oxford University Press, London, Oxford, New York.

୨୧ । The New Comparative Mythology : Berkeley, 1966.

୨୨ । Totem & Taboo : S. Freud.

୨୩ । The Ritual Theology of Myth : Berkeley, 1966.

୨୪ । The Meaning of Contemporary Realism, George Lucas, P.-26

୨୫ । T. S. Eliot : The Design of his Poetry, Elizabeth Drew : Indian Reprint Doba House, Delhi-6.

୨୬ । The Idea of the Holy : Rudolf Otto, London & New York, 1950

୨୭ । 'ଅଷ୍ଟପଦୀ' : ଶ୍ରୀ ସୀତାକାନ୍ତ ମହାପାତ୍ର : ଗ୍ରନ୍ଥମନ୍ଦିର, ୧୯୬୭

୨୮ । 'ଆରଣ୍ୟକ' : ଶ୍ରୀ ସୀତାକାନ୍ତ ମହାପାତ୍ର, ବିଦ୍ୟାପୁରୀ, ୧୯୮୧

୨୯ । ଆସନ୍ତାକାଲି : ପୂଜାସଂଖ୍ୟା, ୧୯୮୧

Digitized by srujanika@gmail.com

୩୦ । ଆଧୁନିକ କାବ୍ୟଜିଜ୍ଞାସା ଓ ଚିତ୍ରକଳ୍ପ : ଶ୍ରୀ ଦାଶରଥି ଦାସ

୩୧ । ଉପସ୍ୱରିତ : ଶ୍ରୀ ସୌରୀନ୍ଦ୍ର ବାରିକ, ଅଗ୍ରଦୂତ, ୧୯୮୧

୩୨ । ଚିତ୍ରନଦୀ : ଶ୍ରୀ ସୀତାକାନ୍ତ ମହାପାତ୍ର

୩୩ । ଚୌକାଠରେ ଚିରକାଳ : ଶ୍ରୀ ରାଜେନ୍ଦ୍ର କିଶୋର ପଣ୍ଡା, ଫ୍ରେଣ୍ଡ୍ସ ପବ୍ଲିସର୍ସ, ୧୯୮୧

୩୪ । ଝଙ୍କାର : ୩୮ / ୯

୩୫ । ଦୀପ୍ତି ଓ ଦ୍ୟୁତି : ଶ୍ରୀ ସୀତାକାନ୍ତ ମହାପାତ୍ରଙ୍କ : ଗ୍ରନ୍ଥମନ୍ଦିର, ୧୯୭୩

୩୬ । ନଈ ଆଉ ମାଛ, ହଂସ ଓ ସାରସ ଡଃ. ଶରତ୍‌ଚନ୍ଦ୍ର ପ୍ରଧାନ, ଓଡ଼ିଶା ବୁକ୍ ଷ୍ଟୋର, ୧୯୭୩

୩୭ । ନିର୍ଜନ ନକ୍ଷତ୍ର : ଶ୍ରୀ ଦୀପକ ମିଶ୍ର, ଫ୍ରେଣ୍ଡ୍ସ ପବ୍ଲିସର୍ସ

୩୮ । ସମୁଦ୍ରସ୍ନାନ : ଶ୍ରୀ ଗୁରୁପ୍ରସାଦ ମହାନ୍ତି, କ୍ଲର୍କ ବୁକ୍ସ, ୧୯୭୦

୩୯ । ସଚ୍ଚି ରାଉତରାୟ ଗ୍ରନ୍ଥାବଳୀ : ଗ୍ରନ୍ଥମନ୍ଦିର, ୧୯୭୫

୪୦ । ସମାବେଶ : ମାର୍ଚ୍ଚ ୧୯୮୩, ସମାବେଶ ପ୍ରକାଶନୀ

୪୧ । ସପ୍ତମ ପୃଥିବୀ : ଶ୍ରୀ ଦୀପକ ମିଶ୍ର : ଅଗ୍ରଦୂତ ପ୍ରକାଶନୀ, ୧୯୭୭

୪୨ । ସମୁଦ୍ର : ଶ୍ରୀ ସୀତାକାନ୍ତ ମହାପାତ୍ର : ବିଦ୍ୟାପୁରୀ, ୧୯୭୭

୪୩ । ଶୈଳକଳ୍ପ : ଶ୍ରୀ ରାଜେନ୍ଦ୍ର କିଶୋର ପଣ୍ଡା : ଗ୍ରନ୍ଥମନ୍ଦିର, ୧୯୮୨

□□□

Digitized by srujanika@gmail.com